


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ............

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୭ ଜାନୁଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 17 JANUARY 2022

Vol.No. 33 ■ No. 17 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022



ପ୍ରକାଶ ଅପେକ୍ଷାରେ....

ନୂଆବର୍ଷ ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଦେଶରେ ଦିଆ ସରିଲାଣି ୧୫୭ କୋଟି ଡୋଜ୍



ନୂଆଦିଲ୍ଲୀ,୧୬/୦୧: ଦେଶରେ କରୋନା ଟିକାକରଣକୁ ପୂରିଛି ବର୍ଷେ । ଗତ ବର୍ଷ ଜାନୁଆରୀ ୧୬ ତାରିଖରେ ସାରା ଦେଶରେ ସ୍ୱାସ୍ଥ୍ୟ କର୍ମୀ ଓ ଆଗଧାଡ଼ିର କରୋନା ଯୋଦ୍ଧାଙ୍କୁ ଟିକାକରଣ ଆରମ୍ଭ ହୋଇଥିଲା । ଏହା ପରଠୁ ଦେଶରେ ଟିକାକରଣ କାର୍ଯ୍ୟକ୍ରମ ଜାରି ରହିଛି । ବର୍ତ୍ତମାନ ସୁଦ୍ଧା ଦେଶରେ ୧୫୭ କୋଟି ଡୋଜ୍ ଦିଆ ସରିଲାଣି । ହେଲେ ଦେଶର ସମସ୍ତଙ୍କୁ ଟିକାକରଣର ଲକ୍ଷ ଏପର୍ଯ୍ୟନ୍ତ ପୂରଣ ହୋଇନାହିଁ । ଦେଶରେ କରୋନାର ତୃତୀୟ ଲହର ବ୍ୟାପୁଥିବା ବେଳେ ଟିକା ନେବା ନିହାତି ଆବଶ୍ୟକ ହୋଇ ପଡ଼ିଛି । ସବୁଠୁ ବଡ଼ କଥା ହେଉଛି ଦେଶର ୮ ପ୍ରତିଶତ ଲୋକ ଏପର୍ଯ୍ୟନ୍ତ କରୋନାର ଗୋଟିଏ ବି ଡୋଜ୍ ନେଇ ନାହାନ୍ତି । ସେହିପରି ୩୧ ପ୍ରତିଶତ ଲୋକ ଟିକାର ଦୁଇଟି ଡୋଜ୍ ନେଇ ନାହାନ୍ତି । ଏହାରି ଭିତରେ ଦେଶରେ ୧୫ରୁ ୧୮ ବର୍ଷଙ୍କୁ ଟିକାକରଣ ଆରମ୍ଭ ହୋଇଛି । ଗତ ସୋମବାରଠାରୁ ବୁଷ୍ଟର ଡୋଜ୍ ଦେବା ମଧ୍ୟ ଆରମ୍ଭ ହୋଇଛି । ୩୮ ଲକ୍ଷ ଲୋକ ବୁଷ୍ଟର ଡୋଜ୍ ନେଇ ସାରିଲେଣି । ଏପଟେ ରାଜ୍ୟରେ ବର୍ଷେ ମଧ୍ୟରେ ୯୨ ପ୍ରତିଶତରୁ ସାମାନ୍ୟ ଅଧିକ ଲୋକ ନିଜର ପ୍ରଥମ ଡୋଜ୍ ନେଇ ସାରିଥିବା ୯୦ ପ୍ରତିଶତ ଉଭୟ ଡୋଜ୍ ଟିକା ନେଇ ସାରିଲେଣି । ରାଜ୍ୟରେ ଏବେ ସୁଦ୍ଧା ୫ କୋଟି ୪୦ କୋଟି ଟିକା ଦିଆଗଲାଣି ।

## ଭୁବନେଶ୍ୱର ପ୍ରେସ ଛକ ହତ୍ୟାକାଣ୍ଡରେ ୨ ଗିରଫ : ଜଣେ ଅଟକ

ଭୁବନେଶ୍ୱର,୧୬/୦୧(ନି.ପ୍ର): ଭୁବନେଶ୍ୱର ପ୍ରେସ୍ ଛକରେ ଯୁବକଙ୍କୁ ହତ୍ୟା ମାମଲାରେ ଦୁଇ ଅଭିଯୁକ୍ତଙ୍କୁ କମିଶନରେଟ୍ ପୁଲିସ୍ ଗିରଫ କରିବା ସହ ଜଣକୁ ଅଟକ ରଖି ପଚରା ଉଚରା କରୁଛି । ଏମାନେ ହତ୍ୟାରେ ବ୍ୟବହୃତ କରିଥିବା ଛୁରୀ ଓ ଅନ୍ୟାନ୍ୟ ସାମଗ୍ରୀକୁ ଜବତ କରିଛି ପୁଲିସ୍ । ଉଲ୍ଲେଖନୀୟ ଯେ ଗତକାଲିର ଘଟଣା ପରେ ଅଭିଯୁକ୍ତ ମାନେ ଫେରାର ଥିଲେ । ଶନିବାର ପ୍ରେସ ଛକ ନିକଟରେ ଏକ ଦୋକାନରେ ନିରଞ୍ଜନ ପରିଡ଼ା ଓ ବିଶାଳ ପାତ୍ରଙ୍କ ସହିତ ଅଭିଯୁକ୍ତ ମାନଙ୍କର ବଚସା ହୋଇଥିଲା । ଏହା ପରେ ଅଭିଯୁକ୍ତ ମାନଙ୍କର ଆକ୍ରମଣରେ ନିରଞ୍ଜନ ପରିଡ଼ାଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଯୁବକ ଗୁରୁତର ଭାବେ ଆହତ ହୋଇଛନ୍ତି ।

## କୋହଲିଙ୍କୁ ନେଇ ବିସିସିଆଇ ଜାରି କଲା ବିସ୍ତୃତ ବୟାନ

ନୂଆଦିଲ୍ଲୀ,୧୬/୦୧: ଦକ୍ଷିଣ ଆଫ୍ରିକାରେ ଟେଷ୍ଟ ସିରିଜ ଶେଷ ହେବା ପରେ ଟିମ ଇଣ୍ଡିଆର କ୍ୟାପଟେନସିପ ଛାଡି ସମସ୍ତଙ୍କୁ ଚମକାଇ ଦେଇଛନ୍ତି ବିରାଟ କୋହଲି । ତେବେ ଟିମ ଇଣ୍ଡିଆର ସବୁଠାରୁ ସଫଳ ଅଧିନାୟକ ବିରାଟଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛି ବିସିସିଆଇ । ଆଉ ଏହା ତାଙ୍କର ବ୍ୟକ୍ତିଗତ ନିଷ୍ପତ୍ତି ବୋଲି କହିଛି । ବର୍ତ୍ତମାନ ବିସିସିଆଇ ବିରାଟ କୋହଲିଙ୍କୁ ନେଇ ବିସ୍ତୃତ ବୟାନ ଜାରି କରିଛି । ବିସିସିଆଇ ନିଜ ବୟାନରେ କହିଛି, ବିରାଟ କୋହଲି ଭାରତୀୟ କ୍ରିକେଟ ଇତିହାସରେ ସବୁଠାରୁ ସଫଳ ଟେଷ୍ଟ କ୍ୟାପଟେନ । ଧୋନୀଙ୍କଠାରୁ ଅଧିନାୟକ ପଦ ନେବା ପରେ ୬୮ଟି ଟେଷ୍ଟ ମ୍ୟାଚରେ ଅଧିନାୟକ ଦାୟିତ୍ୱ ସମ୍ଭାଳିଥିଲେ । ଯେଉଁଥିରେ ସେ ୪୦ଟି ମ୍ୟାଚରେ ସେ ବିଜୟ ହାସଲ କରିଛନ୍ତି । ତାଙ୍କ ବିଜୟ ୫୮.୮୨ ପ୍ରତିଶତ ରହିଛି । ଅଧିନାୟକ ଭାବେ ସେ ଶେଷ ଥର ଶ୍ରୀଲଙ୍କାରେ ସିରିଜ ବିଜୟୀ ହୋଇଥିଲେ । ଆହୁରି ମଧ୍ୟ କହିଛନ୍ତି କି, ବିରାଟଙ୍କ ଅଧିନାୟକତ୍ୱରେ ଭାରତ ୨୦୧୮ରେ ଅଷ୍ଟ୍ରେଲିଆରେ ଐତିହାସିକ ବିଜୟ ହାସଲ କରିଥିଲା । ▶▶ପୃଷ୍ଠା ୭

## ପୁଲିସ ଛାଉଣି ଭିତରେ ଢିଙ୍କିଆ ଗାଁ : ବାକିଥିବା ପାନବରଜ ଉଚ୍ଛେଦକରିପାରେ ପ୍ରଶାସନ



ଭୁବନେଶ୍ୱର,୧୬/୦୧(ନି.ପ୍ର): ଆସନ୍ତାକାଲିଠୁ ଢିଙ୍କିଆରେ ପାନ ବରଜ ଉଚ୍ଛେଦ କରିପାରେ ପ୍ରଶାସନ । ପାନବରଜ ଭାଙ୍ଗିବା ବେଳେ ଗାଁ ଲୋକେ ବିରୋଧ କରିବାରୁ ପ୍ରଶାସନ ପାନବରଜ ଉଚ୍ଛେଦ ଉପରେ ରୋକ୍ ଲଗାଇଛି । ଲୋକଙ୍କ ସହ ମୁହାଁମୁହିଁ ହେବାବେଳେ ଉତେଜନା ସୃଷ୍ଟି ହେବାପରେ ଗାଁରେ ଏବେ ପଇଁତରା ମାରୁଛି ପୁଲିସ । ଅନ୍ୟପଟେ ଗିରଫଦାରୀ ଭୟରେ ଖାଲି ହୋଇଯାଇଛି ଗାଁ । ଲୋକେ ଘର ଛାଡି ବିଲରେ ଲୁଚି ରହିଛନ୍ତି । ପାନବରଜ ଉଚ୍ଛେଦ ବେଳେ ଗ୍ରାମବାସୀ ଓ ପୁଲିସ ମଧ୍ୟରେ ହୋଇଥିବା ଧସ୍ତାଧସ୍ତି ଓ ମାରପିଟ୍ ଘଟଣାରେ ୮ଜଣଙ୍କୁ ଗିରଫ କରାଯାଇଛି । ଲୋକେ ବିଲରେ ଲୁଚିଥିବା ଦେଖିବାକୁ ମିଳିଛି । ପ୍ରାୟ ଦୁଇ ମାସର ଛକାପଂଝା ପରେ ଏବେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି ଅନୁମାନ କରାଯାଉଛି ପ୍ରକଳ୍ପ ବିରୋଧୀ ଗଡ ଢ଼ିଙ୍କିଆରେ ସ୍ୱର ନରମିଛି । ଆଉ ନେତା ଗିରଫ ହେବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି । ସେପଟେ ପୁଲିସର ଲାଠିମାଡ ପରେ ରାଜନୈତିକ ମହଲରେ ଏହାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି । ନେତା କହିଛନ୍ତି, ଏଭଳି ମାଡ ମାରି ଶିଳ୍ପ ପ୍ରତିଷ୍ଠା କରାଯାଇ ପାରିବ ନାହିଁ । କେବଳ ଆଲୋଚନା ହିଁ ଏକ ମାତ୍ର ରାସ୍ତା ବୋଲି ମତ ଦେଇଛନ୍ତି ।

## ଆଜି ଓଡିଶା ଆସିବ ଓମିସିଓର କିଟ୍

ଭୁବନେଶ୍ୱର,୧୬/୦୧(ନି.ପ୍ର): ଆସନ୍ତାକାଲି ଓଡ଼ିଶା ଆସିବ ଓମିସିଓର କିଟ୍ । ମେଡିକାଲ ଆଣ୍ଡ ଡାଇଗ୍ନୋଷ୍ଟିକ୍ସ ଲିମିଟେଡ (ଟାଟା ଏମଡି) ଦ୍ୱାରା ପ୍ରସ୍ତୁତ ଏହି କିଟର ପ୍ରଥମ ଅର୍ଡର ସୋମବାର ଆସିବ । ଟାଟା ଏମଡି ଓଡ଼ିଶାକୁ ଏହି କିଟ ଦେବାକୁ ଥିବାବେଳେ ଏହାର ବ୍ୟବହାର ଫଳରେ ଆଉ ଜିନମ ସିକ୍ୱେନ୍ସିଂର ଆବଶ୍ୟକତା ପଡିବନି । କିଛି ଦିନ ତଳେ ଓମିକ୍ରନ ସହ ଲଢ଼ିବା ପାଇଁ ଟାଟା ପ୍ରସ୍ତୁତ କରିଥିବା ଟେଷ୍ଟିଂ କିଟ୍ ଓମିସିଓରକୁ ମଞ୍ଜୁରୀ ପ୍ରଦାନ କରିଥିଲା ଆଇସିଏମଆର । ଆଉ ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ଓମିସିଓର କିଟ କିଣିବା ପାଇଁ ଅର୍ଡର ଦେଇଥିଲା । ଓଡିଶା ଷ୍ଟେଟ ମେଡିକାଲ କର୍ପୋରେସନ ଲିମିଟେଡ (ଓଏସଏମସିଏଲ) ୫ଲକ୍ଷ ପରୀକ୍ଷା କିଟ୍ ପାଇଁ ପାଇଁ ଟାଟା ଏମଡିକୁ ଅର୍ଡର ଦେଇଥିଲା । ଏହି କିଟ ଆସିବା ଦ୍ୱାରା ସ୍ୱାସ୍ଥ୍ୟ ବିଭାଗକୁ ଲୋକଙ୍କ ନମୁନା ଜିନୋମ ସିକ୍ୟୁଏନ୍ସିଂ ପାଇଁ ପଠାଇବାକୁ ପଡ଼ିବ ନାହିଁ । ଏହି କିଟ୍ ଦ୍ୱାରା ଲୋକେ ଓମିକ୍ରନ ଆକ୍ରାନ୍ତ କି ନାହିଁ ଜଣାପଡ଼ିଯିବ । ଭାରତରେ ଓମିକ୍ରନ୍ ଭାରିଆଣ୍ଟକୁ ଚିହ୍ନଟ କରିବା ପାଇଁ ବ୍ୟବହୃତ ହେଉଥିବା କିଟ୍ ଆମେରିକାର ଥର୍ମୋ ଫିସର କମ୍ପାନି ବିକଶିତ କରିଛି । ଭାରିଆଣ୍ଟକୁ ଚିହ୍ନିବା ପାଇଁ ଏହା ଏସ ଜିନ୍ ଟାର୍ଗେଟ୍ ଫେଲିଓର ଷ୍ଟ୍ରୋଟେଜି (ଏସଜିଟିଏଫ) ପ୍ରକ୍ରିୟା ବ୍ୟବହାର କରୁଛି । ତେବେ ଆଇସିଏମଆର ଟାଟାର ଯେଉଁ କିଟ୍‌କୁ ମଞ୍ଜୁରୀ ପ୍ରଦାନ କରିଛି, ତାହାର ସଂପୂର୍ଣ୍ଣ ନାମ ଟାଟା ଏମଡି ଚେକ୍ ଆରଟି-ପିସିଆର ଓମିସିଓର ରହିଛି ।

## ମାଡୁଛି କରୋନା, ଦେଶରେ ୩ ଲକ୍ଷ ମୁହାଁ ଦୈନିକ ସଂକ୍ରମଣ



ନୂଆଦିଲ୍ଲୀ,୧୬/୦୧: ଦେଶରେ ଲଗାମ ଛଡା ହୋଇଛି ମାହାମରୀ କରୋନା । ଦିନକୁ ଦିନ ବଢ଼ି ଚାଲିଛି କରୋନା ଗ୍ରାଫ । ସଂକ୍ରମିତଙ୍କ ସଂଖ୍ୟାରେ ଲାଗୁନି ବ୍ରେକ । ପ୍ରଥମେ ଦେଶରେ ଲକ୍ଷେ, ତା'ପରେ ଦୁଇ ଲକ୍ଷ ଆଉ ଏବେ ୩ ଲକ୍ଷ ମୁହାଁ ହୋଇଛି କରୋନା ଆକ୍ରାନ୍ତଙ୍କ ସଂଖ୍ୟା । ୨୪ ଘଣ୍ଟା ମଧ୍ୟରେ ଦେଶରେ ୨ଲକ୍ଷ ୭୧,୨୦୨ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏନେଇ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଟ୍ୱିଟ୍ କରି ସୂଚନା ଦେଇଛି । ଏହାକୁ ମିଶାଇ ଦେଶରେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୧୫ ଲକ୍ଷ ଡେଇଁଛି । ବର୍ତ୍ତମାନ ସୁଦ୍ଧା ଦେଶରେ ପ୍ରାୟ ୧୫ଲକ୍ଷ ୫୦ ହଜାର ୩୭୭ କରୋନା ରୋଗୀଙ୍କ ଚିକିତ୍ସା ଚାଲିଛି । ଅନ୍ୟପଟେ ଦେଶରେ ପଜିଟିଭିଟି ରେଟ୍ ଶନିବାର ତୁଳନାରେ କମ୍ ରହିଛି । ଶନିବାର ପଜିଟିଭିଟି ରେଟ୍ ୧୬.୬୬% ରେକର୍ଡ କରାଯାଇଥିବା ବେଳେ ରବିବାର ୧୬.୨୮ ରେକର୍ଡ ହୋଇଛି । ସେହିପରି ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୧ଲକ୍ଷ ୩୮ ହଜାର ୩୩୧ ଜଣ କରୋନାକୁ ମାତ୍ ଦେଇଛନ୍ତି । ସେମାନେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଏହାକୁ ମିଶାଇ ସମୁଦାୟ ସୁସ୍ଥ ସଂଖ୍ୟା ୩,୫୦,୮୫,୭୨୧ରେ ପହଞ୍ଚିଛି । ସେହିପରି ୨୪ ଘଣ୍ଟା ମଧ୍ୟରେ ୩୧୪ ଜଣ କରୋନାରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଛନ୍ତି । ସେହିପରି କରୋନାର ନୂଆ ଭାରିଏଣ୍ଟ ଓମିକ୍ରନ୍ ମାମଲା ୨୮.୧୭ ପ୍ରତିଶତ ବଢ଼ିଛି । ଦେଶରେ ବର୍ତ୍ତମାନ ସୁଦ୍ଧା ୭,୭୪୩ଟି ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ପଂଚାୟତ ନିର୍ବାଚନ ପରିଚାଳନା ପାଇଁ ୭ ଜଣିଆ କମିଟି ଘୋଷଣା କଲା ବିଜେପି

ଭୁବନେଶ୍ୱର,୧୬/୦୧(ନି.ପ୍ର): ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ସୁପରିଚାଳନା ପରିପ୍ରେକ୍ଷୀରେ ରାଜ୍ୟ ବିଜେପି ସଭାପତି ଶ୍ରୀ ସମୀର ମହାନ୍ତି ଏକ ସାତ ଜଣିଆ ରାଜ୍ୟସ୍ତରୀୟ ନିର୍ବାଚନ ପରିଚାଳନା କମିଟି ଘୋଷଣା କରିଛନ୍ତି । ଏହି କମିଟିରେ ପୂର୍ବତନ ରାଜ୍ୟ ସଭାପତି, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସାଂସଦ ଶ୍ରୀ ଜୁଏଲ ଓରାମ, ପୂର୍ବତନ ରାଜ୍ୟ ସଭାପତି ତଥା ସାଂସଦ ବସନ୍ତ ପଣ୍ଡା, ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଧାୟକ ଜୟ ନାରାୟଣ ମିଶ୍ର, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ, ରାଜ୍ୟ ଉପ ସଭାନେତ୍ରୀ ଅନିତା ଶୁଭଦର୍ଶୀନି, ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର ଏବଂ ବିଜେପି ପଂଚାୟତରାଜ ବିଭାଗ ରାଜ୍ୟ ସଂଯୋଜକ ଶଙ୍କର୍ଷଣ ପରିଡ଼ା ସଦସ୍ୟ ଅଛନ୍ତି ।

## ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବର୍ମିଂହାମ୍ ୨୦୨୨ କମନ୍ ୱେଲଥ୍ ଗେମ୍ସ ରାଣୀଙ୍କ ବ୍ୟାଟନ୍ ରିଲେକୁ କଲେ ସ୍ୱାଗତ

ଭୁବନେଶ୍ୱର, ୧୬/୦୧(ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବର୍ମିଂହାମ୍ ୨୦୨୨ କମନ୍ ୱେଲଥ୍ ଗେମ୍ସ ରାଣୀଙ୍କ ବ୍ୟାଟନ୍ ରିଲେକୁ କଲେ ସ୍ୱାଗତ କରିଛନ୍ତି । ସେ ଓଡ଼ିଶାକୁ ଏହାକୁ ସ୍ୱାଗତ କରି କହିଛନ୍ତି କମନ୍‌ୱେଲଥ୍ ଗେମ୍ସର ସର୍ବୋତମ ପରମ୍ପରା ମଧ୍ୟରୁ ରାଣୀଙ୍କ ବ୍ୟାଟନ୍ ରିଲେ ଅନ୍ୟତମ ଏବଂ ଏହା ଓଡ଼ିଶା ପାଇଁ ଏକ ଗୌରବର ବିଷୟ ।

## ସିରିଜ ଦୁର୍ଘଟଣା: ଜଣେ ମୃତ : ୭ ଗୁରୁତର

ଭୁବନେଶ୍ୱର,୧୬/୦୧(ନି.ପ୍ର): ଗଜପତି ଜିଲ୍ଲା ମୋହନା ବ୍ଲକ ଅଧିନ ଅଡ଼ବା ଥାନା ଅଞ୍ଚଳରେ ଆଜି ଅପରାହ୍ନରେ ସିରିଜ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣା ଯୋଗୁଁ ଘଟଣାସ୍ଥଳରେ ହିଁ ଜଣଙ୍କର ମୃତ୍ୟୁ ?ଘଟିଥିବା ବେଳେ ଅନ୍ୟ ୭ଜଣଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସୂଚନା ଅନୁସାରେ ଗୁଡ଼ାନାଲି ଗାଁ ନିକଟରେ ଦୁଇଟି ଅଟୋ ସହିତ ବାଇକ୍‌ର ଧକ୍କା ହୋଇଛି । ବାଇକ ଚାଳକ ନିୟନ୍ତ୍ରଣ ହରାଇ ଅଟୋକୁ ଧକ୍କା କରିଛନ୍ତି । ଅପରାହ୍ନ ପ୍ରାୟ ୩ଟା ୧୫ ?ରେ ଏହି ଘଟଣା ଘଟିଛି । ଘଟଣାସ୍ଥଳରେ ହିଁ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି । ସ୍ଥାନୀୟ ଲୋକଙ୍କର ସହାୟତରେ ସମସ୍ତ ୭ ଜଣ ଗୁରୁତରଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

## ଦାବି ପୂରଣ ନହେଲେ ବିରୋଧ ଦିବସ ପାଳନ କରିବେ ଚାଷୀ



ନୂଆଦିଲ୍ଲୀ,୧୬/୦୧: କେନ୍ଦ୍ର ସରକାର ଏମଏସପିକୁ ନେଇ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା କରି ନାହାନ୍ତି । ଯଦି କେନ୍ଦ୍ର ସରକାର ଦାବି ପୂରଣ ନକରିବେ ତାହେଲେ ଜାନୁଆରୀ ୩୧ରେ ଚାଷୀ ମାନେ ବିରୋଧ ଦିବସ ପାଳନ କରିବେ ବୋଲି ଚେତାବନୀ ଦେଇଛନ୍ତି । ସେହିପରି ଫେବୃଆରୀ ୧ରୁ ୟୁପିରେ ଭାରତୀୟ କିଷାନ ୟୁନିଅନ ଆନ୍ଦୋଳନ କରିବ ବୋଲି ଚେତାବବୀ ଦେଇଛି । ଡିସେମ୍ବରରେ ତିନି କୃଷି ଆଇନ୍ ସଂସଦରେ ରଦ୍ଦ ହେବା ପରେ ଦିଲ୍ଲୀ ସୀମାରୁ ଆନ୍ଦୋଳନ ପ୍ରତ୍ୟାହାର କରିଥିଲେ ଚାଷୀ । ଏହାପରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ଭାରତୀୟ କିଷାନ ୟୁନିଅନ୍ ବୈଠକ କରିଥିଲା । ଏହି ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଚାଷୀ ନେତା ଆଲୋଚନା କରିଥିଲେ । ୟୁପି, ପଞ୍ଜାବ ସମେତ ୫ ରାଜ୍ୟରେ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ଚାଲଛି । ଏହି ସମୟରେ ଭାରତୀୟ କିଷାନ ୟୁନିଅନର ଏପରି ଚେତାବନୀ ଆଗାମୀ ଦିନରେ ୟୁପିରେ ଶାସକ ବିଜେପି ପାଇଁ ଅଡୁଆ ସୃଷ୍ଟି କରିପାରେ । ଅନ୍ୟପଟେ ଜାନୁଆରୀ ୨୧ରେ ୟୁପିର ଲଖିମପୁର ଖେରୀ ଯିବେ ବୋଲି କହିଛନ୍ତି ଭାରତୀୟ କିଷାନ ୟୁନିଅନର ନେତା ରାକେଶ ଟିକାୟତ । ୩-୪ ଦିନ ସେ ଲଖିମପୁରରେ ଡେରା ପକାଇବେ ବୋଲି କହିଛନ୍ତି । ଏହି ସମୟରେ କେନ୍ଦ୍ର ଗୃହରାଜ୍ୟ ମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରାଙ୍କ କାରରେ ଚାପି ହୋଇ ଦୁର୍ଘଟଣାର ଶିକାର ହୋଇଥିବା ଚାଷୀଙ୍କ ପରିବାରକୁ ଭେଟିବେ ରାକେଶ ଟିକାୟତ ।

## ଗୋଆରେ ସାଙ୍ଗ ହୋଇ ଲଢିବେ ଆପ୍-ଏନସିପି : ସଞ୍ଜୟ ରାଓ୍ୱତ



ନୂଆଦିଲ୍ଲୀ,୧୬/୦୧: ଶିବସେନା ଏବଂ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନସିପି) ଆଗାମୀ ଗୋଆ ବିଧାନସଭା ନିର୍ବାଚନରେ ମେଣ୍ଟ କରି ମିଳିତ ଭାବେ ଲଢ଼ିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ଶିବସେନା ନେତା ତଥା ସାଂସଦ ସଞ୍ଜୟ ରାଓ୍ୱତ ରବିବାର ଦିନ କହିଛନ୍ତି । ଗଣମାଧ୍ୟମ ସହିତ କଥାବାର୍ତ୍ତା କରି ଶିବସେନା ନେତା ସଞ୍ଜୟ ରାଓ୍ୱତ କହିଛନ୍ତି, ଗୋଆ ବିଧାନସଭା ନିର୍ବାଚନରେ ଶିବସେନା ଏବଂ ଏନସିପି ଏକାଠି ପ୍ରତିଦ୍ୱନ୍ଦ୍ୱିତା କରିବେ । ଜାନୁଆରି ୧୮ରେ ଆସନ ଭାଗବଣ୍ଟା ଉପରେ ଆଲୋଚନା ହେବ । ଏନସିପିର ବରିଷ୍ଠ ନେତା ପ୍ରଫୁଲ ପଟେଲ ଜାନୁଆରି ୧୮ ରେ ଗୋଆରେ ଆସନ ଭାଗବଣ୍ଟା ଫର୍ମୁଲା ଉପରେ ଆଲୋଚନା କରିବେ । ଏହା ପରେ ହିଁ କିଏ କେତେ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବ ତାହା ସ୍ପଷ୍ଟ ହେବ । ମହାରାଷ୍ଟ୍ର ଏବଂ ଗୋଆରେ ରାଜନୈତିକ ଗତିଶୀଳତା ଭିନ୍ନ । ଏନସିପି, ଶିବସେନା, କଂଗ୍ରେସ ମହାରାଷ୍ଟ୍ରରେ ମିଳିତ ମଞ୍ଚରେ ଅଛନ୍ତି । ତେବେ ଏହି ସମୟରେ କଂଗ୍ରେସ ରାଜ୍ୟର ଅନ୍ୟ କୌଣସି ଦଳ ସହ ମେଣ୍ଟ ନକରି ଏକାକୀ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ନିଷ୍ପତ୍ତି ନେଇଛି ବୋଲି ସେ କହିଛନ୍ତି । ଫେବୃଆରି ୧୪ରେ ଗୋଆ ନିର୍ବାଚନ ଗୋଟିଏ ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଯାଉଛି । ମାର୍ଚ୍ଚ ୧୦ରେ ଭୋଟ୍ ଗଣନା ଅନୁଷ୍ଠିତ ହେବ ।

## କୋରାପୁଟ ଲକ୍ଷ୍ମୀପୁର ଷ୍ଟେଟବ୍ୟାଙ୍କରୁ ଚୋରି ଘଟଣାର ପର୍ଦ୍ଦାଫାଶ

ଭୁବନେଶ୍ୱର,୧୬/୦୧(ନି.ପ୍ର): କୋରାପୁଟ ଲକ୍ଷ୍ମୀପୁର ଷ୍ଟେଟବ୍ୟାଙ୍କରୁ ଚୋରି ସୁନାର ହେଲା ପର୍ଦ୍ଦାଫାଶ । ସୁନା ଚୋରୀର ପରଦା ହଟାଇଲା ଲକ୍ଷ୍ମୀପୁର ପୋଲିସ । ୧ କେଜି ୧୮୯ ଗ୍ରାମ ସୁନା ଜବତ କରିଛି ପୋଲିସ । ପୂର୍ବତନ କର୍ମଚାରୀ ଶେଖର କୁଳଦୀପିଆ ଏହି ସୁନା ଚୋରୀ କରିଥିଲେ । ସମ୍ପୃକ୍ତ କର୍ମଚାରୀ କେମିତି ଚୋରୀ କରିଥିଲେ ସେନେଇ ସବିଶେଷ ସୂଚନା ଦେଇଛି ପୋଲିସ । ତେବେ ବଳକା ସୁନାକୁ ବିକ୍ରି କରି ନିଜ ନାଁରେ ଜମି କିଣିବା ସହ କିଛି ନଗଦ ଟଙ୍କା ପାଖରେ ରଖିଥିଲା ଲୁଟେରା । ୨ ଲକ୍ଷ ୯୫ ହଜାର ନଗଦ ଟଙ୍କା ଓ ଜମିର କାଗଜ ପତ୍ର ଜବତ କରିଛି ପୋଲିସ । ଏନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି କୋରାପୁଟ ଏସପି । ନାରାୟଣପାଟଣା ବିକ୍ରମପୁର ଅଂଚଳର ଏହି କର୍ମଚାରୀଙ୍କ ଘରୁ ଚୋରୀ ସୁନା ଜବତ ହୋଇଛି । ପୁଲିସ ସିସିଟିଭି ଆଧାରରେ କର୍ମଚାରୀଙ୍କ ଘରେ ଚଢାଉ କରିଥିଲା । ରାତି ସାରା ବ୍ୟାଙ୍କରେ ଲୁଟ୍ କରିଥିଲେ ସମ୍ପୃକ୍ତ କର୍ମଚାରୀ । ଗ୍ରାହକ ହିସାବରେ ଯାଇ ସର୍ଭର ରୁମରେ ଲୁଚି ରହି ଚୋରୀ କରିଥିବା ସୂଚନା ଦେଇଛି ପୋଲିସ । ନଭେମ୍ବର ୩୦ ତାରିଖରେ ସୁନା ଚୋରି ହୋଇଥିଲା । କୋରାପୁଟ ଲକ୍ଷ୍ମୀପୁର ଷ୍ଟେଟବ୍ୟାଙ୍କ ଲକରରୁ ୧ କେଜି ୬୧୦ ଗ୍ରାମ ସୁନା ଗାଏବ ହୋଇଯାଇଥିଲା । ଏହାର ମୂଲ୍ୟ ପ୍ରାୟ ଦେଢ କୋଟି ହେବ । ଏ ନେଇ ସଂପୃକ୍ତ ବ୍ୟାଙ୍କ ପରିଚାଳକ ଶୁକ୍ରବାର ଦିନ ଥାନାରେ ଏତଲା ଦେଇଥିଲେ । କର୍ମଚାରୀ ଜଣଙ୍କ ୨୧ ପ୍ୟାକେଟ୍ ସୁନା ଚୋରୀ କରିଥିବା ପୋଲିସ ସୂଚନା ଦେଇଛି ।

## ପୁଣି ଫେରୁଛି ହାଡଭଙ୍ଗା ଶୀତ : ରାଜ୍ୟରେ ଆଜିଠୁ ଶୁଖିଲା ରହିବ ପାଗ



ଭୁବନେଶ୍ୱର,୧୬/୦୧(ନି.ପ୍ର): ପଶ୍ଚିମା ଝଡ଼ ତଥା ନିମ୍ନ ଚାପରେଖା ଯୋଗୁଁ ଗତ ୯ ତାରିଖରୁ ରାଜ୍ୟରେ ?ଲାଗି ରହିଥିବା କୋହଲା ପାଗରେ ପରିବର୍ତ୍ତନ ଘଟିଛି । ଆଜିଠାରୁ ରାଜ୍ୟର ପାଗ ଶୁଖିଲା ଓ ଖରାଟିଆ ରହିବ । ଶୀତ ବଢ଼ିବ ଓ କୁହୁଡ଼ି ବି ପଡ଼ିବ । ଆସନ୍ତା ୩ ଦିନରେ ରାଜ୍ୟର ତାପମାତ୍ରା ପ୍ରାୟ ୪ ଡିଗ୍ରି ପର୍ଯ୍ୟନ୍ତ ତଳକୁ ଖସିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର କହିଛି । କେନ୍ଦ୍ର କହିଛି ଯେ ଗତ ୨୪ ଘଣ୍ଟାରେ ଆଭ୍ୟନ୍ତରୀଣ ଓଡ଼ିଶାର ଜିଲ୍ଲାଗୁଡ଼ିକର ଅଧିକାଂଶ ସ୍ଥାନରେ ଓ ଉପକୂଳ ଓଡ଼ିଶାର କିଛି କିଛି ସ୍ଥାନରେ ହାଲୁକାରୁ ମଧ୍ୟମଧରଣର ବର୍ଷା ହୋଇଛି । ସର୍ବାଧିକ ବର୍ଷା ଝାରସୁଗୁଡ଼ା ଜିଲ୍ଲା ଲଇକେରାରେ ୪୮.୬ ମିମି ଓ କେନ୍ଦୁଝର ଜିଲ୍ଲା ଚମ୍ପୁଆରେ ୪୩.୮ ମିମି ରେକର୍ଡ ହୋଇଛି । ସର୍ବନିମ୍ନ ତାପମାତ୍ରା ସମତଳ ଅଞ୍ଚଳଗୁଡ଼ିକ ମଧ୍ୟରେ କେନ୍ଦୁଝରରେ ୧୩.୮ ଡିଗ୍ରି ଓ ପାହାଡ଼ିଆ ▶▶ପୃଷ୍ଠା ୭

# ବରଣ୍ଡୁଆ ସରପଞ୍ଚ ବଣ୍ଟନ କଲେ ଟ୍ରାଇ ସାଇକେଲ



ବାସୁଦେବପୁର,୧୬/୧ (ନି.ପ୍ର): ବାସୁଦେବପୁର ବ୍ଲକର ବରଣ୍ଡୁଆ ପଂଚାୟତ ର ରତାଙ୍ଗ ଗ୍ରାମର ଶାରୀରିକ ଭିନ୍ନକ୍ଷମ ବ୍ୟକ୍ତି ପ୍ରହ୍ଲାଦ ନାୟକଙ୍କୁ ବରଣ୍ଡୁଆର ସରପଞ୍ଚ ବସନ୍ତ ମଞ୍ଜରୀ ବିଶ୍ୱାଳ ଓ ପୂର୍ବତନ ସରପଞ୍ଚ ନଗେନ୍ଦ୍ର ବିଶ୍ୱାଳ ତିନି ଚକିଆ ସାଇକେଲ ବଣ୍ଟନ କରିଛନ୍ତି । ଏହି ସାଇକେଲ ପାଇବା ପରେ ଶ୍ରୀ ନାୟକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେଇଛନ୍ତି ଓ ସରପଞ୍ଚଙ୍କୁ କୃତଜ୍ଞତା ଜଣାଇଛନ୍ତି । ଗରିବ ପରିବାରର ଜନ୍ମଗ୍ରହଣ କରି ଓଡ଼ିଶା ସରକାରଙ୍କ ସାହାଯ୍ୟ ପାଇ ଶ୍ରୀ ନାୟକ ଆଗେଇ ଚାଲିଛନ୍ତି ।

# ନିର୍ମାଣାଧୀନ ଘର ଭିତରୁ ୧୦ କ୍ୱିଂଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ: ଜଣେ ଗିରଫ

ଗଞ୍ଜାମ,୧୬/୧ (ନି.ପ୍ର): ବ୍ରହ୍ମପୁର ଲାଞ୍ଜିପଲ୍ଲି ଜାତୀୟ ରାଜପଥ ନିକଟ ଏକ ନିର୍ମାଣାଧୀନ ଘର ଉପରେ ଆଜି ସକାଳେ ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ୧୦ କ୍ୱିଂଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ ହୋଇଛି । ଜାତୀୟ ରାଜପଥ କଡ଼ ଢ଼ାବା ନିକଟରେ ଥିବା ଏହି ନିର୍ମାଣାଧୀନ ଘର ମଧ୍ୟରେ ଗଞ୍ଜେଇ ରଖି ବାହାରକୁ ଚାଲାଣ ଉଦ୍ୟମ ବେଳେ ଏହାକୁ ଜବତ କରିଛନ୍ତି ବିଭାଗୀୟ କର୍ମଚାରୀ ମାନେ । ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି । ଅନ୍ୟ ଜଣେ ଚମ୍ପଟ୍ ମାରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ଜିତେନ୍ଦ୍ର ଉଦାରସିଂ । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ କୋଟିଏରୁ ଉର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି । ଏହି ଗଞ୍ଜେଇ ଗଜପତି ଜିଲ୍ଲାର ଅଡ଼ବାରୁ ଉତରପ୍ରଦେଶ ରାଜ୍ୟକୁ ଚାଲାଣ କରାଯାଉଥିବା ବେଳେ ଧରାପଡିଛି ।

# ସଂକ୍ରାମକ ରୋଗ ଚିକିତ୍ସା ପାଇଁ ଡାକ୍ତରଙ୍କୁ ତାଲିମ

କେନ୍ଦ୍ରାପଡ଼ା,୧୬/୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ବ୍ଲକ ସ୍ତରର ଡାକ୍ତର ଓ ଅନ୍ୟ ନୂତନ ନିଯୁକ୍ତ ଡାକ୍ତର ମାନଙ୍କୁ ସଂକ୍ରାମକ ରୋଗ ଆ।ଇ.ଏଚ.ଆ।ଇ.ଫି- (ଆଇ.ଡି.ଏସ.ପି) ଚିକିତ୍ସା ପାଇଁ ଦିନିକିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଋତୁ ପରିବର୍ତନ ସହ ଜନ ସାଧାରଣଙ୍କ ମଧ୍ୟରେ ଦେଖା ଦେଉଥିବା ଡାଇରିଆ, ଡେଙ୍ଗୁ, ମ୍ୟାଲେରିଆ, ଡିପଥେରିଆ (ଗଳଗଣ୍ଡ), ଶ୍ୱାସରୋଗ, ଏ.ଆର.ଆଇ, ମିଳିମିଳା, ଟିଟାନସ (ଧନୁଷ୍ଟଙ୍କାର), ଚିକନଗୁନିଆ, ଥାଲାସମିଆ, କଳାଜ୍ୱର ପ୍ରଭୃତି ୨୪ ପ୍ରକାର ରୋଗର ଚିକିତ୍ସା ପାଇଁ ତାଲିମ ପ୍ରଦାନ କରାଯାଇଛି । ପ୍ରାଥମିକ ଅବସ୍ଥାରେ ରୋଗ ଚିହ୍ନଟ ସହ ଆବଶ୍ୟକୀୟ ନିଦାନ ଦେଇ ଚିକିତ୍ସା କରି ସାମୁହିକ ସଂକ୍ରମଣରୁ ସୁରକ୍ଷା ପ୍ରଦାନ ପାଇଁ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା । ଡାକ୍ତର ମିର୍ଜା ବାବର ବେଗ, ଡାକ୍ତର ସଚିଦାନନ୍ଦ ମିଶ୍ର, ମହାମାରୀ ବିଶେଷଜ୍ଞ ଡାକ୍ତର ସୁଶାନ୍ତ କୁମାର ପଟ୍ଟନାୟକ, ଡାଟା ମ୍ୟାନେଜର ଜ୍ୟୋତି ରଞ୍ଜନ ରାଉତ, ସୟଦ ମନସୁର ରହିମ, ମାଇକ୍ରୋ ବାୟୋଲୋଜିଷ୍ଟ ସତ୍ୟ ନାରାୟଣ ସିଂହ ପ୍ରମୁଖ ଏହି ଦିନିକିଆ ଶିବିରରେ ତାଲିମ ପ୍ରଦାନ କରିଥିଲେ ।

# ଦେବୀପ୍ରସନ୍ନ ଅଭିନନ୍ଦନ ଗ୍ରନ୍ଥ 'ହୃଦୟଲୋକ' ଲୋକାର୍ପିତ

ବ୍ରହ୍ମପୁର,୧୬/୧ (ନି.ପ୍ର): ପ୍ରଫେସର୍ ଦେବୀପ୍ରସନ୍ନ ପଟ୍ଟନାୟକ ଅଭିନନ୍ଦନ ସମିତି ପକ୍ଷରୁ ଏଥେନା ବୁକ୍ସ ଦ୍ୱାରା ପ୍ରକାଶିତ ଦେବୀପ୍ରସନ୍ନ ଅଭିନନ୍ଦନ ଗ୍ରନ୍ଥ 'ହୃଦୟଲୋକ' ଶୁକ୍ରବାର ସନ୍ଧ୍ୟାରେ ଏକ ସଂକ୍ଷିପ୍ତ ଭାବଗମ୍ଭୀର ବାତାବରଣ ମଧ୍ୟରେ ଲୋକାର୍ପିତ ହୋଇଯାଇଛି । ସମ୍ପୂର୍ଣ୍ଣ କୋଭିଡ୍ ନିୟମ ଅନୁପାଳନ ପୂର୍ବକ ପବିତ୍ର ମକର ସଂକ୍ରାନ୍ତି ଅବସରରେ ସ୍ଥାନୀୟ ଉତ୍କଳ ଆଶ୍ରମ ସଭାଗୃହରେ ଉଭୟ ନଭ-ସଂଚାରି ମାଧ୍ୟମ ଓ କତିପୟ ଦେବୀପ୍ରସନ୍ନ ଅନୁରାଗୀଙ୍କ ଉପସ୍ଥିତିରେ ଆୟୋଜିତ ଏହି ପାଠକାର୍ପଣ ପର୍ବର ସଂଯୋଜନା କରାଯିବା ସଙ୍ଗେ ସଙ୍ଗେ ପ୍ରାକ୍-ସୂଚନା ପ୍ରଦାନ କରିଥିଲେ ଶାନ୍ତି ନିକେତନ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ସହକାରୀ ପ୍ରଫେସର୍ ଡ. ଶରତ କୁମାର ଜେନା ।

ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତର ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର୍ ପ୍ରସନ୍ନ କୁମାର ସ୍ୱାଇଁ, ଅବସରପ୍ରାପ୍ତ ଅଧକ୍ଷ ଡ. ବନମାଳୀ ପାଣିଗ୍ରାହୀ, ଇଚ୍ଛାପୁର ମହାବିଦ୍ୟାଳୟ ଅଧକ୍ଷ ଡ. ସୁଶାନ୍ତ ଜେନା, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଦକ୍ଷିଣାଂଚଳ ଉପସଚିବ ଡ. କୁଳମଣି ଓଝା, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ସହକାରୀ ପ୍ରଫେସର୍ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ, ଇଚ୍ଛାପୁର ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ଡ. ରାଜେନ୍ଦ୍ର ତ୍ରିପାଠୀ, ଡଲଫିନ୍ କୋରିୟର୍ ସ୍ୱତ୍ୱାଧିକାରୀ ଡ. କାହ୍ନୁଚରଣ ସାହୁ ଓ ନାଟ୍ୟାଭିନେତା ନଳିନୀକାନ୍ତ ଗୌଡ଼ ପ୍ରମୁଖ ଉପସ୍ଥିତ ରହି ୪୨୪ ପୃଷ୍ଠା ବିଶିଷ୍ଟ ଅଭିନନ୍ଦନ ଗ୍ରନ୍ଥ 'ହୃଦୟଲୋକ'ର ଆନୁଷ୍ଠାନିକ ଭାବେ ଲୋକାର୍ପଣ କରିଥିଲେ ।

ଏହି ଅବସରରେ ଆମନ୍ତ୍ରିତ ଅତିଥି ଓ ଦେବୀପ୍ରସନ୍ନ ଅନୁରାଗୀ ଅଧ୍ୟାପକ, ଗବେଷକ ଓ ଛାତ୍ରଛାତ୍ରୀମାନେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତର ଓଡ଼ିଆ ବିଭାଗର ଅବସରପ୍ରାପ୍ତ ପ୍ରଫେସର୍ ଦେବୀପ୍ରସନ୍ନ ପଟ୍ଟନାୟକଙ୍କ ବ୍ୟକ୍ତିଗତ, ଶୈକ୍ଷିକ ଓ ସାରସ୍ୱତ ଜୀବନ ସହିତ ସାରସ୍ୱତ କୃତି ଓ କୃତିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ ।

ପ୍ରଫେସର୍ ଦେବୀପ୍ରସନ୍ନ ପଟ୍ଟନାୟକଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ସମ୍ପର୍କରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଓଡ଼ିଆ ପ୍ରଫେସର୍ ନାରାୟଣ ସାହୁ, ଫକୀରମୋହନ ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳପତି ପ୍ରଫେସର୍ ଶିବପ୍ରସାଦ ଅଧିକାରୀ, ପ୍ରଫେସର୍ ପ୍ରସନ୍ନ କୁମାର ସ୍ୱାଇଁ, ଡ. କୁଳମଣି ଓଝା, ଡ. ସୁଶାନ୍ତ ଜେନା, ଡ. ବନମାଳୀ ପାଣିଗ୍ରାହୀ, ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ, ଡ. ମନୋରଞ୍ଜନ ବିଷୋୟୀ, ଡ. ରାଜେନ୍ଦ୍ର ତ୍ରିପାଠୀ, ଡ. କାହ୍ନୁ ଚରଣ ସାହୁ ଓ ନଳିନୀକାନ୍ତ ଗୌଡ଼ ପ୍ରମୁଖ ଆଲୋଚନା କରିବା ସଙ୍ଗେ ସଙ୍ଗେ ବର୍ତମାନ ସୁଦୂର ହାଇଦ୍ରାବାଦରେ ଚିକିତ୍ସାଧୀନ ଅବସ୍ଥାରେ ଥିବା ପ୍ରଫେସର୍ ଦେବୀପ୍ରସନ୍ନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ । ନଭ ସଂଚାରି ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ସଂଯୁକ୍ତ ହୋଇ ଡ. ପୂର୍ଣ୍ଣେନ୍ଦୁ ତ୍ରିପାଠୀ, ଡ. ହୃଷୀକେଶ ପଣ୍ଡା, ଡ. ଅଜୟ କୁମାର ତ୍ରିପାଠୀ, ଡ. ନଳିନୀ କୁମାର ପାଣିଗ୍ରାହୀ, ଡ. ବି ପ୍ରକାଶ ଚନ୍ଦ୍ର ପାତ୍ର, ଡ. ଚନ୍ଦ୍ରଶେଖର ଦାସ, ଡ. ସୁପ୍ରିୟା ଦାଶ, ଡ. ହେମଲତା ବେହେରା, ଅଧ୍ୟାପକ ବୃନ୍ଦାବନ ଦଳାଇ, ଅଧ୍ୟାପକ ଶିବପ୍ରସାଦ, ଡ. ଅଶୋକ ତ୍ରିପାଠୀ, ଦୀନବନ୍ଧୁ ଶ୍ରୀପଲ୍ଲବ, ପଦ୍ମିନୀ ମିଶ୍ର ପ୍ରମୁଖ ଦେବୀପ୍ରସନ୍ନ ପଟ୍ଟନାୟକଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ସ୍ୱକୀୟ ମନ୍ତବ୍ୟ ପ୍ରଦାନ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ପଚାଶରୁ ଉର୍ଦ୍ଧ୍ୱ ଦେବୀପ୍ରସନ୍ନଙ୍କ ପ୍ରତିଭାମୁଗ୍ଧ ଛାତ୍ର, ଗବେଷକ, ଅଧାପକ ଓ ଶୁଭଚିନ୍ତକ ଅଂଶଗ୍ରହଣ କରିଥିଲେ । ଶେଷରେ ଡ. ଶରତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଦିନିଆ ବର୍ଷାରେ କ୍ଷୟକ୍ଷତି ହୋଇଥିବା ଚାଷକୁ ବୁଲି ଦେଖିଲେ ଜୟ କିଷାନ ମଜଦୂର ସଂଗ୍ରାମ ପରିଷଦର ପ୍ରତିନିଧି ଦଳ

ନୂଆପଡ଼ା,୧୬/୧ (ନି.ପ୍ର): ଜୟ କିଷାନ ମଜଦୂର ସଂଗ୍ରାମ ପରିଷଦର ଆବାହକ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କୋମନା ବ୍ଲକ ନୂଆଗାଁ ପଂଚାୟତର ବିଭିନ୍ନ ଗାଁରେ ଅଦିନିଆ ଲଗାଣ ଲଘୁଚାପଜନିତ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କ ଚାଷ ଜମି ବୁଲି ଦେଖିବା ସହ କ୍ଷୟକ୍ଷତିର ସରଜମିନ ତଦନ୍ତ କରିଥିଲେ । ଏହି ବର୍ଷାରେ ଡ଼ାଲି ଜାତୀୟ ଫସଲ ଯଥା ମୁଗ, ଚଣା, ପିଆଜ, ପନିପରିବା ବ୍ୟାପକ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି । ବର୍ଷା ଦିନ ଭଳି ଚାଷଜମିରେ ଆଣ୍ଠୁଏ ଉଚ୍ଚତାରେ ପାଣି ମାଡ଼ି ଯାଇଛି । ଗତ ଖରିଫରେ ଏ ଅଂଚଳର ଚାଷୀଙ୍କ ମରୁଡ଼ିଜନିତ କ୍ଷୟକ୍ଷତି ହୋଇଥିବା ବେଳେ ଚାଷୀ ରବି ଫସଲରେ କିଛି ଭରଣା କରିବା ଆଶା ରଖିଥିଲେ । କିନ୍ତୁ, ଚାଷୀଙ୍କ ଆଶା ଘୋର ନିରାଶାରେ ପରିଣତ ହୋଇଛି । ଜିଲ୍ଲା ପ୍ରଶାସନ ତୁରନ୍ତ କୃଷି ବିଭାଗ, ଉଦ୍ୟାନ ବିଭାଗ, ରାଜସ୍ୱ ବିଭାଗର ପ୍ରତ୍ୟେକ ବ୍ଲକରେ ଟିମ୍ ତିଆରି କରି କ୍ଷୟକ୍ଷତିର ଆକଳନ କରାଯାଉ । ଓଡ଼ିଶା ରିଲିଫ କୋଡ଼ ମୁତାବକ ଚାଷୀକୁ କ୍ଷୟକ୍ଷତି ସହାୟତା ଓ ଇନପୁଟ ସବସିଡ଼ି ପ୍ରଦାନ କରାଯାଉ ବୋଲି ଜୟ କିଷାନ ମଜଦୂର ସଂଗ୍ରାମ ପରିଷଦର ଆବାହକ ଶ୍ରୀ ପାଣିଗ୍ରାହୀ ଦାବୀ କରିଛନ୍ତି । ନଚେତ୍ ଆଗାମୀ ଦିନରେ ପରିଷଦ ତରଫରୁ ଜୋରଦାର ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି ।

# ମଣ୍ଡିରେ ଧାନ ବିକିବାକୁ ସୁଯୋଗ ଦିଆଯିବାକୁ ନିବେଦନ

ବଲାଙ୍ଗିର,୧୬/୧ (ନି.ପ୍ର): ମଣ୍ଡିରେ ଧାନ ବିକ୍ରି ପାଇଁ ସୁଯୋଗ ଦିଆଯାଉ, ନଚେତ୍ ଇଚ୍ଛା ମୃତ୍ୟୁ ପାଇଁ ଅନୁମତି ଦିଆଯାଉ ବୋଲି ଏକ ଅନୁରୋଧ ପତ୍ର ଆଜି ଜଣେ ଚାଷୀ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି ।

ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଲେଖାଯାଇଥିବା ଏହି ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ବେଲପଡ଼ା ବ୍ଲକ୍ ଜଲିଆ ଗାଁର ଦୁଇ ଭାଇ ଅରକ୍ଷିତ ରାଉତ ଏବଂ ଭୀଷ୍ମ ରାଉତ । ସେମାନେ ଯୌଥ ପରିବାରରେ ରୁହନ୍ତି । ସେମାନଙ୍କ ମୁଖ୍ୟ ବୃତି ହେଉଛି ଚାଷ । ଧାନ ଚାଷରୁ ଯାହା ପାଆନ୍ତି, ସେଥିରେ ତାଙ୍କ ପରିବାର ପ୍ରତିପୋଷଣ କରନ୍ତି । ସେମାନଙ୍କର ୧୦ ଏକରରୁ ଅଧିକ ଜମି ରହିଥିବା ବେଳେ ଆଉ ପାଖାପାଖି ୩ ଏକର ଜମି ବନ୍ଧକ ଧରି ଦୁଇ ଭାଇ ମିଶି ଚାଷ କରୁଛନ୍ତ । ତେବେ ଭୀଷ୍ମ ରାଉତ ୧ ଶହ କ୍ୱିଂଟାଲ ଧାନ ମଣ୍ଡିରେ ବିକ୍ରି କରି ସାରିଥିବା ବେଳେ ଅରକ୍ଷିତଙ୍କ ନାମରେ ୯୦ କ୍ୱିଂଟାଲ ଧାନ ବିକ୍ରି କରିବା ପାଇଁ ଟୋକନ୍ ଆସିଛି । ତେବେ ଅରକ୍ଷିତ ରାଉତ ବିକ୍ରି ପାଇଁ ମଣ୍ଡିକୁ ଧାନ ନେବାକୁ ପ୍ରସ୍ତୁତ ହେବା ସମୟରେ ହଠାତ୍ ପାଟଣାଗଡ଼ ଉପଜିଲ୍ଲାପାଳ ତାଙ୍କ ଘରେ ଚଢ଼ଉ କରି ଗଚ୍ଛିତ ଧାନ ସବୁକୁ ବେଆଇନ କହି ଜବତ କରିଥିଲେ । ଏହା ଫଳରେ ମର୍ମାହତ ହୋଇ ପଡ଼ିଛନ୍ତି ଦୁଇ ଭାଇ । ଅରକ୍ଷିତ କହିଛନ୍ତି ଯେ, ମଣ୍ଡିରେ ବିକ୍ରି ପାଇଁ ଜବତ ଧାନ ଛାଡ଼ି ଦିଆଯାଉ ନଚେତ୍ ଇଚ୍ଛା ମୃତ୍ୟୁ ପାଇଁ ତାଙ୍କୁ ଅନୁମତି ଦିଆଯାଉ । ଆଜି ପୀଡ଼ିତ ଚାଷୀ ଅରକ୍ଷିତ ଓ ଭୀଷ୍ମଙ୍କ ସହ କୃଷକ ସଂଘର୍ଷ ସମିତିର କର୍ମକର୍ତାମାନେ ଜିଲ୍ଲାପାଳଙ୍କ ଉପରୋକ୍ତ ପତ୍ର ଦେବାକୁ ଆସିଥିବା ବେଳେ ଏଥିରେ କୋଶଲ ସଂଗ୍ରାମୀ ସିପୁନ୍ ଖମାରୀ, କୃଷକ ସଂଘର୍ଷ ସମିତିର ବିଭୂଦତ ମିଶ୍ର, ପ୍ରୀତମ ଠାକୁର, ଚାଷୀ ଲଳିତ ମୋହନ ବୁଡ଼େକ, କୃଷ୍ଣଚନ୍ଦ୍ର ରାଉତ, ଶୁକ୍ରୁ ମଲ୍ଲିକ, ବିରାଟ ମଲ୍ଲିକ, ଗଜାନନ ମଲ୍ଲିକ, ଦୀନବନ୍ଧୁ ବୁଡ଼େକ, ବିଜୟ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# ସଫଲ୍ ଫ୍ୟାକ୍ଟ୍ରି ଅଗ୍ନିକାଣ୍ଡ ଘଟଣା : ତଦନ୍ତ ରିପୋର୍ଟ ପରେ ମ୍ୟାନେଜର ଗିରଫ

ସମ୍ବଲପୁର,୧୬/୧ (ନି.ପ୍ର): ପରଧିଆପାଲିସ୍ଥିତ ପାନ ମସଲା କାରଖାନା ''କେପି ସୁଗନ୍ଧ ପ୍ରାଇଭେଟ ଲିମିଟେଡ୍'' (ସଫଲ୍ ଗୁଟ୍‌ଖା ଫ୍ୟାକ୍ଟ୍ରି) ରେ ଘଟିଥିବା ବିସ୍ଫୋରଣ ଓ ଅଗ୍ନିକାଣ୍ଡ ମାମଲାରେ ଶେଷରେ ପୋଲିସ କମ୍ପାନୀର ମ୍ୟାନେଜରକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏହି ବିସ୍ଫୋରଣ ଓ ଅଗ୍ନିକାଣ୍ଡ ପରେ ପ୍ରଶାସନ ତୁରନ୍ତ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲା । ଅଗ୍ନିଶମ ବିଭାଗ ପକ୍ଷରୁ ରିପୋର୍ଟ ଆସିବା ପରେ ଅଇଁଠାପାଲି ଥାନା ପୋଲିସ କମ୍ପାନୀର ମ୍ୟାନେଜର୍ ଧୁର୍ବେସ୍ କୁମାର ସିଂ(୨୮)କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଗଣମାଧ୍ୟମକୁ ଅବଗତ କରାଇଛି । ତେବେ ଅଗ୍ନିଶମ ବିଭାଗ ପକ୍ଷରୁ ଆସିଥିବା ରିପୋର୍ଟ ଏବେ ସମସ୍ତଙ୍କୁ ଚକିତ କରିଛି । ଅଗ୍ନିଶମ ବିଭାଗ ଦେଇଥିବା ରିପୋର୍ଟ ଅନୁଯାୟୀ, ଶହଶହ ଶ୍ରମିକ ଓ କର୍ମଚାରୀଙ୍କୁ ନେଇ ଚାଲିଥିବା ସଫଲ ଫ୍ୟାକ୍ଟ୍ରିରେ ପ୍ରାରମ୍ଭରୁ କୌଣସି ଅଗ୍ନି ପ୍ରତିରୋଧକ ବ୍ୟବସ୍ଥା (ଫାୟାର ସେଫ୍‌ଟି ମେଜର୍ସ) ନଥିଲା । କେବଳ ସେତିକି ନୁହେଁ କମ୍ପାନି ପାଖରେ ଅଗ୍ନି ନିରାପତା ପ୍ରମାଣପତ୍ର ମଧ୍ୟ ନଥିଲା । ଏପରିକି କମ୍ପାନିର ଫାୟାର ସେଫ୍‌ଟି ମେଜର୍ସ ଓ ନିରାପତାକୁ ନେଇ କୌଣସି ଯାଂଚ ମଧ୍ୟ କରାଯାଇ ନଥିଲା । ଗତ ମାସ ୨୦ ତାରିଖ ଦିନ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ପରଧିଆପାଲି ସଫଲ୍ କାରଖାନାରେ ହଠାତ୍ ବିସ୍ଫୋରଣ ହୋଇ ଅଗ୍ନିକାଣ୍ଡ ଘଟିଥିଲା । ଏହି ଅଗ୍ନିକାଣ୍ଡରେ ୨୭ ଜଣ ଶ୍ରମିକ ଆହତ ହୋଇଥିଲେ । ସେମାନଙ୍କ ମଧ୍ୟରୁ ଅଦ୍ୟାବଧି ୪ ଜଣଙ୍କ ମୃତ୍ୟୁ ମଧ୍ୟ ହୋଇ ସାରିଲାଣି । ଏବେବି କିଛି ଶ୍ରମିକ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି ।

ଏତେ ବଡ଼ ଘଟଣା ଘଟିଥିବା ସତ୍ତ୍ୱେ ପୋଲିସ ଓ ଜିଲ୍ଲା ପ୍ରଶାସନ ଏହି ମାମଲାକୁ ଅତି ହାଲୁକା ଭାବେ ନେଉଥିବା ନେଇ ବିଭିନ୍ନ ମହଲରୁ ଚାପା ପ୍ରତିକ୍ରିୟା ମଧ୍ୟ ଶୁଣିବାକୁ ମିଳୁଛି । ଅପରପକ୍ଷେ ଏତେବଡ ଘଟଣାକୁ ଭିତିରିଆ ରଫାଦଫା କରିନେବା ପାଇଁ ପୋଲିସ ଉପରେ କିଛି ବଡ଼ବଡ଼ିଆ ବାବୁଙ୍କର ପରୋକ୍ଷ ଚାପ ପଡୁଥିବା ମଧ୍ୟ ଶୁଣିବାକୁ ମିଳୁଛି । ତେବେ ଏହି ଘଟଣାକୁ ନେଇ ତଥାକଥିତ ରାଜନେତା ମାନଙ୍କ ଠାରୁ ଆରମ୍ଭ କରି ବୁଦ୍ଧିଜୀବୀ ପର୍ଯ୍ୟନ୍ତ ସବୁ ମହଲରେ ପୋଲିସ ଓ ପ୍ରଶାସନର ସ୍ଥାଣୁତାକୁ ନେଇ ତୀବ୍ର ସମାଲୋଚନା କରାଯାଉଥିଲା । ତେବେ ବିଳମ୍ବରେ ହେଲେବି ଶେଷରେ ପୋଲିସ ସଫଲ ଫ୍ୟାକ୍ଟ୍ରିର ମ୍ୟାନେଜର ଧୁର୍ବେସ୍ କୁମାର ସିଂ(୨୮)କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି । କାର୍ଯ୍ୟରତ ଶ୍ରମଜୀବୀଙ୍କ ସୁରକ୍ଷା ନେଇ ସଂପୃକ୍ତ କମ୍ପାନୀ କୌଣସି ସଠିକ୍ ବ୍ୟବସ୍ଥା କରିନଥିବା ବେଳେ ବର୍ଷ ବର୍ଷ ଧରି ଏହା କିପରି ଚାଲୁଥିଲା ଓ ନିରାପତା ବ୍ୟବସ୍ଥା ସମ୍ପର୍କରେ କାହିଁକି ଯାଂଚ୍ କରାଯାଉନଥିବା ତାହା ଏବେ ପ୍ରଶାସନିକ ବିଧି ବ୍ୟବସ୍ଥାର ସ୍ୱଚ୍ଛତା ପ୍ରତି ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରାଇଛି ।

# ଅମଲା ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଜୟପୁର,୧୬/୧ (ନି.ପ୍ର): ରାଜ୍ୟ ସ୍ତରିୟ ଅମଲାଙ୍କ ଦରମା ସମୀକରଣ ନେଇ ଓଡିଶା ଅମଲା ସଂଘ ପକ୍ଷରୁ ସମାନ କାମକୁ ସମାନ ଦରମା ଦାବି କରି ମୁଖ୍ୟମନ୍ତ୍ରୀଙ୍କୁ ଏ ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବିକୁ କୋରାପୁଟ ଜିଲା ଅମଲା ସଂଘ ସମ୍ପୂର୍ଣ୍ଣ ସମର୍ଥନ ଜଣାଇଛି । ରାଜ୍ୟରେ କାର୍ଯ୍ୟରତ ଜିଲାସ୍ତରିୟ ଅମଲାଙ୍କ ପ୍ରବେଶିକା ଶିକ୍ଷାଗତ ସ୍ନାତକ ଯୋଗ୍ୟତା ପ୍ରଚଳନ କରିବାରେ ଟାଳଟୁଳ ନୀତି ଅବଲମ୍ବନ ଯୋଗୁଁ ଜିଲାସ୍ତରିୟ ଅମଲାଙ୍କ ମନରେ ଘୋର ନୈରାଶ୍ୟ ଭାବ ଆସିଛି । ସ୍ନାତକ ଯୋଗ୍ୟତା ଥାଇ ରାଜ୍ୟରେ କାର୍ଯ୍ୟରତ ଅନ୍ୟ ବର୍ଗର କର୍ମଚାରିଙ୍କୁ ଦରମା ଟଙ୍କା ୯ ହଜାର ୩ ଶହ ଏବଂ ଗ୍ରେଡ ପେ ୪ ହଜାର ୨ ଶହ ଲେବୁଲ ୯ ପ୍ରଦାନ କରୁଥିବା ବେଳେ ଜିଲା ସ୍ତରିୟ ଅମଲାଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ ଯୋଗୁଁ ରାଜ୍ୟରେ ସମସ୍ତ ଅମଲାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି । ରାଜ୍ୟ ସରକାରଙ୍କ ସମସ୍ତ ଯୋଜନାକୁ ସଫଳ ରୁପାୟନ କରିବାରେ ଜିଲା ସ୍ତରିୟ ଅମଲାଙ୍କ ପ୍ରମୁଖ ଭୂମିକାକୁ ସରକାର ସ୍ୱିକାର କରିବା ନଜିର ଅଛି । ଇତି ମଧ୍ୟରେ ରାଜ୍ୟରେ ବହୁ ବାର ବିଧାୟକ, ସାଂସଦ, ମନ୍ତ୍ରୀ ଗଣ ମଧ୍ୟ ସଂଘର ଦାବୀକୁ ଯଥାର୍ଥ ବୋଲି କହିଥିଲେ । ସ୍ନାତକ ହାରରେ ଦରମା ପ୍ରଦାନ କନିଷ୍ଠ ସହାୟକଙ୍କ ପ୍ରତି କରିବାକୁ ସରକାରଙ୍କୁ ସୁପାରିଶ କରିଛନ୍ତି । ସମାନ ଶିକ୍ଷାଗତ ଯୋଗ୍ୟତା ଥାଇ ସମାନ କାମକୁ ସମାନ ଦରମା ରାଜ୍ୟ ସରକାର ତୁରନ୍ତ ପ୍ରଦାନ କରିବାକୁ ଓଡିଶା ଅମାଲ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ପ୍ରଶନ୍ନ କୁମାର ତ୍ରିପାଠି ଓ ସଭାପତି ନାରାୟଣ ଦାସ ସରକାରଙ୍କ ନିକଟରେ ଦାବୀ କରିଛନ୍ତି । ଏହାକୁ କୋରାପୁଟ ଜିଲା ଅମଲା ମାନେ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି ।

# ରାସ୍ତା ମରାମତି ପାଇଁ ପ୍ରଶାସନର ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ଜୟପୁର,୧୬/୧ (ନି.ପ୍ର): ବୋରିଗୁମ୍ମା ବ୍ଲକ କାଠରଗଡା ଠାରୁ ଚାନ୍ଦବେଡା ପର୍ଯ୍ୟନ୍ତ ରାସ୍ତା ମରାମତି ନିମନ୍ତେ ଦାବୀ ପତ୍ର ପ୍ରଦାନ କରାଯାଇଛି । ସମାଜସେବୀ ବି ହରି ରାଓ ଙ୍କ ନେତୃତ୍ୱରେ ଗ୍ରାମବାସୀମାନେ ଜୟପୁର ଉପ ଜିଲ୍ଲାପାଳ ବେଦବର ପ୍ରଧାନଙ୍କୁ ଦାବୀ ପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବୀ ପତ୍ର ରେ ଉଲ୍ଲେଖ କରାଯାଇଛି ଯେ କାଠରକଡା ରାସ୍ତା ଠାରୁ ଚାନ୍ଦବେଡା ରାସ୍ତା ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହିଛି । ଯଦ୍ୱାରା ଯାତାୟତ କରିବା ପାଇଁ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ରାସ୍ତାରେ ଖାଲ ଖମା ଭର୍ତି ହୋଇଛି । ଆମ୍ବୁଲାନ୍ସ ଗାଡି ୪୦ ମିନଟ ସମୟରେ ପହଂଚିବା କଥା କିନ୍ତୁ ୨ ଘଂଟା ଲାଗୁଛି । ଏଥି ନିମନ୍ତେ ୨ ବର୍ଷ ହେବ ବାରମ୍ବାର ଦାବି ପତ୍ର ଦେଲେ ମଧ୍ୟ ରାସ୍ତା ନିର୍ମାଣ ହେଉ ନାହିଁ । ତେଣୁ ପ୍ରଶାସନ ଦାବି ଗୁରୁତର ସହ ନେଇ ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ଶିବ ଶଙ୍କର ବିଷୋୟୀ, ଘନ କିଶୋର ପ୍ରମୁଖ ଦାବୀ କରିଛନ୍ତି ।

# ରାଜ୍ୟଗୋଷ୍ଠୀ କ୍ରୀଡ଼ା ମଶାଲକୁ ପୁରୀରେ ଭବ୍ୟ ସ୍ୱାଗତ

ପୁରୀ,୧୬/୧ (ନି.ପ୍ର): ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ା କୁଇନ ବ୍ୟାଟନ ରିଲେ (ମଶାଲ)କୁ ଜିଲ୍ଲାରେ ଭବ୍ୟ ସ୍ୱାଗତ କରାଯାଇଛି । ଏହି ମଶାଲକୁ ଡାକ୍ତରଖାନା ଛକ ନିକଟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ବିନୟ କୁମାର ଦାଶ, ଉପ ଜିଲ୍ଲାପାଳ ଭବତାରଣ ସାହୁ, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ କୈଳାଶ ଚନ୍ଦ୍ର ନାୟକ, କ୍ରୀଡ଼ା ଓ ଯୁବ ସେବା ବିଭାଗ ଯୁଗ୍ମ ସଚିବ ରଞ୍ଜିତ ପରିଡା, ବିଜୟାନନ୍ଦ ନାୟକ, ଶୈଳେନ୍ଦ୍ର କୁମାର ଜେନା, ସିଟି ଡିଏସପି ଜନାର୍ଦ୍ଦନ ପାଢୀ, ଜିଲ୍ଲା କ୍ରୀଡ଼ାଧିକାରୀ ଚନ୍ଦନ କୁମାର ସାହୁ, ଜିଲ୍ଲା ଆଥଲେଟିକ ସଂଘର ସଂପାଦକ ରବି ଶଙ୍କର ପ୍ରତିହାରୀ ପ୍ରମୁଖ ସ୍ୱାଗତ କରିଥିଲେ । ପୋଲିସ ବ୍ୟାଣ୍ଡ ପାର୍ଟି, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍କେଟିଂଦଳ ସହ କ୍ରୀଡ଼ାବିତ୍, ବିଭିନ୍ନ ବର୍ଗର ଖେଳାଳି ଏବଂ କ୍ରୀଡ଼ାପ୍ରେମୀ ପ୍ରମୁଖ ଉପସ୍ଥିତ ଥିଲେ । ଏହାପରେ ବଳଗଣ୍ଡି ଛକ, ମାର୍କେଟ ଛକ, ବିଗବଜାର ନିକଟ, ମର୍ଚ୍ଚକୋଟ, ସିଂହଦ୍ୱାରରେ ମଧ୍ୟ ସ୍ୱାଗତ କରିଯାଇଛି । ଏହାପରେ ଏହି ମଶାଲକୁ ବ୍ଲୁଫ୍ଲାଗ ବିଚ୍ କୁ ନିଆଯାଇଥିଲା । ଏଠାରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ଡିଏଫଓ ପି. ରାମାସ୍ୱାମୀ, ଅତିରିକ୍ତ ଜିଲ୍ଲାପାଳ ସୁଭାଷ ଚନ୍ଦ୍ର ନାଥଶର୍ମା ପ୍ରମୁଖ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ପରେ ପରେ ଏହି ମଶାଲ କୋଣାର୍କରେ ପହଂଚିବା ପରେ ଏହା ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛି । ପୂର୍ବରୁ ଏହି ମଶାଲକୁ ପିପିଲି, ସାକ୍ଷୀଗୋପାଳ ଏବଂ ବାଟମଙ୍ଗଳା ଠାରେ ମଧ୍ୟ ସ୍ୱାଗତ କରାଯାଇଥିଲା । ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆରମ୍ଭ ପୂର୍ବରୁ ବ୍ରିଟିଶ ରାଣୀଙ୍କ ବାର୍ତା ବହନ କରିଥିବା ଏହି ମଶାଲକୁ ରାଜ୍ୟଗୋଷ୍ଠୀର ସଦସ୍ୟ ଥିବା ସମସ୍ତ ରାଷ୍ଟ୍ରରେ ପରିଭ୍ରମଣ କରାଯାଇଥାଏ । ଚଳିତବର୍ଷ ବର୍ମିଂହାମ ଠାରେ ଆସନ୍ତା ଜୁଲାଇ ୨୮ରୁ ଅଗଷ୍ଟ ୮ ତାରିଖ ପର୍ଯ୍ୟନ୍ତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜିତ ହେବ ।

# କରୋନା ପାଇଁ ଖୋଲିଲା ୧୫୦ ଶଯ୍ୟା ବିଶିଷ୍ଟ କୋଭିଡ ହସପିଟାଲ

କେନ୍ଦ୍ରାପଡ଼ା,୧୬/୧ (ନି.ପ୍ର): କରୋନା ତୃତୀୟ ଲହର ସହିତ ଓମିକ୍ରମ ସଂକ୍ରମଣ ଜିଲ୍ଲାର କୋଭିଡ ସ୍ଥିତିକୁ ଦୈନିକ ବିପଦଜନକ ଅବସ୍ଥାକୁ ବଢାଇ ଚାଲିଛି । ଏହାର ମୁକାବିଲା ପାଇଁ ଓ ଆକ୍ରାନ୍ତ ଗୁରୁତର ରୋଗୀ ମାନଙ୍କୁ ଚିକିତ୍ସା ପାଇଁ ସମ୍ ହସପିଟାଲ ପରିଚାଳିତ ଛତା ସ୍ଥିତ କୋଭିଡ ହସପିଟାଲକୁ କାର୍ଯ୍ୟକ୍ଷମ କରାଯାଇଛି । ୧୫୦ ଶଯ୍ୟା ବିଶିଷ୍ଟ ଏହି ହସପିଟାଲରେ ୧୦ଟି ଆଇସିୟୁ, ୧୫ଟି ଏଚଡିୟୁ(ଅତି ଗୁରୁତର), ୧୨୫ଟି ସାଧାରଣ ଶଯ୍ୟା ସମେତ ୫୦ଟି ଶଯ୍ୟାରେ ଅକ୍ସିଜେନ ବ୍ୟବସ୍ଥା ଖଞ୍ଜା ଯାଇଛି । ଏହା ସହ ପ୍ରତି ବ୍ଲକ ପାଇଁ ଗୋଟିଏ ଲେଖାଁଏ ଓ ପୌରାଂଚଳ ପାଇଁ ୨ଟି ସହିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ମୋଟ ୧୫ଟି ଆମ୍ବୁଲାନ୍ସ ଜିଲ୍ଲାର ବିଭିନ୍ନ ସ୍ଥାନରୁ ରୋଗୀ ମାନଙ୍କୁ ଆଣିବା ପାଇଁ ସଜାଗ ରଖାଯାଇ ଥିବା ଜଣାପଡିଛି । ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ପ୍ରତ୍ୟେକ୍ଷ ତତ୍ୱାବଧାନରେ ଥିବା ଏହି ସ୍ୱତନ୍ତ୍ର ଚିକିତ୍ସାଳୟରେ କରୋନା ସଂକ୍ରମିତ ଓ ଓମିକ୍ରନ ସଂକ୍ରମିତ ଙ୍କ ଚିକିତ୍ସା ପାଇଁ ସମସ୍ତ ପ୍ରକାର ସୁବିଧା ସୁଯୋଗ ରହିଥିବା ନୋଡାଲ ଅଫିସର ଡାକ୍ତର ସଚିଦାନନ୍ଦ ମିଶ୍ର ସୂଚନା ଦେଇଛନ୍ତି । ବର୍ତମାନର ସଂକ୍ରମଣର ହାରକୁ ଲକ୍ଷ୍ୟ ରଖି ଛତା କୋଭିଡ ହସପିଟାଲକୁ କାର୍ଯ୍ୟକ୍ଷମ କରାଯାଇ ଥିବାବେଳେ ଅବସ୍ଥା ଅତି ଗୁରୁତର ଓ ଅଧିକ ସଂକ୍ରମଣ ହେଲେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହା ବିଦ୍ୟାଳୟ ଓ ପଟ୍ଟାମୁଣ୍ଡାଇ ଓବିସି ହଷ୍ଟେଲରେ ଥିବା ଅସ୍ଥାୟୀ କୋଭିଡ ହସପିଟାଲକୁ କାର୍ଯ୍ୟକ୍ଷମ କରାଯିବ ପରିସ୍ଥିତି ଅଧିକ ଜଟିଳ ହେଲେ ପ୍ରତ୍ୟେକ ବ୍ଲକରେ କୋଭିଡ କେୟାର ସେଣ୍ଟର ଖୋଲାଯିବ ବୋଲି ଜଣା ପଡିଛି ।

# ଚିଲିକା ଉତ୍ତର ନାଶିରେ ବିଦେଶୀପକ୍ଷୀ କଳରାବ : ଶିକାରୀଙ୍କ ପୁଷମାସ

କଣାସ,୧୬/୧ (ନି.ପ୍ର): ଏସିଆ ମହାଦେଶର ବୃହତମ ଲୁଣିହ୍ରଦ ଓ ପକ୍ଷୀ ଅଭୟାରଣ୍ୟ ଭାବେ ଖ୍ୟାତି ଅର୍ଜନ କରିଥିବା ଚିଲିକାରେ ଏବେ ହଜାର ହଜାର ସଂଖ୍ୟାରେ ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଛି । ଶୀତର ଆଗମନ ଯୋଗୁଁ ବିଭିନ୍ନ ଦେଶରୁ ବିଭିନ୍ନ ପ୍ରଜାତିର ପକ୍ଷୀମାନେ ଚିଲିକାକୁ ଆସିଛନ୍ତି । ଇତିମଧ୍ୟରେ ଚିଲିକାରେ ପକ୍ଷୀଗଣନା ଶେଷ ହୋଇଥିବା ବେଳେ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ବିଦେଶୀ ପକ୍ଷୀ ଚିଲିକାରେ ଚଳିତ ବର୍ଷ ପହଂଚିଥିବା ଗଣନାରୁ ଜଣାପଡିଛି । ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ପକ୍ଷୀମାନଙ୍କ ସୁରକ୍ଷାପାଇଁ କଡ଼ାକଡ଼ି ବ୍ୟବସ୍ଥା ଗ୍ରହଣ କରାଯାଇଥିଲେ ମଧ୍ୟ ପ୍ରତ୍ୟେକ ଦିନ ବହୁ ଶୀକାରି ବିଦେଶୀ ପକ୍ଷୀମାନଙ୍କୁ ଶୀକାର କରି ଧରାପଡୁଥିବା ଗଣମାଧ୍ୟମ ମାନଙ୍କରେ ପ୍ରକାଶିତ ଖବରରୁ ଜଣାପଡେ । ହେଲେ ଭୁଷଣ୍ଡପୁର ଠାରୁ ବ୍ରହ୍ମଗିରୀ ପର୍ଯ୍ୟନ୍ତ ବ୍ୟାପିଥିବା ଚିଲିକାର ଉତରନାଶିରେ ପକ୍ଷୀମାନଙ୍କ ସୁରକ୍ଷାପାଇଁ କୌଣସି ଅଖିଦୃଶିଆ ବ୍ୟବସ୍ଥା କରାଯାଇ ନ ଥିବାଜଣାପଡିଛି । ପକ୍ଷୀ ଅଭୟାରଣ୍ୟ ଭାବେ ପରିଚିତ ନଳବଣରେ ଖାଦ୍ୟଅଭାବ ଯୋଗୁଁ ବିଦେଶାଗତ ପକ୍ଷୀମାନେ ଖାଦ୍ୟ ଆଶାରେ ଚିଲିକା ଉତରନାଶିରେ ଜମା ହେଉଛନ୍ତି । ବିଶେଷକରି ଦୟା ଓ ମକରା ନଦୀର ମୁହାଣ ଅଂଚଳରେ କଇଁଫୁଲ, କଳିକତିଦଳ ଜମାହୋଇଥିବାରୁ ପକ୍ଷୀମାନେ ଏହାକୁ ଖାଇବା ପାଇଁ ସେଠାରେ ରୁଣ୍ଡିଭୁତ ହେଉଛନ୍ତି । ବିଭିନ୍ନ ଦୂରଦୂରନ୍ତାରୁ ଶିକାରୀମାନେ ଯାନବାହନରେ ଆସି ଚିଲିକା ଉପକୂଳବର୍ତୀ ଗ୍ରାମମାନଙ୍କରେ ଯାନବାହାନ ରଖି ଡ଼ଙ୍ଗା ସାହାଯ୍ୟରେ ମୁହାଣକୁ ଆସି କଇଁଫୁଲ କେଶରରେ ସିରିଞ୍ଜି ସାହାଯ୍ୟରେ ନିଶାଯୁକ୍ତ ତରଳ ପଦାର୍ଥ ଦେଇ ପକ୍ଷୀମାନଙ୍କୁ କରାୟାତ କରୁଥିବା ବେଳେ ଆଉ କେତେକ ଶିକାରୀ ଫାସ ବସାଇ ପକ୍ଷୀମାନଙ୍କୁ ଧରିନେଉଛନ୍ତି । ଶିକାରୀ ଓ ଗ୍ରାମବାସୀମାନେ ରାତିରେ କେତେକ ପକ୍ଷୀଙ୍କ ଉପରକୁ ଉଜ୍ଜଳ ଆଲୋକ ପକାଇ ପକ୍ଷୀମାନଙ୍କୁ ଠେଙ୍ଗା ସାହାଯ୍ୟରେ ପିଟି କରାୟତ କରୁଥିବା ଏବଂ ନିର୍ବିଘ୍ନରେ ପକ୍ଷୀ ଶିକାର କରି ଫେରିଯାଉଥିବା ଅଭିଯୋଗ ହେଉଛି ।

# ବିଜେପି ବଂଜାରି ମଣ୍ଡଳ ପକ୍ଷରୁ ଜରୁରୀ ବୈଠକ

ନୂଆପଡା,୧୬/୧ (ନି.ପ୍ର): ନୂଆପଡା ଜିଲ୍ଲା ଭାରତୀୟ ଜନତା ପାର୍ଟି ବଂଜାରୀ ମଣ୍ଡଳ ତରବୋଡ଼ ଠାରେ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ ପାଢ଼ୀ ତଥା ମଣ୍ଡଳ ସଭାପତି ଡମ୍ବରୁ ମହାନନ୍ଦଙ୍କର ନେତୃତ୍ୱରେ ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ଉପସଭାପତି ମନିଜର ଆର୍ଯ୍ୟ, ତୁଳସ ପଟେଲ, କରୁଣାକର ହୋତା, ଦୟା ସାଗର ପ୍ରଧାନ, କାର୍ତିକ ଖରସେଲ, ଅର୍ଜୁନ କଠାର, ଅଞ୍ଜଳି ପାଣିଗ୍ରାହୀ, ରୋହିଣୀ ବିଶି, ଅର୍ଜୁନ ଜଗତ ତଥା ବରିଷ୍ଠ କାର୍ଯ୍ୟକର୍ତାଙ୍କର ଉପସ୍ଥିତିରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଜିଲ୍ଲା ପରିଷଦ ଜୋନ ନମ୍ବର ୨ ର ଜିଲ୍ଲା ପରିଷଦ ପ୍ରାର୍ଥୀ ରୂପରେ ଭାରତୀୟ ଜନତା ପାର୍ଟି ନୂଆପଡ଼ା ଜିଲ୍ଲା କୋମନା ବ୍ଲକର ବରିଷ୍ଠ ମହିଳା ନେତ୍ରୀ ସୋନାଲି ପାଣିଗ୍ରାହୀଙ୍କୁ ବରିଷ୍ଠ କାର୍ଯ୍ୟକର୍ତା ଗଣ ସର୍ବସମ୍ମତି କ୍ରମେ ଚୟନ କରିଛନ୍ତି । ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ଜିଲ୍ଲା ପରିଷଦ ପ୍ରାର୍ଥୀ ରୂପରେ ଚୟନ କରାଯାଇଛି । ଆସନ୍ତାକାଲି ଦଳ ତାଙ୍କର ନାଁରେ ମୋହର ଲଗାଇବେ ।

# ୧୦ ମାସିଆ ପୁସ୍ତକ ପ୍ରେମୀ



ଶୀର୍ଷକ ପଢ଼ି ଆଶ୍ଚର୍ଯ୍ୟ ଲାଗୁଥିବ; କିନ୍ତୁ ଏହା ସମ୍ପୂର୍ଣ୍ଣ ସତ । ସାଧାରଣ ଭାବେ ଛୋଟ ଶିଶୁଙ୍କର ସମୟ ଖେଳକୁଦ କିମ୍ବା ଶୋଇବାରେ କଟିଥାଏ । ପଢ଼ିବା ଭଳି କୌଣସି କଥା ସେମାନଙ୍କ ମନକୁ ବୁଝାପଡ଼ି ନଥାଏ । ଆଜିକାଲି ଶିଶୁଙ୍କ ପାଇଁ ମୋବାଇଲ୍ ସବୁକିଛି । କିନ୍ତୁ ଏବେ ସୋସିଆଲ୍ ମିଡିଆରେ ଜଣେ ୧୦ ମାସିଆ ଶିଶୁ ବିଷୟରେ ଖୁବ୍ ଚର୍ଚ୍ଚା ଚାଲିଛି । ଶୁଣିବାକୁ ମିଳୁଛି, ଏତେ କମ୍ ବୟସରେ ସେ ବହି ପଢ଼ା ଶୁଣିବାକୁ ପୂରା ପାଗଳ । ଦିନସାରା କେହି ନା କେହି ତାକୁ ବହି ପଢ଼ି ଶୁଣାଇବା ନିତାନ୍ତ ଜରୁରୀ । କିଛି ନ ବୁଝିଲେ ବି ତାକୁ ବହି ପଢ଼ା ଶୁଣିବାରୁ କ'ଣ ମିଳୁଛି କେହି ଜାଣିପାରୁ ନାହାନ୍ତି । ହେଲେ ତା'ର ଏହି ଅଭ୍ୟାସ ପରିବାର ଲୋକଙ୍କୁ ନିୟାନ୍ତ କରିପକେଇଲାଣି । ଏହି ପୁସ୍ତକ ପ୍ରେମୀଙ୍କ ନାଁ ହେଉଛି ଏମ୍ମେଟ୍ । ଏମ୍ମେଟ୍ ଦିନରାତି କେବଳ ବହି ପଢ଼ା ଶୁଣିବାକୁ ପସନ୍ଦ କରୁଛି । ବହି ପଢ଼ା ମଝିରୁ ବନ୍ଦ କଲେ, ସେ ଜୋର୍‌ସୋର୍‌ରେ କାନ୍ଦିବାକୁ ଲାଗୁଛି । ଏଣୁ ତା' ସାମ୍ନାରେ ଅନବରତ ବହି ପଢ଼ିବାକୁ ପଡୁଛି । କେବଳ ଶୋଇବା ବ୍ୟତୀତ ଅନ୍ୟ କୌଣସି ସମୟରେ ପରିବାର ଲୋକଙ୍କୁ ଏମ୍ମେଟ୍ ପାଖରୁ ନିସ୍ତାର ନାହିଁ । ଖେଳକୁଦ ନକରି ସେ କେବଳ ବହି ପଢ଼ା ଶୁଣୁଛି । ତା'ର ଏହ କୌତୁକିଆ ଅଭ୍ୟାସ ଏବେ ଲୋକଙ୍କୁ ହସିବାର ଖୋରାକ୍ ତ ଯୋଗାଉଛି କିନ୍ତୁ ପରିବାର ଲୋକଙ୍କ ହୋସ୍ ଉଡ଼ାଇ ଦେଲାଣି ।

# ମଲାଇକା ଅରୋରାଙ୍କ ଫିଟ୍‌ନେସ୍ ମନ୍ତ୍ର

ବଲିଉଡ ଅଭିନେତ୍ରୀ ମଲାଇକା ଆରୋରାଙ୍କ ତ୍ୱଚାରେ ଏଯାଏ ବୟସର ଛାପ ପଡ଼ିନାହିଁ । ନିଜ ସ୍ୱାସ୍ଥ୍ୟ ତଥା ସୌନ୍ଦର୍ଯ୍ୟକୁ ନେଇ ସଚେତନ ଏଇ ଅଭିନେତ୍ରୀ ନିଜକୁ ଫିଟ୍ ରଖିବା ପାଇଁ ଖୁବ୍ କସରତ କରନ୍ତି । ତାଙ୍କ ଦୈନନ୍ଦିନ ଚର୍ଯ୍ୟା ଏହିଭଳି ଆରମ୍ଭ ହୋଇଥାଏ ।



➢ ସକାଳ ଜଳଖିଆ ଖାଇବା ପୂର୍ବରୁ ସେ ଫଳରସ କିମ୍ବା ପରିବା ରସ ପିଇବାକୁ ପ୍ରାଧାନ୍ୟ ଦେଇଥାନ୍ତି । ମଲାଇକାଙ୍କ ମତରେ ଏହା ତାଙ୍କ ଶରୀରକୁ ଖୁବ୍ ଶକ୍ତି ଯୋଗାଇଥାଏ ।

➢ ଯୋଗ, ପ୍ରାଣାୟମ କରିବା ପରେ ସେ ଏଭାକାଡୋ ଫଳ ସହ ବ୍ରେଡ୍ ଟୋଷ୍ଟ ଖାଇଥାନ୍ତି । ଦ୍ୱିପହର ଓ ରାତ୍ରିଭୋଜନରେ ସେ ସିଝା ପରିବା ସହ ୨ଟି ରୁଟି ଖାଆନ୍ତି । ଓଜନକୁ ନିୟନ୍ତ୍ରଣ କରିବା ପାଇଁ ସେ ଏ ପ୍ରକାର ଖାଦ୍ୟ ଖାଉଥିବାର କହିଛନ୍ତି । ମାସକୁ ଥରୁଟିଏ ରେଷ୍ଟୋରାଁରେ ନିଜ ମନପସନ୍ଦର ଖାଦ୍ୟ ନିଶ୍ଚୟ ଖାଇଥାନ୍ତି ମଲାଇକା ।

➢ ମିଠା ଓ ଚିନି ଆଦୌ ଖାଉନଥିବା ମଲାଇକା ମହୁ, ଗୁଡ଼ ନିଜ ବ୍ୟଞ୍ଜନରେ ସାମିଲ କରିବାକୁ ଗୁରୁତ୍ୱ ଦିଅନ୍ତି । ଏହା ସହ ପ୍ରତି ୩ଦିନରେ ଘିଅ ପ୍ରସ୍ତୁତ ପରଟା ସେ ଖାଆନ୍ତି । ଏହା ମଧ୍ୟ ଶରୀରକୁ ଶକ୍ତି ଯୋଗାଇଥାଏ ବୋଲି ମଲାଇକାଙ୍କ ମତ ।

➢ ସୌନ୍ଦର୍ଯ୍ୟ ପାଇଁ ସବୁଠୁ ଜରୁରୀ ହେଲା ୮ ଘଣ୍ଟା ଗଭୀର ନିଦ ଓ ମାନସିକ ଚାପରୁ ମୁକ୍ତି । ସେ କୌଣସି ଦାମୀ ପ୍ରସାଧନ ଲଗାଇବାକୁ ପସନ୍ଦ କରୁନଥିବାବେଳେ ବାହାରକୁ ଗଲାବେଳେ ଲିପ୍‌ଷ୍ଟିକ୍ ଲଗାଇଥାନ୍ତି । ମାନସିକ ଚାପରେ ରହୁଥିବା ଯୁବତୀ ଓ ମହିଳାଙ୍କ କେଶ ଖୁବ୍ ଝଡ଼ିବା ସହ ତ୍ୱଚାରେ ଭାଙ୍ଗ ପଡ଼ିଥାଏ । ଏଣୁ ଏସବୁ ଠାରୁ ଦୂରେଇ ରହିବାକୁ ମଲାଇକା ପରାମର୍ଶ ଦେଇଛନ୍ତି ।







# ସାତ ସମୁଦ୍ର ପାରି ଭାରତୀୟ ମହିଳାଙ୍କ ବ୍ୟବସାୟ

କଠିନ ପରିଶ୍ରମର ଯେ ମୂଲ୍ୟ ଅଛି, ଏହାକୁ ସ୍ପଷ୍ଟ ପ୍ରମାଣିତ କରିଛନ୍ତି ବିହାରର ବୋଧଗୟା ନିବାସୀ ମହିଳାମାନେ । ଅନ୍ତଃରାଷ୍ଟ୍ରୀୟ ପର୍ଯ୍ୟଟନ ସ୍ଥଳ ଭାବେ ପରିଚିତ ବୋଧଗୟାକୁ ସ୍ଥଳ ଭାବେ ହଜାର ହଜାର ପର୍ଯ୍ୟଟକ ଆସିଥାନ୍ତି । ଭାରତୀୟ କାରୁକାର୍ଯ୍ୟ ହୋଇଥିବା ପୋଷାକ ତଥା ଅନ୍ୟାନ୍ୟ ଜିନିଷ ପତ୍ର ବିଦେଶୀ ପର୍ଯ୍ୟଟକଙ୍କର ଖୁବ୍ ମୋହ । ସ୍ଥାନୀୟ ଅଞ୍ଚଳର ମହିଳାମାନେ ମଧ୍ୟ ଭଲ ରୋଜଗାର ନିମନ୍ତେ ନିଜେ ଦକ୍ଷ ଥିବା କାର୍ଯ୍ୟ କରିବାକୁ ଆରମ୍ଭ କଲେ । ଲୋନି ନାମ୍ନୀ ମହିଳା ଦରଜୀ କାମ, ଅନିତା ମେହେନ୍ଦୀ ଲଗାଇବା ଅନ୍ୟମାନେ ମିଳିତ ଭାବେ ଡିଜାଇନର ବ୍ୟାଗ୍ ତିଆରି କଲେ । ବିଦେଶୀମାନେ ମଧ୍ୟ ବେଶ୍ ଭଲ ମୂଲ୍ୟରେ ଏସବୁ କିଣିନେଉଥିଲେ । ପାଖାପାଖି ଅଢ଼େଇ ବର୍ଷ ତଳେ ଇଉରୋପର ମାଲ୍ଟାନିବାସୀ ଫେସନ୍ ଡିଜାଇନର ସୁଜି ରିନେ ଏଇ ଅଞ୍ଚଳକୁ ଭ୍ରମଣ ପାଇଁ ଆସିଥିଲେ । ସ୍ଥାନୀୟ ମହିଳାଙ୍କ କଳାକୃତି ଦେଖି ସେ ବେଶ୍ ପ୍ରଭାବିତ ହେବା ସହ ସେମାନଙ୍କୁ ଅଧିକ ଡିଜାଇନିଂ ଶିକ୍ଷା ଦେବାକୁ ପ୍ରସ୍ତୁତ ଦେଲେ । ଗ୍ରାମୀଣ ମହିଳାମାନେ ମଧ୍ୟ ଭଲ ରୋଜଗାର ଆଶାରେ ସୁଜିଙ୍କ ନିକଟରୁ ବିଭିନ୍ନ ପ୍ରକାରର ଡିଜାଇନିଂ ଶିଖିଲେ । ସେବେଠାରୁ ବୋଧଗୟା ମହିଳାଙ୍କ ହାତତିଆରି ପୋଷାକ ଓ ଅନ୍ୟାନ୍ୟ ସାମଗ୍ରୀକୁ ସୁଜି ମାଲ୍ଟା ନେଇ ପ୍ରଦର୍ଶନୀ ମାଧ୍ୟମରେ ବିକ୍ରି କରୁଛନ୍ତି । ସାତ ସମୁଦ୍ର ପାରି ବ୍ୟବସାୟରେ ଭାରତୀୟ ମହିଳାମାନେ ଖୁବ୍ ଲାଭବାନ୍ ବୋଲି ଜଣାପଡ଼ିଛି ।

# ଯିବାର ଥିଲା ପଞ୍ଜାବ, ପହଞ୍ଚିଲା ଚୀନରେ

ଯିବାର ଥିଲା ପଞ୍ଜାବ, ପହଞ୍ଚିଗଲା ଚୀନରେ... । ଏହା ଏକ ଫିଲ୍ମର ଗୀତ ଭଳି ଲୁଗୁଥିଲା ବେଳେ ଚଣ୍ଡିଗଡ଼ରେ ଜଣେ ମହିଳାଙ୍କ ସହ ବାସ୍ତବରେ ଏହାହିଁ ଘଟିଛି । କେବଳ ଗୋଟିଏ ଅକ୍ଷର ତ୍ରୁଟି ଯୋଗୁ ଯେଉଁ ପାର୍ସଲଟି ପଞ୍ଜାବର ଏକ ଗାଁ ରେ ପହଞ୍ଚିବା କଥା ତାହା ଚୀନରେ ପହଞ୍ଚିଗଲା । ଚଣ୍ଡିଗଡ଼ର ଜଣେ ମହିଳା ଫରିଦକୋଟରୁ ନିଜ ମାଆଙ୍କ ପାଇଁ ରକ୍ତ ଚାପ ନିୟନ୍ତ୍ରଣ ଔଷଧ ପାର୍ସଲ କରିଥିଲେ । ତେବେ ଗାଁ ର ନାମ ବୁଝିବାରେ ତ୍ରୁଟି ଯୋଗୁ ପାର୍ସଲଟି ଚୀନର ରାଜଧାନୀ ବେଜିଂରେ ପହଞ୍ଚିଥିଲା । ମନିମାଜରା ନିବାସୀ ବଲବିନ୍ଦର କୌରଙ୍କ ଅଭିଯୋଗ ପରେ ଜିଲା ଖାଉଟି ଅଦାଲତ ସେକ୍ଟର ୧୭ ପୋଷ୍ଟ ଅଫିସ ପକ୍ଷରୁ କୁହାଯାଇଛି ଯେ, ଠିକଣାରେ ଫରିଦକୋଟ ଜିଲ୍ଲାର ଜାୟତୋ ତହସିଲର ଚେନା ଗ୍ରାମର ନାମ ଲେଖାଥିଲା । ଯାହାକୁ ଭୁଲରେ ଚାଇନା ବୋଲି ବୁଝାଯାଇଥିଲା । ତେବେ ଏହି ପାର୍ସଲଟି ଜାନୁଆରୀ ୧୯ରୁ ୨୭ ତାରିଖ ପର୍ଯ୍ୟନ୍ତ ବେଜିଂରେ ରହିବା ପରେ ଜାନୁଆରୀ ୩୧ରେ ଫେରିଆସିଥିଲା ବଲବିନ୍ଦର ନିକଟକୁ । ଅନ୍ୟପଟେ ପୋଷ୍ଟ ଅଫିସ ଅଧିକାରୀ ନିଜର କୌଣସି ତ୍ରୁଟି ମାନି ନାହାଁନ୍ତି । ସେମାନେ କହିଛନ୍ତି ଯେ, ପାର୍ସଲ ଉପରେ ଡେଲିଭରି ଚାଇନା ଲେଖାଯାଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି । ଆମ ପଟୁ କୌଣସି ଭୁଲ ହୋଇନାହିଁ ।

# ଟିପ୍ସ: ମୁଡ୍ ବନାଇବା ପାଇଁ

ରିଲେସନ୍‌ସିପ୍‌ରେ ସେକ୍ସ ଏକ ପ୍ରମୁଖ ଭୂମିକା ନେଇଥାଏ । ପ୍ରାରମ୍ଭିକ ସମୟରେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଥାଏ ବଡ଼ ଉତ୍ସାହ । ହେଲେ ସମୟ କ୍ରମେ ବିଭିନ୍ନ ଦାୟିତ୍ୱ, କର୍ମ ବ୍ୟସ୍ତତା କାରଣରୁ ଶାରୀରିକ ସମ୍ପର୍କ ପ୍ରଭାବିତ ହୋଇଥାଏ । ଆଉ ଏହା ସମ୍ପର୍କ କ୍ଷେତ୍ରରେ ଠିକ୍ ନୁହେଁ । ଯଦି ଆପଣଙ୍କୁ ଲାଗୁଛି ଆପଣଙ୍କ ରିଲେସନ୍‌ସିପ୍ ଏହି ସମୟ ଦେଇ ଗତି କରୁଛି, ତେବେ ଏହାକୁ ଦୂର କରିବା ପାଇଁ, ଜୀବନକୁ ଉପଭୋଗ କରିବା ପାଇଁ ନିମ୍ନଲିଖିତ ଟିପ୍ସକୁ ଅନସରଣ କରିବା ନିହାତି ଆବଶ୍ୟକ ।

◆ ଆପଣ ଉଭୟେ କେତେ ବି କର୍ମଚାପରେ ରୁହନ୍ତୁ ନା କାହିଁକି, ଅତିକମ୍‌ରେ ଗୋଟିଏ ଦିନ ବାହାର କରି ଉଭୟେ ଏକତ୍ର ବିତାଇବା ଦରକାର । କିଛି ସ୍ଥାନ ବୁଲିବାର ଯୋଜନା ରଖିବା, ଖୋଲାଖୋଲି କଥାବାର୍ତ୍ତା ହେବା ଏହି ସମସ୍ୟାକୁ ଦୂର କରିବାରେ ସହାୟକ ହୋଇଥାଏ ।

◆ ଆପଣଙ୍କ ରିଲେସନ୍‌ସିପ୍ ଦୀର୍ଘଦୀନ ହୋଇଯିବା ଅର୍ଥ ଆପଣ ରୋମାଣ୍ଟିକ୍ କଥାବାର୍ତ୍ତା କରିବା ଛାଡ଼ିଦେବା ଠିକ୍ ନୁହେଁ । ରୋମାନ୍ସ ସବୁବେଳେ ରହିବା ଦରକାର । ପରସ୍ପର ମଧ୍ୟରେ ରୋମାଣ୍ଟିକ୍ କଥାବାର୍ତ୍ତା ଆପଣଙ୍କୁ ଆଗାମୀ ପଦକ୍ଷେପ ନେବାକୁ ଆହୁରି ସହଜ କରିବ ।

◆ ରୋମାଣ୍ଟିକ୍ ଡିନର୍ ଡେଟ୍ ମଧ୍ୟ ପ୍ରେମକୁ ମଜଭୁତ କରିବା ଓ ଆଗକୁ ନେବାରେ ବଡ଼ ସହଯୋଗ କରିଥାଏ । ଯଦି ଆପଣ କ୍ୟାଣ୍ଡେଲ୍ ଲାଇଟ୍ ଡିନର୍ କରୁଛନ୍ତି, ତେବେ ବହୁତ ଭଲ । ନଚେତ୍ ଖାଇବା ଦରକାର । ଏହା ଉଭୟେଙ୍କୁ ଆହୁରି ହୃଦୟର ପାଖକୁ ଆଣିଥାଏ ।

◆ ଉଭୟ ପତି-ପତ୍ନୀ ପରସ୍ପରକୁ ସେକ୍ସି ଗିଫ୍ଟ ଦେବାକୁ ଅସହଜ ମନେକରିଥାନ୍ତି । ହେଲେ ମନେ ରଖିବା ଦରକାର ଯେ, ଏହି ଉପହାର ମାଧ୍ୟମରେ ଆପଣ ନିଜର ମନର କଥା ଏବଂ ଶାରୀରିକ ସମ୍ପର୍କ ରକ୍ଷା କରିବାର ବିଷୟକୁ ଅବଗତ କରାଇ ପାରିବେ ।

◆ ସମ୍ପର୍କ ସମୟରେ ସବୁବେଳେ ମନେ ରଖିବା ଦରକାର ଯେ, ଆପଣ ରୋମାନ୍ସକୁ ଭୁଲି ନାହାନ୍ତି । ଯେତେ ବିଳମ୍ବ ହେଲେ ମଧ୍ୟ ରୋମାନ୍ସ କରିବା ଛାଡନ୍ତୁ ନାହିଁ । କାରଣ ଏହା ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଅତି ଜରୁରୀ ।









# ସୁଖ୍ୟାତି ପାଇଁ ପୁରସ୍କୃତ ଗ୍ରାମ



ଛତିଶଗଡ଼ର ଯଶପୁର ଜିଲାର ଏକ ଛୋଟ ଗ୍ରାମ ହେଉଛି କନମୋରା । କିଛି ବର୍ଷ ତଳେ ପୂରା ରାଜ୍ୟରେ ଏହି ଗ୍ରାମ ନିଜ କୁଖ୍ୟାତି ପାଇଁ ଜଣାଯାଉଥିଲା । ଗ୍ରାମର ପ୍ରତ୍ୟେକ ବୟସର ପୁରୁଷ ନିଶାଗ୍ରସ୍ତ ରହି ବିଭିନ୍ନ ଅପରାଧକାଣ୍ଡମାନ କରୁଥିଲେ । ଏଇ କାରଣରୁ ନିୟମିତ ପୁଲିସ୍ ମଧ୍ୟ ଗାଁକୁ ଆସୁଥିଲା । ଏଭଳି ଦୃଶ୍ୟପଟ ୭ ବର୍ଷ ତଳେ ଥିଲା । ଏବେ କିନ୍ତୁ କନମୋରା ଗ୍ରାମ ନିଜ ସୁଖ୍ୟାତି ନିମନ୍ତେ ରାଜ୍ୟସ୍ତରରେ ପୁରସ୍କୃତ ହୋଇଛି । ଗ୍ରାମର ପ୍ରତ୍ୟେକ ଆରମ୍ଭ କରିଥିଲେ ସେଠାରେ ମହିଳାମାନେ । ଆରମ୍ଭ ସମୟରେ ସେମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥିଲେ । କିନ୍ତୁ ନିଜ ଆନ୍ଦୋଳନରୁ ପଛଘୁଞ୍ଚା ଦେଇନଥିଲେ । ଗାଁର ଜନୈକ ମହିଳା ହେଉଛନ୍ତି ୬୪ ବର୍ଷୀୟା ନିରୁ ଲାକ୍ରା । ସ୍ୱାମୀ ତାଙ୍କର ଏଇ ନିଶା ସେବନ କରି ଅକାଳରେ ପ୍ରାଣ ହରାଇଥିଲେ । ଦୁଇ ପୁଅ ମଧ୍ୟ ଯୁବକବେଳୁ ପିଇବା ଆରମ୍ଭ କଲେ । ବୋହୂ ଦୁହେଁ ଯେତେ ବୁଝାଇଲେ ମଧ୍ୟ କିଛି ଫଳ ମିଳିନଥିଲା । ଶେଷରେ ମହିଳାଙ୍କ ଏହି ଅଭିଯାନରେ ସେମାନେ ସାମିଲ ହୋଇ ନିଜ ଘରୁ ନିଶାଦ୍ରବ୍ୟ ଫିଙ୍ଗିବା ସହ ନିଶାଦ୍ରବ୍ୟ ପ୍ରସ୍ତୁତି ସରଞ୍ଜାମକୁ ମଧ୍ୟ ଜାଳିପୋଡ଼ି ଦେଲେ । କିଛି ଦିନ ଏହି ଆନ୍ଦୋଳନ ଚାଲିଲା । ଶେଷରେ ଗାଁର ପୁରୁଷମାନେ ବୁଝିପାରିଥିଲେ ସେମାନଙ୍କ ସୁସ୍ୱାସ୍ଥ୍ୟ ପାଇଁ ହିଁ ଏଭଳି ପଦକ୍ଷେପ ନିଆଯାଉଛି । ଆଜିର ସମୟରେ ଗାଁର କୌଣସି ପୁରୁଷ ନିଶା ଦ୍ରବ୍ୟକୁ ସ୍ପର୍ଶ ମଧ୍ୟ କରୁନାହାନ୍ତି । ଏପରିକି ଗତ ୭ ବର୍ଷ ମଧ୍ୟରେ ଗାଁରେ କିମ୍ବା ପାଖ ଗ୍ରାମରେ କୌଣସି ଚୋରୀ, ଡକାୟତି ମଧ୍ୟ ହୋଇନାହିଁ, ତେଣୁ ପୁଲିସ ଆସିବାର ଆବଶ୍ୟକତା ପଡ଼ିନାହିଁ ।

# ସିମଳା ଲଙ୍କା

ଲଙ୍କା ଓ ସିମଳା ଲଙ୍କା ଭିତରେ ବହୁ ସାମଞ୍ଜସ୍ୟ ରହିଛି । ଛୋଟ ଲଙ୍କା ରାଗ ହୋଇଥିବା ବେଳେ ବଡ଼ ସାଇଜର ସିମଳା ଲଙ୍କା ସେତେଟା ରାଗ ନୁହେଁ । ଏଥିରେ ଭିଟାମିନ୍ ବା ପୋଷକ ତତ୍ତ୍ୱ ଯେପରିକି ଆଇରନ, ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟି ବ୍ୟାକ୍ଟେରିଆଲ ଭରପୁର ରହିଛି ।

**ମେଟାବଲିଜିମ୍ ବୃଦ୍ଧି:**

ଭିଟାମିନ୍ ଏ' ଓ ଭିଟାମିନ୍ ସି'ରେ ଭରପୁର ସିମଳା ଲଙ୍କା ଆଣ୍ଟିଅକ୍ସିଡାଣ୍ଟର ଉତ୍ତମ ମାଧ୍ୟମ । ଏଥିସହିତ ହୃଦୟ ଜଡ଼ିତ ରୋଗ ଆଜମା ଓ ମୋତିଆବିନ୍ଦୁ ଦୂର କରିବା ପାଇଁ ଖୁବ୍ ଲାଭଦାୟକ ।

**କ୍ୟାନସରରୁ ରକ୍ଷା:**

ସିମଳା ଲଙ୍କା କ୍ୟାନସରରୁ ରକ୍ଷା କରିବାରେ ଖୁବ୍ ଫଳପ୍ରଦ । କ୍ୟାନସର ସେଲକୁ ବିକଶିତ ହେବାକୁ ଦିଏ ନାହିଁ । ପ୍ରତିଦିନ ସିମଳା ମିର୍ଚ୍ଚ (ଲଙ୍କା) ଖାଇବା ଫଳରେ କ୍ୟାନସର ହେବାରେ ଭୟ କମ୍ ରହିଥାଏ ।

**ଯନ୍ତ୍ରଣାରୁ ଆରାମ:**

ସିମଳା ଲଙ୍କାରେ ଏପରି ତତ୍ତ୍ୱ ରହିଛି ଯାହାକି ତ୍ୱଚା ଯନ୍ତ୍ରଣା ତଥା ସ୍ୱାଇନାଲ କର୍ଡ ଆଦି ଯନ୍ତ୍ରଣା ହେବାକୁ ଦିଏ ନାହିଁ । ଏଥିରେ ଗଚ୍ଛିତ ଥିବା ତତ୍ତ୍ୱ ନାଚୁରାଲ ପେନକିଲର ପରି କାମ କରିଥାଏ ।

**କମ୍ୟୁନିଟି ବଢ଼ାଏ:**

ଭିଟାମିନରେ ଭରପୁର । ସଂକ୍ରମଣ ରୋଗ ସହିତ ଲଢ଼େଇ କରିବାରେ ମଧ୍ୟ ସହାୟକ ହୋଇଥାଏ । ଏହା ରୋଗ ପ୍ରତିରୋଧକ ବଢ଼ାଇବାରେ ଫଳପ୍ରଦ । ଏହା ଫୁସ୍‌ଫୁସ୍ ଇନ୍‌ଫେକସନକୁ ରୋକିଥାଏ ଏବଂ ଶ୍ୱାସ ପାଇଁ ଫଳପ୍ରଦ ।

**ମସ୍ତିଷ୍କ ବିକାଶ:**

ସିମଳା ଲଙ୍କାରେ ଆଣ୍ଡର୍ଫିନ ନାକକ ତତ୍ତ୍ୱ ରହିଛି, ଯାହାକି ମନୋଦଶାକୁ ସୁଧାର କରିଥାଏ ଓ ଆମକୁ ସୁଖ ଅନୁଭୂତ ହୁଏ । ଏଥିପାଇଁ ବହୁ ଲୋକ ସିମଳା ଲଙ୍କା ଖାଇବାକୁ ପସନ୍ଦ କରିଥାନ୍ତି । କାହିଁକି ନା ଏହା ମସ୍ତିଷ୍କ ପାଇଁ ଖୁବ୍ ଫଳପ୍ରଦ ।



# ଘର ପାଇଁ ଉପଯୋଗୀ ଗିଜର୍



■ ଇଲେକ୍ଟ୍ରିକ୍ ଗିଜର୍: ଏହା ଏକ ସାଧାରଣ ଗିଜର୍ । ପାଣିକୁ ଗରମ କରିବା ପାଇଁ ଏଥିରେ କପର୍ କଏଲ୍ ବ୍ୟବହୃତ ହୋଇଥାଏ । ତୁରନ୍ତ ପାଣିକୁ ଗରମ କରିବାରେ ଏହି ଗିଜର୍ ଭଲଭାବେ କାମ କରେ । ଏହାର ମୂଲ୍ୟ ମଧ୍ୟ ସେତେ ଅଧିକ ନୁହେଁ ।

■ ଗ୍ୟାସ୍ ଗିଜର୍: ବଡ଼ ପରିବାର ପାଇଁ ସର୍ବୋତ୍କୃଷ୍ଟ ହେଉଛି ଗ୍ୟାସ ଗିଜର୍ । ସ୍ନାନାଗାର ଏଥିନିମନ୍ତେ ବଡ଼ ହୋଇଥିବା ଆବଶ୍ୟକ, କାରଣ ବାୟୁ ଚଳାଚଳ ଏଇ ଗ୍ୟାସ୍ ଗିଜର୍ ନିମନ୍ତେ ଖୁବ୍ ଜରୁରୀ । ଗ୍ୟାସ୍ ବର୍ଣ୍ଣର ସହାୟତାରେ ଏଥିରେ ପାଣି ଗରମ ହୋଇଥାଏ ।
ଆକାରରେ ବଡ଼ ଏହି ଗିଜର୍‌ର ପାଣି ଗରମ ତାପମାତ୍ରାକୁ ମଧ୍ୟ ନିୟନ୍ତ୍ରଣ କରିହୋଇଥାଏ ।

■ ଟ୍ୟାଙ୍କ୍ ୱାଟର୍ ହିଟର୍: ଏହି ହିଟରରେ ପାଣି ସଂରକ୍ଷିତ ହୋଇରହେ । ତେବେ ଅଧିକ ସମୟ ପାଣି ରହିବା ପରେ ପୁଣି ଥଣ୍ଡା ହୋଇଯାଏ । ଟ୍ୟାଙ୍କ ୱାଟର୍ ହିଟର ଉଭୟ ବିଦ୍ୟୁତ୍ ଚାଳିତ ଓ ଗ୍ୟାସ୍ ଚାଳିତ ।

■ ହାଇବ୍ରିଡ୍ ୱାଟର୍ ହିଟର୍: ଅନ୍ୟ ହିଟର୍ ଠାରୁ ୬୦ ପ୍ରତିଶତ କମ୍ ବିଦ୍ୟୁତ୍ ଖର୍ଚ୍ଚ କରୁଥିବା ଏଇ ହିଟର୍‌ର ମୂଲ୍ୟ କିନ୍ତୁ ଅଧିକ । ଏହି ହିଟର୍ ନିରନ୍ତର ଭାବେ ଗରମ ପାଣିର ପ୍ରବାହକୁ ଅବ୍ୟାହତ ରଖେ ।

■ ସୋଲାର ୱାଟ୍: ଛୋଟ ପରିବାର ପାଇଁ ଏହା ଏକ ଉତ୍ତମ ବିକଳ୍ପ । ପ୍ରାରମ୍ଭିକ ପର୍ଯ୍ୟାୟରେ ଏଥିପାଇଁ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ, ପରେ କିନ୍ତୁ ଏହା ଖୁବ୍ ଉପଯୋଗୀ ହୋଇଥାଏ । ସୋଲାର୍ ଶକ୍ତି ସାହାଯ୍ୟରେ ଚାଲୁଥିବା ଏହି ହିଟର୍ ବିଦେଶୀ ରାଷ୍ଟ୍ରରେ ଖୁବ୍ ଲୋକପ୍ରିୟ ।

ଏବର୍ଷ ଶୀତର ପ୍ରକୋପ ଅନ୍ୟ ବର୍ଷ ତୁଳନାରେ ଅଧିକ ବୋଲି ଲୋକଙ୍କ ମତ । ଫେବୃଆରୀ ଶେଷ ସପ୍ତାହ ପର୍ଯ୍ୟନ୍ତ ଭାରତର ପ୍ରତ୍ୟେକ ପ୍ରାନ୍ତରେ ଶୀତର ସ୍ପର୍ଶ ରହିବ । ଏଣୁ ଅଧିକାଂଶ ପରିବାର ଏଇ ଶୀତରେ ଗିଜ୍‌ରର୍ ଆବଶ୍ୟକତା ଅନୁଭବ କରୁଛି । ଏହା ସହ ବିଶେଷଜ୍ଞଙ୍କ ମତରେ ବର୍ଷକ ୧୨ ମାସ ନଖ ଉଷୁମ ପାଣିରେ ସ୍ନାନ କରିବା ଦେହ ପାଇଁ ହିତକାରୀ । ବଜାରରେ ଏବେ ବିଭିନ୍ନ ଡିଜାଇନ୍ ଓ କ୍ଷମତାସମ୍ପନ୍ନ ଗିଜର୍ ମିଳୁଛି । ଜଣେ ବ୍ୟକ୍ତି ଗିଜର୍ କିଣିବା ପୂର୍ବରୁ ଏ ବାବଦରେ ଭଲ ଭାବେ ତଥ୍ୟ ହାସଲ କରିବା ଉଚିତ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ସଚେତନତାକୁ ଗୁରୁତ୍ୱ ଦେବା ଆବଶ୍ୟକ...

କରୋନାର ତୃତୀୟ ଲହର ଏହାର ନୂଆ ଭାରିଆଣ୍ଟ୍ ଓମିକ୍ରନ୍ ସହିତ ଆରମ୍ଭ ହୋଇ ସାରିଥିବା ବେଳେ ଏବଂ ଏହି ଭାରିଆଣ୍ଟର ସ୍ୱଭାବ ଅନୁସାରେ ଏହା ଦ୍ରୁତ ଗତିରେ ସମ୍ପ୍ରସାରିତ ହୋଇ ଲୋକମାନଙ୍କୁ ସଂକ୍ରମିତ କରୁଛି । ଏହାକୁ ରୋକିବାକୁ ସରକାରମାନେ ପଦକ୍ଷେପ ନେବା ସ୍ୱାଭାବିକ । ତେବେ ବିରୋଧାଭାସୀ ଦୃଶ୍ୟଗୁଡ଼ିକ ପରିପ୍ରେକ୍ଷୀରେ କୁହାଯାଇପାରେ ଯେ ଯାହା ନ କରିବା କଥା, ତାହା କରାଯାଉଛି ଏବଂ ଯାହା କଲେ କିଛି ଉପକାର ମିଳିବ, ତାହା କ୍ୱଚିତ କରାଯାଉଛି । ନିକଟରେ ପ୍ରଧାନମନ୍ତ୍ରୀ ରାଜ୍ୟ ସରକାରମାନଙ୍କୁ କହିଛନ୍ତି ଯେ କୋଭିଡ୍-୧୯ ମହାମାରୀ ଏବଂ ଏହାର ନୂଆ ଭାରିଆଣ୍ଟର ପ୍ରସାରକୁ ରୋକିବାକୁ ସେମାନେ ସ୍ଥାନୀୟ ସ୍ତରରେ ପଦକ୍ଷେପମାନେ ନିଅନ୍ତୁ ଯଦ୍ୱାରା ଲୋକମାନଙ୍କ ଜୀବନ ଜୀବିକାରେ ସର୍ବନିମ୍ନ କ୍ଷତି ହେବ । ଏହା ଏକ ସ୍ୱାଗତଯୋଗ୍ୟ କଥା । କାରଣ, କେନ୍ଦ୍ର ଏବଂ ରାଜ୍ୟ ସରକାରମାନେ ଯେତେବେଳେ ଲୋକମାନଙ୍କ ଚଳାଚଳ ଉପରେ ନୂଆ ନୂଆ ପ୍ରତିବନ୍ଧ ଲଗାଇ ଆତ୍ମସନ୍ତୁଷ୍ଟି ଲାଭ କରୁଛନ୍ତି, ଠିକ୍ ସେତିକିବେଳେ ପ୍ରଧାନମନ୍ତ୍ରୀ ଏହି କଥା କହିଛନ୍ତି । ରାଜ୍ୟ ସରକାରମାନଙ୍କୁ ମଧ ଦୋଷ ଦେଇହେବ ନାହିଁ, ଯେହେତୁ ମହାମାରୀର ଏଇ ନୂଆ ଭାରିଆଣ୍ଟ୍ ଦ୍ୱାରା ସୃଷ୍ଟ ତୃତୀୟ ଲହର ପ୍ରତିଦିନ ଉଲ୍ଲେଖନୀୟ ସଂଖ୍ୟକ ସଂକ୍ରମଣଜନିତ ରିପୋର୍ଟ ଆଣୁଛି, ଯାହା ପୂର୍ବରୁ ଚାପଗ୍ରସ୍ତ ଅବସ୍ଥାରେ ରହି ଆସିଥିବା ଦେଶର ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ଉପରେ ଅଧିକ ଚାପ ପକାଇବାର ଆଶଙ୍କା ବହନ କରୁଛି । କେନ୍ଦ୍ର ସରକାର ମଧ ସବୁ ରାଜ୍ୟଙ୍କୁ ପର୍ଯ୍ୟାପ୍ତ ପରିମାଣର ଅକ୍ସିଜେନ୍ ଯୋଗାଣ ସହିତ ତାକୁ ଗଚ୍ଛିତ କରି ରଖିବା ସମ୍ପର୍କରେ ସୁନିଶ୍ଚିତ ହେବାକୁ କହିଛନ୍ତି, ଯାହା ଫଳରେ ଗତ ବର୍ଷ ଅକ୍ସିଜେନ୍‌କୁ ନେଇ ସାରା ଦେଶରେ ଯେଭଳି ହାହାକାର ଦେଖା ଦେଇଥିଲା ଏବଂ ଏହାର ଅଭାବରୁ ଅନେକ ଲୋକ ପ୍ରାଣ ହରାଇ ଥିଲେ, ତାକୁ ଏଡ଼ାଇ ଦିଆଯାଇ ପାରିବ । ସରକାରମାନେ ଏସବୁ ପଦକ୍ଷେପ ନେବା ନିହାତି ଆବଶ୍ୟକ, କାରଣ ବେଳ ଥାଉଁ ଥାଉଁ ସାବଧାନ ହେବା ବିଜ୍ଞତାର ପରିଚାୟକ । କିନ୍ତୁ ତୃଣମୂଳ ସ୍ତରରେ ସ୍ଥିତି ସମସ୍ତଙ୍କ ସମ୍ମୁଖରେ କିଛି ଭିନ୍ନ ଚିତ୍ର ତୋଳି ଧରୁଛି, ଯେଉଁଠି ଦାୟିତ୍ୱସମ୍ପନ୍ନ ଲୋକମାନେ ପରିସ୍ଥିତିର ଗମ୍ଭୀରତାକୁ ବୁଝିବାକୁ ନାରାଜ ଏବଂ ଅତି ବେଖାତିରପଣିଆ ପ୍ରଦର୍ଶନ କରି ଚାଲିଛନ୍ତି । ଏଇ ନିକଟରେ କର୍ଣ୍ଣାଟକ ସରକାର ପ୍ରଦେଶ କଂଗ୍ରେସ କମିଟିର ସଭାପତିଙ୍କ ସମେତ ୩୦ ଜଣ କର୍ମୀଙ୍କୁ ଗିରଫ କରିଛନ୍ତି । ସେମାନେ ରାଜ୍ୟରେ କୋଭିଡ୍-୧୯ର ସଂକ୍ରମଣକୁ ରୋକିବା ନିମନ୍ତେ ଜାରି ହୋଇଥିବା ରବିବାର କର୍ଫ୍ୟୁକୁ ବେଖାତିର କରି ଏକ ପ୍ରତିବାଦ ଶୋଭାଯାତ୍ରା କରୁଥିଲେ । ଗୁରୁବାର ଦିନ ପରୀକ୍ଷା ପରେ ଜଣା ପଡ଼ିଲା ଯେ ଯେଉଁମାନେ ପ୍ରଥମ ଦିନର ପ୍ରତିବାଦ ଶୋଭାଯାତ୍ରାରେ ଭାଗ ନେଇଥିଲେ, ସେମାନଙ୍କ ମଧ୍ୟରୁ ଦୁଇଜଣ ବରିଷ୍ଠ ଦଳୀୟ ନେତା ପଜିଟିଭ ଚିହ୍ନଟ ହୋଇଛନ୍ତି । ପିସିସି ସଭାପତି ତାଙ୍କଠାରେ କିଛି ଲକ୍ଷଣ ନାହିଁ ବୋଲି କହି କୋଭିଡ୍ ପରୀକ୍ଷା ପାଇଁ ମନା କରି ଦେଇଥିଲେ । ସେହିପରି କେରଳରେ ଜିଲ୍ଲା ସମ୍ମିଳନୀର ଏକ ଅଂଶ ଭାବରେ ସିପିଆଇ (ଏମ) ଏକ ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଉ ଥିବାବେଳେ ପୁଲିସ ପାଖାପାଖି ୫୫୦ ସଂଖ୍ୟକ ଦଳୀୟ କର୍ମୀଙ୍କୁ ଗିରଫ କରି ସେମାନଙ୍କ ନାମରେ ମାମଲା ରୁଜୁ କରିଛି । ଗତ ସପ୍ତାହରେ କେରଳର କେନ୍ଦ୍ର ଭାଗରେ ଏକ ଫ୍ରାଏ ଓଭର ଉନ୍ମୋଚନ କରାଯିବା ପରିପ୍ରେକ୍ଷୀରେ ଆୟୋଜିତ ଏକ ଉତ୍ସବରେ ହଜାର ହଜାର ସଂଖ୍ୟାରେ ଲୋକମାନେ ଯୋଗଦାନ କରି ଥିବାରୁ ରାଜ୍ୟ ସରକାରଙ୍କ ଉପରେ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କ୍ରୋଧାଗ୍ନି ଉଦ୍‌ଗୀରଣ କରିଥିଲେ। କେବଳ ଦକ୍ଷିଣର ରାଜ୍ୟଗୁଡ଼ିକ ନୁହେଁ, ପୂର୍ବରେ ପଶ୍ଚିମବଙ୍ଗରେ ମଧ କମ୍ ବେଖାତିର କରାଯାଇ ନାହିଁ କୋଭିଡ୍ ପ୍ରତିରୋଧୀ ନିୟମକୁ । କୋଲକାତା ହାଇକୋର୍ଟଙ୍କ ଅନୁମତି ପ୍ରଦାନ ପରେ ଏଠାରେ ଅନୁଷ୍ଠିତ ହେଉଛି ଗଙ୍ଗାସାଗର ମେଳା, ଯେଉଁଥିରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଭକ୍ତ ବୁଡ଼ ପକାଇଥାନ୍ତି । ସରକାର କହୁଛନ୍ତି ଯେ ଏହା ସବୁ ପ୍ରକାରର କୋଭିଡ୍ ପ୍ରୋଟୋକଲ ଏବଂ କୋର୍ଟଙ୍କ ମାର୍ଗଦର୍ଶିକାର ଅନୁପାଳନ କରୁଛନ୍ତି । ଦେଖିବାକୁ ବାକି ରହିଲା, ଏହି ମେଳା ଏକ ସୁପର-ସ୍ପ୍ରେଡର ଘଟଣା ପାଲଟୁଛି କି ନାହିଁ । ଗୋଟିଏ ପଟେ ସରକାରମାନେ ଏଡ଼ାଇ ହେବା ଭଳି ବିପୁଳ ସଂଖ୍ୟକ ଜନ ସମାବେଶ ଘଟୁଥିବା ଉତ୍ସବ ପାଳନ, ବିଶେଷକରି ରାଜନୀତିକ ଓ ଧାର୍ମିକ ଉତ୍ସବଗୁଡ଼ିକ ପାଳନ ହେବା ଉପରେ କଟକଣା ଜାରି କରିବାରୁ ମୁହଁ ଫେରାଇ ନେଉଥିବା ବେଳେ ସାଧାରଣ ଲୋକମାନେ ସେମାନଙ୍କ ଜୀବନ ବଞ୍ଚାଇବାକୁ ଜୀବିକାର୍ଜନ ପାଇଁ ଆବଶ୍ୟକ କରୁଥିବା ଚଳାଚଳ ଉପରେ ପ୍ରତିବନ୍ଧକ ଜାରି କରିବାରେ ହେଳା କରୁ ନାହାନ୍ତି । ଗୋଟିଏ ପରେ ଗୋଟିଏ ରାଜ୍ୟ ସ୍କୁଲ କଲେଜଗୁଡ଼ିକ ବନ୍ଦ କରି ପିଲାମାନଙ୍କୁ ପାଠପଢ଼ାରୁ ବଞ୍ଚିତ କରି ଚାଲିଛନ୍ତି । କେତେକ ରାଜ୍ୟ ତ ସପ୍ତାହାନ୍ତ ସଟଡାଉନ୍ ଏବଂ ରାତ୍ରିକାଳୀନ କର୍ଫ୍ୟୁ ଜାରି କରିଛନ୍ତି । ଦିଲ୍ଲୀରେ ସରକାର ଘରୋଇ କାର୍ଯ୍ୟାଳୟଗୁଡ଼ିକୁ ବନ୍ଦ କରି ଦେଇଛନ୍ତି । ଏହାର ପ୍ରଭାବ ଲକ୍ଷ ଲକ୍ଷ ଲୋକଙ୍କ ଉପରେ ପଡ଼ିବାର ଆଶଙ୍କା ରହିଛି । ପରନ୍ତୁ, ସରକାରଙ୍କ କହିବା କଥା ହେଲା, ତାଙ୍କ ପାଖରେ ଆଉ କିଛି ବିକଳ୍ପ ନାହିଁ । କହିବା ବାହୁଲ୍ୟ, ସମଗ୍ର ଦେଶବାସୀ ଏହି ଭୂତାଣୁର ଦୌରାତ୍ମ୍ୟ ସହିତ ଦୁଇ ବର୍ଷ କଟାଇ ସାରିଲେଣି ଏବଂ ପ୍ରାଥମିକ ଅବସ୍ଥା ତୁଳନାରେ ଏହାର ମୁକାବିଲା କରିବା କ୍ଷେତ୍ରରେ ବର୍ତ୍ତମାନ ଊଣା ଅଧିକେ ପ୍ରାୟ ସମସ୍ତେ ସଚେତନ । ପୁରୁଣାକାଳିଆ ପ୍ରଥା ପରମ୍ପରାକୁ ଅନ୍ଧ ଭାବରେ ମାନିନେବା ଅପେକ୍ଷା ସରକାରମାନେ ସାମୂହିକ ଭାବରେ ଆହରଣ କରାଯାଇଥିବା ଜ୍ଞାନକୁ କାମରେ ଲଗାଇବା ଆବଶ୍ୟକ । ଏଡ଼ାଇ ହେବା ଭଳି କାର୍ଯ୍ୟକଳାପଗୁଡ଼ିକ ଉପରେ କଟକଣା ଜାରି କରି ସେମାନେ ଲୋକମାନଙ୍କୁ ସ୍ୱାଭାବିକ ଜୀବନ ଯାତ୍ରା କରିବାର ସୁଯୋଗ ପ୍ରଦାନ କରିବା ବିଧେୟ । କୋଭିଡ୍‌କୁ ଦୂରେଇ ରଖିବା ନିମନ୍ତେ ଲୋକମାନେ ଯେପରି ମାସ୍କ ପରିଧାନ କରିବେ, ସାନିଟାଇଜର ବା ସାବୁନରେ ବାରମ୍ବାର ହାତ ଧୋଇବେ ଏବଂ ସାମାଜିକ ଦୂରତା ରକ୍ଷା କରିବେ, ସେ ବାବଦରେ ସଚେତନତାକୁ ବ୍ୟାପକ କରିବା ଉପରେ ଗୁରୁତ୍ୱ ଦେବା ଉଚିତ।

## ବିକାଶ ଓ ମାନବିକ ଦୃଷ୍ଟିକୋଣ



ଡକ୍ଟର ଲକ୍ଷ୍ମଣ ସାହୁ

ଦେଶର ପ୍ରତ୍ୟେକ ମୁହୂର୍ତ୍ତରେ ନୀତି ନିର୍ମାତାମାନଙ୍କ ଆବଶ୍ୟକତା, ବର୍ତ୍ତମାନର ସଙ୍କଟର ପ୍ରତିକାର ଭଳି ଶବ୍ଦକୁ ଅଣଦେଖା କରିବା ନିହାତି ଉଚିତ । କାରଣ ବର୍ତ୍ତମାନ ଦେଶର ସମସ୍ୟାର ସ୍ଥାୟୀ ସମାଧାନ ପ୍ରତି ଅଧିକ ମାତ୍ରାରେ ଦୃଷ୍ଟି ଦେଇ ତାହାର ଉପାୟ ଖୋଜିବା ଅପରିହାର୍ଯ୍ୟ ହୋଇପଡିଛି । ଯେଉଁଠି ଦୁର୍ନୀତି, ଅଶିକ୍ଷା, ଶିକ୍ଷା ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା ବ୍ୟବସ୍ଥା, ଦାରିଦ୍ର୍ୟ, ଜଳବାୟୁ ପରିବର୍ତ୍ତନ, ଭୂତଳ ଜଳ ସ୍ତର ହ୍ରାସ, ବାୟୁ ପ୍ରଦୂଷଣ, କଠିନ ବର୍ଜ୍ୟବସ୍ତୁ, ମହିଳା ସଶକ୍ତିକରଣ, ବେକାରୀ, କୃଷି ସଙ୍କଟ, ବାଢ଼, ମରୁଡ଼ି, ବିଚାରାଧୀନ ନ୍ୟାୟ, ଜିଡିପି ଇତ୍ୟାଦି ପ୍ରସଙ୍ଗଗୁଡ଼ିକ ସାମ୍ନାରେ ରହିଛି । ଦେଶ ପାଇଁ ଯେଉଁମାନେ ଆଜି ପ୍ରାଥମିକତା ଭିତ୍ତିରେ ସମାଧାନ ଖୋଜିବା ଆବଶ୍ୟକ କରନ୍ତି । ଭାରତ ଆଜି ସେଭଳି ଏକ ସମାନ ଅର୍ଥନୀତି ଆବଶ୍ୟକ କରେ ଯାହା ଦେଶରେ ଅସମାନତା ହ୍ରାସ କରିପାରିବ । ଗ୍ଲୋବାଲ୍ ରିପୋର୍ଟ ଅନୁଯାୟୀ, ଭାରତ ଏକ 'ଗରିବ ଓ ଅସମାନ ଦେଶ' ଭାବରେ ଠିଆ ହୋଇଛି । ଯେଉଁଠାରେ ଦେଶର ଦଶ ପ୍ରତିଶତ ଲୋକ ସମୁଦାୟ ଜାତୀୟ ଆୟର ସତୁରି ପ୍ରତିଶତ ଅଂଶ ଗ୍ରହଣ କରୁଛନ୍ତି । ଏଥିରେ ମଧ ଶତକଡ଼ା ଶୂନ ୦ ଭାଗ ଅଛନ୍ତି ।

ଲୋକମାନେ ମୋଟ ଜାତୀୟ ଆୟର ବାଇଶି ପ୍ରତିଶତ ଦଖଲ କରନ୍ତି । ଆଶ୍ଚର୍ଯ୍ୟଜନକ କଥା ହେଉଛି କୋଭିଡ ମହାମାରୀର ଯୁଗ କୋଟିପତିଙ୍କ ପାଇଁ ଏକ ସୁବର୍ଣ୍ଣ ଯୁଗ ବୋଲି ପ୍ରମାଣିତ ହୋଇଛି । ଏହା ପ୍ରମାଣ କରେ ଯେ ଯେପର୍ଯ୍ୟନ୍ତ ବଞ୍ଚିବାର କୌଶଳ ଏବଂ ବଞ୍ଚିବା ପାଇଁ ମାନବୀୟ ପାଠ୍ୟକ୍ରମ ଶିକ୍ଷାରେ ଅନ୍ତର୍ଭୂକ୍ତ ନହୋଇଛି ସେପର୍ଯ୍ୟନ୍ତ ଏକ ଆଦର୍ଶ ଏବଂ ବୃତ୍ତିଗତ ଅର୍ଥନୀତି ପ୍ରତିଷ୍ଠା କରିବା ସମ୍ଭବ ନୁହେଁ । ପ୍ରଶ୍ନ ହେଉଛି, ଶିକ୍ଷା, ସ୍ୱାସ୍ଥ୍ୟ, ଅର୍ଥନୀତି, କୃଷି, ରୋଜଗାର, ଜଳବାୟୁ ପରିବର୍ତ୍ତନ ଭଳି ସମସ୍ୟା ମଧ୍ୟରୁ କେଉଁଟିକୁ କେନ୍ଦ୍ର ବିନ୍ଦୁରେ କିମ୍ବା ପ୍ରାଥମିକତା ସ୍ତର ମଧ୍ୟରେ ରଖାଯିବା ଉଚିତ, ଯେଉଁଥିରେ ସମସ୍ତ ସମସ୍ୟାର ସମାଧାନ ହୋଇପାରିବ । କାରଣ ସ୍ୱାସ୍ଥ୍ୟ ବିଷୟରେ ଚେତାବନୀ ପୁଣି ଆସୁଛି । ଜଳବାୟୁ ପରିବର୍ତ୍ତନ ସମସ୍ୟାରୁ ମୁକ୍ତି ପାଇବା ପାଇଁ ସାରା ବିଶ୍ୱରେ ଜୀବାଶ୍ମ ଇନ୍ଧନର ବ୍ୟବହାର ହ୍ରାସ କରିବାକୁ ଚେଷ୍ଟା କରାଯାଉଛି । ଯଦି କେହି ଚାଷ କରିବା ବିଷୟରେ କଥାବାର୍ତ୍ତା କରନ୍ତି, ତେବେ ଦେଶର ନୀତି ନିର୍ମାତାମାନେ କୃଷକଙ୍କ କଲ୍ୟାଣ ପାଇଁ, ଜଳସେଚନ ପାଇଁ, ବନ୍ଧ ନିର୍ମାଣ ବିଷୟରେ ଆଲୋଚନା କରିବେ । ସ୍ଥାନାନ୍ତରଣ ବନ୍ଦ କରିବାକୁ ମତ ଦେଉଥିବାବେଳେ, ପୁନଶ୍ଚ ଶିଳ୍ପ ଗୁଡିକର ଉନ୍ନତି କରଣ ଆବଶ୍ୟକତାକୁ ପ୍ରୋତ୍ସାହନ ଦେବା କୁହାଯାଏ, ଜଳ ସଂକଟ ଇତ୍ୟାଦି ସମସ୍ୟାର ସମାଧାନ ବିଷୟରେ ଆଲୋଚନା ହେଉଛି । କିନ୍ତୁ ସମାଧାନର ରାସ୍ତାଟି କୌଣସି ସ୍ଥାନରୁ ବାହାରକୁ ଆସୁଥିବା ପରି ମନେ ହେଉନାହିଁ ।

ଭାରତ ପରି ଦେଶରେ ଅହିଂସା ହେଉଛି ଏକମାତ୍ର ମାଧ୍ୟମ, ଯେଉଁଥିରେ ସମସ୍ତ ସମସ୍ୟାର ସମାଧାନ ହେଉଛି । କେବଳ ଅହିଂସା ମାଧ୍ୟମରେ କୃଷି ଜଳ, ଜମି, ଜୈବ ବିବିଧତା, ଜଳବାୟୁ ପରିବର୍ତ୍ତନ, ମୃତ୍ତିକା, ରୋଜଗାର, ପୁଷ୍ଟିହୀନତା ଭଳି ସମସ୍ୟାର ସମାଧାନ କରିପାରିବ । ତେଣୁ କୃଷିକୁ କେନ୍ଦ୍ରରେ ରଖିବା ପାଇଁ ସରକାର ଯୋଜନା ପ୍ରସ୍ତୁତ କରିବା ଉଚିତ । କେବଳ ସେତେବେଳେ ଦେଶ 'ସର୍ବ ଜନ ହିତାୟ, ସର୍ବ ଜନ ସୁଖାୟ'ର ନୀତି ପ୍ରଣୟନ କରିପାରିବ । ବର୍ତ୍ତମାନ ପର୍ଯ୍ୟନ୍ତ ଦେଶର ବିକାଶ ପାଇଁ ଯାହା କିଛି ଯୋଜନା କରାଯାଇଛି, ତାହା ସ୍ଥାୟୀ ସମାଧାନ ପ୍ରଦାନ କରୁନାହିଁ । ଯେପରି ସବୁଜ ବିପ୍ଲବ ଦେଶର ଉର୍ବର ମାଟି, ସ୍ୱାସ୍ଥ୍ୟ, ପଶୁପାଳନ ଇତ୍ୟାଦିକୁ ବାନ୍ଧି ରଖିଛି, ନଦୀଗୁଡ଼ିକ ବନ୍ଧା ହୋଇଛି ଏବଂ ଅର୍ଥନୀତି ମାନବିକତା ଏବଂ ପରିବେଶକୁ ଗ୍ରାସ କରିଛି । ଉଦାହରଣ ସ୍ୱରୂପ ଖାଦ୍ୟ ନିରାପତ୍ତା ବିଷୟରେ ଜନସଂଖ୍ୟା ଭାରତ ପାଇଁ ଏକ ବଡ଼ ଦାୟିତ୍ୱ ପାଲଟିଛି । ବିଶ୍ୱର ମୋଟ ଜମି କ୍ଷେତ୍ରର ମାତ୍ର ୨.୪ ପ୍ରତିଶତ ଥିବାବେଳେ ଭାରତର ଚଉଦ ପ୍ରତିଶତ ଲୋକ ଅଛନ୍ତି । ଏହା ଜଳ ଉତ୍ସର ପ୍ରାୟ ଚାରି ପ୍ରତିଶତ ଅଟେ । ଭାରତ ଜଳ ସଙ୍କଟର ସମ୍ମୁଖୀନ ହେବାର ଏହାହି କାରଣ ।

୧୯୫୧ ମସିହାରେ ମୁଣ୍ଡପିଛା ଜଳ ଉପଲବ୍ଧତା ପାଞ୍ଚ ହଜାର ଏକ ଶହ ସତୁରି ସାତ ଜଳ ମିଟର ଥିଲା, ଯାହା ୨୦୧୧ ରେ ଏକ ହଜାର ପାଞ୍ଚ ଶହ ପଚିଶ ଘନ ମିଟରକୁ ହ୍ରାସ ପାଇଲା, ଯଥା ପ୍ରାୟ ସତୁରି ପ୍ରତିଶତ ହ୍ରାସ ପାଇଛି । ବିଜ୍ଞାନ ଏବଂ ପରିବେଶ କେନ୍ଦ୍ର (CSE)ର ଏକ ରିପୋର୍ଟରେ କୁହାଯାଇଛି ଯେ ଭାରତରେ ଚାରୋଟି ପ୍ରମୁଖ ଜୈବ ବିବିଧତା କେନ୍ଦ୍ର ରହିଛି ଏବଂ ଏହି ଅଞ୍ଚଳଗୁଡିକର ନବେ ଦଶକ ହଜିଯାଇଛି । ଖାଲି ସେତିକି ନୁହେଁ, ଚିକାଗୋ ୟୁନିଭରସିଟିର ଏୟାର କ୍ୱାଲିଟି ଲାଇଫ୍ ଇଣ୍ଡେକ୍ସ (AQLI) ରିପୋର୍ଟ ଅନୁଯାୟୀ ଭାରତ ହେଉଛି ପୃଥିବୀର ସବୁଠାରୁ ପ୍ରଦୂଷିତ ଦେଶ । ଯଦି ଜଳବାୟୁ ପରିବର୍ତ୍ତନ ବିଷୟରେ କୁହାଯାଏ, ହାରାହାରି ତାପମାତ୍ରା ସ୍ୱାଭାବିକଠାରୁ ୦.୯୧ ପ୍ରତିଶତ ରେକର୍ଡ ହୋଇଛି । ଗତ ଶହେ ଚାଳିଶ ବର୍ଷ ମଧ୍ୟରେ ଏହା ଚତୁର୍ଥ ଥର ଥିଲା ଯେ ନଭେମ୍ବର ୨୦୨୧ ରେ ବର୍ଦ୍ଧିତ ତାପମାତ୍ରା ରେକର୍ଡ କରାଯାଇଥିଲା ।

ଏକ ସର୍ବେକ୍ଷଣ ଅନୁଯାୟୀ ଏହା ମଧ ଜଣାପଡିଛି ଯେ ବିଶ୍ୱର ସତୁରିଟି ପ୍ରମୁଖ ଖାଦ୍ୟ ଫସଲ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ପ୍ରଦୂଷଣ ଦ୍ୱାରା ପରିଚାଳିତ ହୋଇଥାଏ । ଏହି ପ୍ରଦୂଷଣ ପ୍ରକ୍ରିୟାରେ ମହୁମାଛି ବହୁତ ଅବଦାନ ଦେଇଥାଏ, ଯାହା ଦ୍ୱାରା ସେମାନେ ହଜାର ହଜାର ବିଭିନ୍ନ ପ୍ରାଣୀ ଏବଂ ପକ୍ଷୀଙ୍କୁ ଖାଦ୍ୟ ଯୋଗାନ୍ତି । ପୃଥିବୀରେ ବିଭିନ୍ନ ପ୍ରକାରର ଉଦ୍ଭିଦ ମିଳିଥାଏ ଏବଂ ମହୁମାଛି ଏଥିପାଇଁ ଦାୟୀ । ତେଣୁ ବିଲୁପ୍ତ ପ୍ରଜାତି ଏବଂ ପ୍ରକୃତିର ଚକ୍ରକୁ ସନ୍ତୁଳିତ କରିବା ପାଇଁ ଭାରତ ପରିବେଶ ସୁରକ୍ଷା ପାଇଁ ଦ୍ରୁତ ପଦକ୍ଷେପ ନେବା ଉଚିତ୍ । ଏହି ପ୍ରୟାସ ପାଇଁ ବିଶ୍ୱ ସ୍ତରରେ ଆବଶ୍ୟକତା ରହିଛି । ସମଗ୍ର ବିଶ୍ୱରେ ଏକ ପ୍ରକାର ନିୟମ ଲାଗୁ ହେବା ଏବଂ ପରିବେଶ ସହିତ ଖେଳିବା ବା ନଷ୍ଟ କରିବା ଏକ ଅନ୍ତର୍ଜାତୀୟ ଅପରାଧ ବୋଲି ଘୋଷଣା କରିବା ପାଇଁ ବିଶ୍ୱ ବ୍ୟାଙ୍କ ଭଳି ଅନୁଷ୍ଠାନ ମଧ ଭାରତ ଭଳି ବିକାଶଶୀଳ ଦେଶମାନଙ୍କ ପାଇଁ ଏପରି ଯୋଜନା ପ୍ରସ୍ତୁତ କରିବା ଉଚିତ୍ । ଯେଉଁଥିରେ ଟଙ୍କା ବଦଳରେ ବାର୍ଟର ପ୍ରଚଳନ କରାଯିବା ଉଚିତ୍ ଯାହାଦ୍ୱାରା କୁଟୀର ଶିଳ୍ପଗୁଡିକ ବୃଦ୍ଧି ପାଇବାରେ ଆଶା କରାଯାଏ ।

ଏହିପରି ଭାବରେ ଅସମାନତାର ବ୍ୟବଧାନ କିଛି ପରିମାଣରେ ଦୂର ହୋଇପାରିବ । ବିଶ୍ୱର ମହାନ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନ ପୁଞ୍ଜିବାଦ ବିଷୟରେ କହିଛନ୍ତି ଯେ, ବିଶ୍ୱର ବିକାଶ ଏକ ଘରୋଇ ପୁଞ୍ଜି ଏବଂ ଏକ ହାତଗଣତି ଦେଶରେ ସୀମିତ ରହିଛି । ବେସରକାରୀ ପୁଞ୍ଜିର ଏହି ଶକ୍ତି ଏକ ଗଣତାନ୍ତ୍ରିକ ସଂଗଠିତ ରାଜନୈତିକ ସମାଜ ଦ୍ୱାରା ମଧ ପ୍ରଭାବଶାଳୀ ଭାବରେ ନିୟନ୍ତ୍ରିତ ହୋଇପାରିବ ନାହିଁ। ସାମଗ୍ରିକ ଭାବେ, ଦେଶର ପରିବେଶ ସମ୍ଭାବନାକୁ ଆକଳନ କରିବା ପରେ ପ୍ରାକୃତିକ ସମ୍ପଦ ଖଣି କିମ୍ବା ବ୍ୟବହାର କରାଯିବା ଉଚିତ୍ । ଏଥିପାଇଁ ଦେଶର ପାଞ୍ଚଟି ଉପାଦାନ ପାଇଁ ଏକ ବିସ୍ତୃତ ଆଇନ ପ୍ରସ୍ତୁତ କରାଯିବା ଉଚିତ । କାରଣ ଜୈବ ବିବିଧତା, ଜଳ, ବାୟୁ ଇତ୍ୟାଦି ପାଇଁ ବିଭିନ୍ନ ନିୟମ ଏବଂ ନିୟମାବଳୀ ହେତୁ ଏହାର କାର୍ଯ୍ୟକାରିତାରେ ସମସ୍ୟା ରହିଛି । ତେଣୁ, ଯେଉଁମାନେ ଉଦ୍ଦେଶ୍ୟମୂଳକ ଭାବରେ ପରିବେଶକୁ କ୍ଷତି କରନ୍ତି, ସେମାନେ ସହଜରେ ଖସିଯାଆନ୍ତି ।

ସ୍ନାତକ ଏବଂ ସ୍ନାତକୋତ୍ତର ସ୍ତରର ଛାତ୍ର, ବିଜ୍ଞାନ, ଉଦାରତା, ଅର୍ଥ, ସମାଜ, କୃଷକମାନଙ୍କୁ ତିନିରୁ ଛଅ ମାସ ପର୍ଯ୍ୟନ୍ତ ବ୍ୟବହାରିକ ଶିକ୍ଷା ପ୍ରଦାନ ଉପରେ ସରକାର ଗୁରୁତ୍ୱ ଦେବା ଉଚିତ୍ । ଏହାକୁ ଚାଷ କାର୍ଯ୍ୟରେ ବ୍ୟବହାର କରାଯାଇପାରିବ । ଏହା କୃଷି କ୍ଷେତ୍ରରେ ଏବଂ ଗ୍ରାମ ସ୍ତରରେ କୃଷି ଶିଳ୍ପକୁ ମଧ ବୃଦ୍ଧି କରିବ । ବିକାଶ ପାଇଁ ବଡ ପ୍ରକଳ୍ପର ଆବଶ୍ୟକତା ନାହିଁ, କିନ୍ତୁ ଛୋଟ ଯୋଜନା ମଧ ସୁଖଦ ଫଳାଫଳ ଦେଇପାରେ । ଯଦି ଗାନ୍ଧୀଙ୍କ ଦର୍ଶନ ଏବଂ ନୀତିକୁ କେନ୍ଦ୍ରରେ ରଖି ଭବିଷ୍ୟତର ବିକାଶ ଯୋଜନା ପ୍ରସ୍ତୁତ କରାଯାଏ, ତେବେ ଦେଶ ଏକ ଅନ୍ତର୍ଭୂକ୍ତ ବିକାଶ ଦିଗରେ ସମାନ ଢଙ୍ଗରେ ଚାଲିପାରିବ । ଯଦିଓ କେନ୍ଦ୍ର ସରକାର ଗ୍ରାମ ସ୍ୱୟଂ ଶାସନ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି, କିନ୍ତୁ ଜିଡିପି ଧାରଣା ହେତୁ ଦେଶର ବିକାଶ ପାଇଁ କେତେକ ଦିଗକୁ ପ୍ରତ୍ୟାଖ୍ୟାନ କରିବା ଭଲ ବୋଲି ବିବେଚନା କରାଯାଇପାରିବ ନାହିଁ । ଉଦାହରଣ ସ୍ୱରୂପ, ନଦୀ ମିଳିତ ପ୍ରକଳ୍ପ ଅଧୀନରେ ଥିବା କେନ୍ ବେଟୱା ନଦୀ ବନ୍ଧନ ପ୍ରକଳ୍ପ, ଯେଉଁଥିରେ ଜଳ, ଜଙ୍ଗଲ, ଜମିର ପ୍ରକୃତ ମୂଲ୍ୟ ପ୍ରତ୍ୟାଖ୍ୟାନ କରାଯାଇଥିଲା । ଯେଉଁଠାରେ ଏହା ଅନୁରୂପ ମାଧ୍ୟମରେ ପ୍ରମାଣିତ ହୋଇଛି ଯେ ପୁଷ୍କରିଣୀ ଦ୍ୱାରା କୌଣସି କ୍ଷତି ନକରି ଲୋକଙ୍କୁ ଜଳସେଚନ ଏବଂ ପାନୀୟ ଜଳ ଯୋଗାଇ ଦିଆଯାଇପାରିବ ।

ତେଣୁ, ବିକାଶମୂଳକ ପ୍ରକଳ୍ପ ଗୁଡିକରେ ମାନବୀୟ ଆଭିମୁଖ୍ୟକୁ ସରକାର ଅଧିକ ଗୁରୁତ୍ୱ ଦେବା ଉଚିତ, ଯେଉଁଥିରେ ସାଧାରଣ ଲୋକଙ୍କ ଅଂଶଗ୍ରହଣ ନିଶ୍ଚିତ ହେବ, ଯାହା ଫଳରେ ଏହା ଗାନ୍ଧୀଙ୍କ ସ୍ୱପ୍ନରେ ଭାରତ ଖୁସି ହୋଇପାରିବ ଓ ଗାନ୍ଧୀଙ୍କ ଅଧୁରା ସ୍ୱପ୍ନ ସାକାର ହେବ ।


♥ ଅଧକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪
(ମୋ)୯୦୪୦୧୫୧୪୭୫


## ନେତା ଏବଂ ଦଳକୁ ଏକ ସୁଯୋଗ



ସୁବ୍ରତ କର

ଇଲେକ୍ସନର ଘଣ୍ଟି ବାଜିଲା ୫ ରାଜ୍ୟ ପାଇଁ ଏବଂ ଏହା ସହିତ ଆମ ରାଜ୍ୟ ପାଇଁ ମଧ । ପାଞ୍ଚଟି ରାଜ୍ୟ ପାଇଁ ସାଧାରଣ ନିର୍ବାଚନ ଥିଲାବେଳେ ଆମ ରାଜ୍ୟରେ ପଞ୍ଚାୟତ ଏବଂ ପୌରସଭା ପାଇଁ ହେବ, ହେବନାହିଁ ଭିତରେ ଦୁଇଟିଯାକ ଇଲେକ୍ସନ କମିଶନ ରାଜି ହୋଇ ସର୍ତ୍ତ ମୂଳକ ଇଲେକ୍ସନ କରିବା ପାଇଁ ସମ୍ମତି ପ୍ରଦାନ କରିଛନ୍ତି । ତଥାପି ଆମ ରାଜ୍ୟରେ କରୋନା ମାଡ଼ି ଚାଲିଥିବା ଅବସ୍ଥାରେ ବିରୋଧି ଦଳମାନେ ଇଲେକ୍ସନକୁ ରାଜି ହେଉ ନଥିଲେ । ଇଚ୍ଛା ଥିଲା ଆଉ ୨-୩ ମାସ ପରେ କରିବା ପାଇଁ । ତଥାପି ହାଇକୋର୍ଟରେ ନ କରିବା ପାଇଁ ମକର୍ଦ୍ଦମା ଡାଏର ହୋଇଛି । ହାଇକୋର୍ଟ ଛୁଟି ପରେ କଣ ରାୟ ଆସୁଛି ଦେଖିବା । ତେବେ ଏହି ବିଷୟରେ ହାଇକୋର୍ଟ ନିଶ୍ଚିତ ହସ୍ତକ୍ଷେପ କରିବେ ନାହିଁ । ଏବେ ଆସିବା ଇଲେକ୍ସନରେ କଣ ହେବାକୁ ଯାଉଛି । ଦଳବଦଳ ଆରମ୍ଭ ହୋଇଗଲାଣି ଏବଂ ଦଳ ପକ୍ଷରୁ ସିଟ୍ ବିକ୍ରି ମଧ ଚାଲିଲାଣି । ଉତ୍ତର ପ୍ରଦେଶରେ ଦଳବଦଳ ଜୋର ଧରିଛି । ମନ୍ତ୍ରୀ ଏବଂ ଏମଏଲଏ ମାନେ ଏ ଦଳରୁ ସେ ଦଳକୁ ଡିଆଁ ମାରିବା ଆରମ୍ଭ କରି ଦେଉଛନ୍ତି । ଏମିତି କି ଗୋଟାଏ ଗୋଟାଏ ସିଟ୍ ପାଇଁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଧାର୍ଯ୍ୟ କରାଗଲାଣି । ଏବେ ପ୍ରଶ୍ନ ଉଠୁଛି ଯଦି ଜଣେ ୫୦ ଲକ୍ଷ ଟଙ୍କା ଦେଇ ଦଳକୁ ଆସି ଟିକେଟ ପାଇଲା ଏବଂ ଲଢ଼ିକି ଜିତିକି ଆସିଲା ସେ ଭଦ୍ରଲୋକ କଣ କରିବେ ? ସେ ଟଙ୍କାକୁ ଫେରସ୍ତ ଆଣିବା ପାଇଁ ଚେଷ୍ଟା ନିଶ୍ଚୟ କରିବେ ଏବଂ ଆମ ଦେଶ ହେଉ ବା ରାଜ୍ୟ ହେଉ ଏଇଠୁ ଭ୍ରଷ୍ଟାଚାରର ମୂଳଦୂଆ ପଡ଼ିଲା । କେଉଁ ଦଳ କେତେ ପାଣ୍ଠି ଯୋଗାଡ଼ କରି ପାରିଲା ଏହାରି ଉପରେ ଅନେକ ସମୟରେ ହାରିବା ଜିତିବା ନିର୍ଭର କରେ । ଦଳର ହେଉ ବା ନିଜର ହେଉ ଏହି ପାଣ୍ଠି ଉପରେ କୌଣସି ସସରକାର ଅଂକୁଶ ଲଗାଇ ପାରିବେ ନାହିଁ । କମିଶନର ମଧ କିଛି କରିବାର ନାହିଁ । ଏଟା ନିଶ୍ଚିତ ଇଲେକ୍ସନ କମିଶନ ଦେଇଥିବା ଖର୍ଚ୍ଚ କରିବାର ଗାଇଡ ଲାଇନକୁ ଜଗି ରହନ୍ତି । ଏହାପରେ ତାଙ୍କର କିଛି କରିବାର ନାହିଁ । ଦଳର ପାଣ୍ଠି ଉପରେ କାହାରି ଅକ୍ତିଆର ନାହିଁ । ସବୁ ଦଳର ଏକାମତ ଏହି ପାଣ୍ଠି ଉପରେ କେହି ହାତ ମାରି ପାରିବେ ନାହିଁ । ଥରେ ଆମ ରାଜ୍ୟରେ ବିଜୁ ବାବୁଙ୍କ ଦ୍ୱାରା ଗଠିତ ବିଜୁ ଜନତା ଦଳ ପାଣ୍ଠିରେ ବିଜୁ ବାବୁ ଇଲେକ୍ସନରେ ହାରିଯିବା ପରେ ଜାନକୀ ବାବୁ ମୁଖ୍ୟମନ୍ତ୍ରୀ ହୋଇଥିଲେ (୧୯୯୬ ମସିହାର ଘଟଣା) । ସେ ବିଜୁ ବାବୁଙ୍କ ଉପରେ ରାଗ ସୁହାଇବା ପାଇଁ ସେ ଜାଣିଥିଲେ ବିଜୁବାବୁ ଯେଉଁ ୧୪କୋଟି ଟଙ୍କା ରଖିଛନ୍ତି, ଦଳ ନାଁରେ ନରଖି ନିଜ ନାଁରେ ରଖିଛନ୍ତି । ସେ ଭିଜିଲାନ୍ସ କେସ କରିଥିଲେ ଏବଂ କେସ ଚାଲିଥିଲା । ପରେ ବିଜୁବାବୁଙ୍କ ମୃତ୍ୟୁ ପରେ ଏହି କେଶକୁ ଉଠାଇ ନେଇଥିଲେ ।

## କବିତା କୋଣାର୍କ

### ମିହିର ଦାସଙ୍କୁ ଶ୍ରଦ୍ଧାଞ୍ଜଳି

ରମେଶ ଚନ୍ଦ୍ର ନାୟକ



ନବ ବରଷରେ ଆକାଶ କାନ୍ଦୁଛି
ଓଡ଼ିଶା ମାଟି ଚିନ୍ତିତ
ମିହିର ଦାସଙ୍କ ଅକାଳ ବିୟୋଗେ
ଝୁରୁଛି ସାରା ଜଗତ ।।

ଓଲିଉଡ଼ କ୍ଷେତ୍ରେ ଶ୍ରେଷ୍ଠ କଳାକାର
ପରିଚିତ ଘରେ ଘରେ
ମନୋରଞ୍ଜନର ବଳିଷ୍ଠ ଚେହେରା
ତାଙ୍କ ବିନୁ ହୃଦ ଝୁରେ ।।

ସିନେମା ଜଗତେ ଭୀଷ୍ମ ପିତାମହ
ଅଭିନୟେ ଯାଦୁକର
ନାୟକ ହେଉବା ସେ ଖଳନାୟକ
ହାସ୍ୟ ଅଭିନୟେ ବୀର ।।

ଜୀବନତ ଥିଲା ଚଳଚ୍ଚିତ୍ର ପାଇଁ
କିମ୍ବଦନ୍ତୀ ଅଭିନେତା
ସବୁଥିରେ ଫିଟ୍ ସବୁଥିରେ ହିଟ୍
ମଣନ୍ତି ପ୍ରଭୁ ଜନତା ।।

ଚାହୁଁ ଚାହୁଁ ଦୀର୍ଘ ଚାଳିଶି ବରଷ
ମୁହେଁ ବୋଳିଥିଲେ ରଙ୍ଗ
ସେହି ମୁହଁ ଏବେ ଫିକା ପଡି ଅଛି
କାନ୍ଦୁଛନ୍ତି ବନ୍ଧୁ ବର୍ଗ ।।

କେତେ ପ୍ରଯୋଜକ ସଂଳାପ ଲେଖକ
ନିର୍ଦ୍ଦେଶକ ଗୀତିକାର
ମିହିର ଦାସଙ୍କ ପରଲୋକ ଯୋଗୁ
ଦିଶେ ତାଙ୍କୁ ଅନ୍ଧକାର ।।

କେତେଯେ ଉଜୁଡ଼ା ସଂସାର ଯୋଡିଛି
ଜୀବନର ଦୋ' ଛକିରେ
ଆଶାର ଆଲୋକ ମନେ ଭରିଛନ୍ତି
ପତି ପତ୍ନୀ ସଂସାରରେ ।।

ମନେ ଦିଏ ବ୍ୟଥା ତାଙ୍କ ମିଠା କଥା
ଆଉ ଶୁଣିବେନି ବୋଲି
ତାଙ୍କ ସ୍ନେହ ଶ୍ରଦ୍ଧା ବିନୁ ପାଲଟଇ
କଳା କ୍ଷେତ୍ର ମରୁ ବାଲି ।।

ଦୁଃଖଦ ବିୟୋଗେ ସିନେ ଜଗତରେ
କ୍ଷତି ଯେ ଅପୂରଣୀୟ
ଈଶ୍ୱର କୃପାରୁ ଅମର ଆତ୍ମାର
ସଦଗତି ହେଉ ଜୟ ।।

ମିହିରର ଅର୍ଥ ହୋଇଛି ସାର୍ଥକ
ସିନେମା ଜଗତ ପାଇଁ
ପ୍ରଣିପାତ କରୁ ପୟରେ ତାଙ୍କର
ଶ୍ରଦ୍ଧାଞ୍ଜଳି ବାର୍ତ୍ତା ଦେଇ ।।


♥ କେଶରପୁର, ବକ୍ସି ବଜାର, କଟକ
(ମୋ) ୭୯୭୮୧୫୧୭୧୦


### ନିଶାକୁ କରିବା ଦୂର

ହରେରାମ ପଣ୍ଡା



ରସିକ ମକରା ପାଦ ଟଳମଳ
ଯାଉଁଯାଉଁ ନଇ ବନ୍ଧରେ,
ବାନ୍ତି ଓକାଳ କରିକି ପଡ଼ିଛି
ରହି ହେଉନାହିଁ ଗନ୍ଧରେ ।

ବାନ୍ତି ଶୁଙ୍ଘି ଶୁଙ୍ଘି ଘେରିଲେ କୁକୁର
ଚାଟିଲେ ମକରା ମୁହଁକୁ,
ପଥରରେ ପଡ଼ି ଲହୁଲୁହାଣ ତା'
ଚିହ୍ନି ହେଉନାହିଁ ଦିହକୁ ।

ଏମିତି ଘଟଣା କେତେ ଯେ ଘଟୁଛି
ମଦ ନିଏ କେତେ ଜୀବନ,
କେତେ ଦୁର୍ଘଟଣା,
କେତେ ରୋଗବ୍ୟାଧି
କେତେ ଯେ ଅକାଳ ମରଣ ।

ଶୁଣିଛି ଏ କାନ ସୋମରସ ପିଇ
ଦେବତାଏ ମତ୍ତ ହେଲେ,
ପୁରାଣ କହୁଛି କାଦମ୍ବରୀ ପିଇ
ଯଦୁବଂଶ ଯେ ଧ୍ୱଂସ ହେଲେ ।

ମଦ ପ୍ରାଣ ନିଏ, ଘର ଭାଙ୍ଗିଦିଏ ,
ସମାଜେ ଖେଳାଏ ଆତଙ୍କ,
ତଥାପି ଶାସନ, ପୋଲିସ୍ ନିରବ
କାହା ମନେ ନାହିଁ ଦବକ ।

ଆମେ ସମାଜକୁ ସଚେତନ କଲେ
ନିଶା ହୋଇଯିବ ଦୂର,
ନିଶା ଦୂର ହେଲେ ଦୁଃଖ ଦୂରହେବ
ହସିବ ଦେଶ ଆମର ।


♥ ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ, କୁଆଁସ,
ମେର୍ଦ୍ଦା, କାଟିଆଛକ, ଯାଜପୁର
(ମୋ)୯୪୩୮୦୬୫୧୯୫


### ବନ୍ଧୁମିଳନ

କ୍ଷିତୀଶ ଜେନା



ବେଶ୍ ଖୁସି ଲାଗେ ଜାଣି ହୁଏ ନାହିଁ
କଟିଯାଏ କେମିତିକା ଦିନ
ବରଷକ ଥରେ ବା ବହୁ ବର୍ଷ ପରେ
ଯେବେ ହୁଅଇ ବନ୍ଧୁମିଳନ
ଏହି ଶୀତ ଦିନେ ପ୍ରାୟତଃ ସବୁଠି
ବନ୍ଧୁମିଳନ ହିଁ ହୋଇଥାଏ
ନାନା ଦର୍ଶନୀୟ ସ୍ଥାନ ମାନଙ୍କରେ
ଏଥିପାଇଁ ବହୁ ଭିଡ଼ ହୁଏ
ସୁଦୂର ବନ୍ଧୁଙ୍କୁ ଦେଖିବା ସହିତ
ସୁଖଦୁଃଖ କଥା ବାଣ୍ଟିଥାଉ
ନୂଆ ଜାଗା ବୁଲା ଫଟୋ ଉଠା ସହ
ଭୋଜିଭାତ କରି ଖାଇଥାଉ ଅତୀତର
ଦିନ ବା ବନ୍ଧୁମିଳନ
ସ୍ମୃତି ହୋଇ ରହେ ଏ ମନରେ
ରୂପା ଜହ୍ନ ପରି ସ୍ମୃତି ଖୁସି ଦିଏ
ଯେବେ ମନେ ପଡ଼େ ଏକାନ୍ତରେ
ବନ୍ଧୁମିଳନର ସୁଯୋଗ ମିଳିଲେ
ହାତଛଡା କେବେ ନ କରିବା
ଯେତେ ଦୂରେ ଥିଲେ ସମୟ କାଢ଼ିକି
ବନ୍ଧୁମିଳନରେ ଯୋଗଦେବା ।


♥ କଣ୍ଟିଗଡ଼ିଆ, ଧର୍ମଶାଳା, ଯାଜପୁର
ମୋ-୭୦୦୮୬୩୪୮୦୦


### ପ୍ରେମ ଭିକ୍ଷା

ସିଦ୍ଧେଶ୍ୱର ତ୍ରିପାଠୀ

ତୁମେ ଚାଲି ଆସୁଥାଅ
ତୁମର ସେ ଗାଁ ରାସ୍ତାଦେଇ
ନାଲି ଶାଢ଼ୀ ନାଲି ଚୁଡ଼ି
ସିଂଥି ଧାରେ ଧାପେ ମାତ୍ର
ସିନ୍ଦୂର ଲଗେଇ ।
ଗୋରା ଅଙ୍ଗ ସୁନା ରଙ୍ଗ
ସବୁ ଚିକି ମିକି
ମନ ହଜେ ତୁମ ପାଖେ
ତୁମ ହସ ଦେଖି ।
କଙ୍କିରିଟି ରାସ୍ତା ସାଥେ
ତୁମ ଦୁଇ ପାଦ
ଯେତେଯେତେ ପାଦ ବଢେ
ମୋତେ ଅପବାଦ ।
ତୁମେ କାହା କୁଳବଧୁ
କାହାର ଘରଣୀ
ତଥାପି ଏ ମନ ଖୋଜେ
ସବୁ ଜାଣି ଶୁଣି ।
ତୁମ ଚାହାଣୀ ଇଶାରା
ଝଡ଼ ସୃଷ୍ଟି କରେ
ଆସି ଥରେ ଧରା ଦିଅ
ବାହୁ ବନ୍ଧନରେ ।
ହେଉପଛେ ମହାପାପ
ଏ କାହାଣୀ ଶେଷ
ଅଙ୍ଗ ଫାସେ ବାନ୍ଧିବାକୁ
ଥରେ ଆସ ଆସ ।


♥ ଖୋର୍ଦ୍ଧା



# ଶବ୍ଦଚାଷ



ପବିତ୍ର ବେହେରା

ଆଦିତ୍ୟ ବାବୁ ଜଣେ ଗୀତିକାର ସେ ନିଜର ବ୍ରହ୍ମପୁର ଆକାଶବାଣୀରେ କାର୍ଯ୍ୟକ୍ରମ ସାରି ବସ୍‌କୁ ଅପେକ୍ଷା କରିଥାଆନ୍ତି। ବ୍ରହ୍ମପୁର ପରି ଜଣଗହଳ ଅଞ୍ଚଳ କେତେବେଳେ କାହା ସହ ସାକ୍ଷାତ କରି ଦିଏ। ସେ ସାକ୍ଷାତକାର ଚିରଦିନ ଏକ ଉଜ୍ଜ୍ୱଳମୟ ତାରାକାପୁଞ୍ଜ ହୋଇ ଚତୁଃପାର୍ଶ୍ୱରେ ଉଜ୍ଜ୍ୱଳମୟ କରିଦିଏ। ଠିକ୍ ସେହିପରି ଆଦିତ୍ୟ ବାବୁଙ୍କ ଦେଖାହୁଏ। ନିଜର ସହପାଠୀ ରାଣୀ ସହିତ।

ଆଦିତ୍ୟ ବାବୁ କିଛି ସମୟ ବସକୁ ଅପେକ୍ଷା କରିବା ପରେ ବସ୍ ଆସି ପହଞ୍ଚିଲା । ବସ୍‌ର ସମସ୍ତ ସିଟ୍ ଫୁଲ ଥାଏ ଓ କିଛି ଲୋକ ଛିଡ଼ା ହୋଇଥାଆନ୍ତି। ବସ୍ ପଛ ପଟରୁ କେହି ଜଣେ ଡାକୁଥାଆନ୍ତି। ଆଦିତ୍ୟ, ଆଦିତ୍ୟ କିନ୍ତୁ ଗହଳି ହେତୁ କିଛି ଦେଖା ଯାଉନଥାଏ। କେହି ଜଣେ କହିଲେ ସାର୍ ପଛପଟ ସିଟ୍‌ରେ ବସିଥିବା ମ୍ୟାଡମ୍ ଜଣଙ୍କ ଆପଣଙ୍କୁ ଡାକୁଛନ୍ତି। ପ୍ରଥମତଃ ମନରେ ଭାବନା ଆସୁଥିଲା କିଏ ଏ ମ୍ୟାଡମ୍ ମୋତେ କାହିଁକି ଡାକୁଛନ୍ତି। ଧିର ଭାବରେ ତାଙ୍କ ପାଖକୁ ଗଲି।

ସେ କହିଲେ ହାଏ ଆଦିତ୍ୟ ଏଠାକୁ ଆସ, ପାଖକୁ ଗଲି କିନ୍ତୁ କିଛି ସମୟ କିଛି ନ କହି ନୀରବ ରହିଲି। ସେ ମୋ ନୀରବତା ଦେଖି ଆରେ ଆଦିତ୍ୟ ମୋତେ କଣ ଜାଣିପାରୁନ ଯେ ମୁଁ ତୁମ ସହପାଠୀ ରାଣୀ।

ଆଦିତ୍ୟ ବାବୁ ହସ,ହସ ମୁହଁରେ ରାଣୀ ତୁମେ। ସତରେ ତୁମ ତୋ ବଦଳି ଯାଇଛ। ହେଲେ ମୁଁ ଯେଉଁ ରାଣୀକି ଜାଣିଛି। ଟିକିଏ ସାବୁନିଆ ବର୍ଣ୍ଣର ଡ୍ରେସ୍ ପିନ୍ଧୁଥିବା ଝିଅଟିଏ। ହେଲେ ତୁମେ ଗୋରବର୍ଣ୍ଣ, ଦେହରେ ଶାଢ଼ୀ, ହାତରେ ଚୁଡ଼ି, ମଥାରେ ସିନ୍ଦୂର ଲକ୍ଷ୍ମୀ ଠାକୁରାଣୀ ପରି ଦେଖାଯାଉଛ। ଏତିକି କହିବା ମାତ୍ରେ

ରାଣୀ-ଆଦିତ୍ୟ ତୁମେ ଆଜିବି ବଦଳିନ ସେହି ଦୁଷ୍ଟାମୀ ହେଉ ସେ ଯାହାବି ହେଉ ବସ ବାସ କହିଲେ। ତାଙ୍କ ନିକଟରେ ବସିଗଲି।

ରାଣୀ ଟିକିଏ ସ୍ମିତହାସ୍ୟ ଦେଇ କହିଲେ ତାହାହେଲେ ସେହି କଲେଜ ସମୟ କଥା ମନେ ଅଛି।

ଆଦିତ୍ୟ-ଆରେ ଏମିତି କଣ କହୁଛ ଯେ ଭୂଲିଯିବି କେମିତି ପଛରେ ଛାଡି ଆସିଥିବା ସେ ମଧୁର ଦିନଗୁଡିକ ଏମିତି କଣ ଭୂଲିହେବ। ଆଉ କ’ଣ ଚାଲିଛି ତୁମର ଏବେ ?

ପ୍ରତିଉତ୍ତରରେ ରାଣୀ ଏହି କିଛି ଦିନ ଗୋପାଳପୁର କଲେଜରେ ନୂଆକରି ଅଧ୍ୟାପିକା ଭାବରେ ନିଯୁକ୍ତି ପାଇଛି। ଏବେ କ୍ଲାସ ସାରି ଫେରୁଛି।

ରାଣୀ ଆଉ ତୁମ କଥା କଣ ?

ଆଦିତ୍ୟ ଦୀର୍ଘ ନିଶ୍ୱାସ ଛାଡ଼ି ହୁଁ ଆଉ କରିବି କ’ଣ ଏବେ ତୋ ଶବ୍ଦଚାଷ କରୁଛି।

ରାଣୀ-ହାଁ ଶବ୍ଦଚାଷ ମାନେ କ’ଣ ?

ଆଦିତ୍ୟ- ମୁଁ ଜାଣେ ତୁମେ ମୋ କଥା କେବେ ବୁଝିପାରିବନି ଆରେ ବୋକି ଶବ୍ଦଚାଷ ମାନେ କବି, ଗୀତିକାର କବିତା ଲେଖିବା ମୋର ନିଶାଥିଲା ଆଉ ଏବେ ଏହା ପେଶା ହୋଇଯାଇଛି।

ରାଣୀ- ଏତେ କରି ବୁଝେଇଲି ତୁମେ ଜଣେ ଭଲ ଛାତ୍ର ସରକାରୀ ଚାକିରୀ ପାଇଁ ଚେଷ୍ଟା କର କିନ୍ତୁ ତୁମେ କବିତା ଲେଖିବା ନିଶାରେ ବୁଡି ରହିଲ। ଏଥିରେ କଣ ତୁମ ପେଟ ପୂରିବ।

ଆଦିତ୍ୟ-ସ୍ମିତହାସ୍ୟ ଦେଇ କହିଲେ ସ୍ୱପ୍ନ ରାଇଜରେ ଯିଏ ବୁଲିବାକୁ ଚାହେଁ ବାସ୍ତବ ଦୁନିଆରେ ସେ କେମିତି ରହିବ କହିଲେ।

ରାଣୀ-ଆଛା ତୁମର ସେ ଗୀତ ‘‘ବୟସ ରାଜପଥରେ ପ୍ରେମ ହେଲେ ବାଟବଣା ରେ’’ ବହୁତ ଥର ଶୁଣିଛି ହଁ ସେ ଗୀତ ମୋର ସେବେଠାରୁ ପସନ୍ଦ ତୁମେ କ୍ଲାସରେ ମୋ ପାଖ ସିଟ୍‌ରେ ବସି ଗୁଣୁଗୁଣୁ ହୋଇ ଯେବେ ଗାଉଥିଲ। କିଏ ଶୁଣୁ ଅବା ନ ଶୁଣୁ ମୁଁ ତୁମ ଗୀତ ସବୁ ବେଳେ ଶୁଣିବାର। କିନ୍ତୁ କେବେ କିଛି ପ୍ରତିଉତ୍ତର ଦିଏ ନାହିଁ। କାଳେ ତୁମେ ଗୀତ ଗାଇବା ବନ୍ଦ କରିଦେବ।

ଆଦିତ୍ୟ-ବାଃ ସତରେ ତୁମେ ମୋ ଗୀତ ଶୁଣୁଥିଲ। ମୁଁ ତୁମ ପାଇଁ ହିଁ ଗୀତ ଗାଉଥିଲି।

ରାଣୀ- ଦୁଷ୍ଟ ତୁମ ଦୁଷ୍ଟାମୀ ଯମା ଯାଇନି।

ହେଲେ ସେ ରାଜପଥରେ କେହି ପଥିକ ମିଳିଛନ୍ତି ନା ଏକା ବାଟ ଚାଲୁଛି ?

ଆଦିତ୍ୟ-ହଁ କବିତା ସାଥିରେ

ରାଣୀ-ଆଛା ତାହା ହେଲେ ମିସ୍‌ଙ୍କ ନାଁ କବିତା ?

ଆଦିତ୍ୟ-ଆରେ ନା’ ନା’ ତୁମେ ଯେମିତି ଭାବୁଛ ସେମିତି କିଏ ନାହିଁ। କବିତା ମାନେ poet, lyrics ଆରେ ଭାଇ ଏ ଦୁଷ୍ଟ କବିକୁ କିଏ ଅବା ଝିଅ ଦେବ।

ଏତିକି ସମୟରେ ବସ୍ କଣ୍ଡକ୍ଟର ଡାକ ଛାଡ଼ିଲେ ଛତ୍ରପୁର, ଛତ୍ରପୁର ଉହ୍ଲାନ୍ତୁ ଉହ୍ଲାନ୍ତୁ।

ରାଣୀ- ମୋ ଷ୍ଟୋପେଜ ଆସିଗଲା ଆସୁଛି ଆଦିତ୍ୟ’ ହଁ ଶୁଣ ଏ ନିଅ ମୋ ଫୋନ୍ ନମ୍ବର୍ ଫୋନ କରିବାକୁ ଯେମିତି ଭୂଲି ନ ଯାଅ।

ରାଣୀ ଘରେ ପହଞ୍ଚି କିଡନୀ ରୋଗରେ ପୀଡିତ ଥିବା ନିଜର ସ୍ୱାମୀକି ପଚାରିଲେ ମେଡିସିନ ଖାଇଲନି ?

ବିବେକ ଅତି ବିରକ୍ତ ମନଭାବରେ ପ୍ରତିଉତ୍ତରର ଦେଲେ ନିଜେ ଯଦି ସବୁ କିଛି କରି ପାରିଥାଆନ୍ତି। ଗୋଟିଏ ଜିଅନ୍ତା ଶବ ପରି ଦିନରାତି ଏହି ଖଟ ଉପରେ କାହିଁ ପଡିଥାନ୍ତି।

ରାଣୀ ଧୀର ସ୍ୱରରେ ହେଉ ପା ପାଟି କରନି। ମେଡିସିନ ଦେଉଛି ।

ଚାଲ ହାଁ କର କହି ବିବେକ ବାବୁଙ୍କୁ ମେଡିସିନ ଖୁଆଇ ଦେଲେ।

ଏହି ସମୟରେ ରାଣୀର ମୋବାଇଲ୍ ରିଙ୍ଗ ହେବାକୁ ଲାଗିଲା।

ରାଣୀ କଲ୍ ରିସିଭ୍ କରି କହିଲେ ହଁ କିଏ କହୁଥିଲେ।

ଆଦିତ୍ୟ-କହୁଥିଲି କାଲି ସନ୍ଧ୍ୟା ଛଟା ତିରିଶିରେ ବ୍ରହ୍ମପୁର ଆକାଶବାଣୀରେ ମୋର ଗୋଟିଏ ସାକ୍ଷାତକାର ଅଛି। ସମୟ ପାଇଲେ ଶୁଣିବ ।

ରାଣୀ ହଁ ନିଶ୍ଚୟ ଶୁଣିବି ।

ଆଦିତ୍ୟ-ଧନ୍ୟବାଦ ।

ଆଛା ତୁମେ ଏବେ କେଉଁଠି ରହୁଛ ଘର ଠିକଣା ପଚାରିବାକୁ ଭୂଲି ଯାଇଥିଲି।

ଗୋପାଳପୁର ନିକଟବର୍ତ୍ତୀ ବଡପୁଟିରେ ରହୁଛି।

ଆଦିତ୍ୟ- ଆଛା ସୁବିଧା ହେଲେ ଯିବି ରହୁଛି ବାଏ...ଏତିକି କହି ମୋବାଇଲ୍ ରଖିଦେଲେ।

ମୋବାଇଲ୍‌ରୁ କଥା ସରିନି ବିବେକ ରାଗରେ ଜର୍ଜରିତ ହୋଇ ପଚାରିଲେ କିଏ ଫୋନ କରିଥିଲା।

ରାଣୀ- ମୋର ଜଣେ ସାଙ୍ଗ।

ବିବେକ- ସାଙ୍ଗ ନିଶ୍ଚୟ ବୟଫ୍ରେଣ୍ଡ୍ ହୋଇଥିବା ।

ରାଣୀ-ବିବେକ ତୁମେ କଣ କହିବାକୁ ଚାହୁଁଛ କ୍ରୋଧରେ।

ବିବେକ-ଯାହା ସତ ତାହା କହୁଛି । ରାଗୁଛ କାହିଁକି ରାଗିଗଲେ କଣ ସତଟା ମିଛ ହୋଇଯିବ ।

ରାଣୀ-ତୁମ ସହ ଅଯଥାରେ ମୁଁ ଯୁକ୍ତି କରିବାକୁ ଚାହେଁନି।

ବିବେକ-ଯୁକ୍ତି କଲେ ହାରିଯିବ।

ସେହି ଦିନ ଦୁହିଁଙ୍କ ଝଗଡ଼ା ହୋଇ ରାତି କଟିଯାଏ।

ସବୁଦିନ ପରି ରାଣୀ ସକାଳୁ ଆସି କଲେଜ ଯିବା ପାଇଁ ବସ୍ ଅପେକ୍ଷା କରିଥାଆନ୍ତି।

ସେହି ରାସ୍ତାରେ ଆଦିତ୍ୟ ବାଇକ୍‌ରେ ଯାଉଥାନ୍ତି। ହଠାତ୍ ତାଙ୍କର ଆଖି ପଡ଼ିଗଲା ରାଣୀ ଉପରେ।

ଆଦିତ୍ୟ-ଆରେ ରାଣୀ ତୁମେ ଏଠି ଛିଡ଼ା ହୋଇଛ କ’ଣ ସିଟି ବସ୍‌କୁ ଅପେକ୍ଷା କରିଛି।

ରାଣୀ-ହଁ କଲେଜ ଯିବାର ଅଛି ତୋ ।

ଆଦିତ୍ୟ- ଚାଲନା ମୁଁ ନେଇ ତୁମ କଲେଜରେ ଛାଡି ଦେଇ ଆସିବି। ଏହି ବାହାନାରେ ତୁମ କଲେଜଟାକୁ ଦେଖିନେବି।

ରାଣୀ-ହେଲେ ତମେ କୁଆଡେ ଯାଉଥିଲ।

ଆଦିତ୍ୟ-ମୁଁ ମୋର ଗୋଟିଏ ରେକର୍ଡିଙ୍ଗ ଥିଲା କିନ୍ତୁ ମୋର ଟିକିଏ ଡେରି ହେଲେ ଚାଲିବ। ବସ ଯିବା।

ଶେଷରେ ରାଣୀ ରାଜି ହୋଇ ଆଦିତ୍ୟର ବାଇକ୍ ପଛପଟେ ବସିଲା।

ରାଣୀ-ଆମେ ଗେଟ୍ ବଜାର ପଟେ ଥିବା

ଆଦିତ୍ୟ-ହସି ହସି କହିଲେ ଗେଟ୍ ବଜାର କଣ ତୁମେ ଯଦି କହିବ ଇଣ୍ଡିଆ ଗେଟ୍ ନେଇ ବୁଲାଇ ଆଣିବି।

ରାଣୀ-ନା ବାବା ମୋତେ ନେବା ଦରକାର ନାହିଁ। ପ୍ରଥମେ ତୁମ ଶବ୍ଦଚାଷର କବିତାକୁ ବୁଲେଇ ଆଣ।

ଆଦିତ୍ୟ-ଆଛା କାଲି ସନ୍ଧ୍ୟାରେ ଆକାଶବାଣୀରେ ମୋ ପୋଗ୍ରାମ ଶୁଣିଲ ?।

ରାଣୀ-ହଁ ହେଲେ ମୋ ନାଁ କହିବା କ’ଣ ଦରକାର ଥିଲା।

ଆଦିତ୍ୟ-ଆରେ ବାବା ରାଣୀ ବିନା ଆଦିତ୍ୟର କବି ଜୀବନ ଅସମ୍ଭବ।

ତୁମେ ମୋ ମାର୍ଗଦର୍ଶକ ରାଣୀ। ମୁଁ ଆଜି ଯାହା କିଛି ସବୁ ତୁମ ପାଇଁ ତୁମେ ଯଦି ମୋ ଜୀବନରେ ଆସି ନଥାନ୍ତା ମୁଁ କିଛି କରିପାରି ନଥାନ୍ତି।

ତୁମେ ମୋର ସବୁକିଛି। ରାଣୀ ତୁମର ମନେ ଅଛି। ଆମ କଲେଜରେ ଗ୍ରୁପ୍ ଡିସ୍କଷନ । ମୁଁ ପ୍ରଥମ ଥର ତୁମ ସହ ଯୁକ୍ତି କରିଥିଲି। ଲଭ୍ ମେରେଜ୍ ଆଉ ଆରେଞ୍ଜ ମେରେଜ୍‌କୁ ନେଇ।

ରାଣୀ- ହଁ ମନେଅଛି ତୁମେ ଜାଣି ଜାଣି ମୋ ଠାରୁ ପରାଜିତ ହୋଇଥିଲ। ଯେତେ ମନା କଲେ ତୁମେ ଶୁଣିବାର ନାଁ ଧରୁନଥିଲ।

ଆଦିତ୍ୟ-ଆରେ ବାବୁ ପ୍ରକୃତ ବିଜେତା ତୋ ତୁମେ ଥିଲ। ଲଭ୍ ମେରେଜ୍‌କୁ ନେଇ ତୁମେ କେତେ ଭଲ ପଏଣ୍ଟ ସବୁ କହିଥିଲ। ମୁଁ ତୋ ବୋକାଟିଏ କେବେ ପ୍ରେମ କରିନି ସେଥି ଯୋଗୁଁ ଆରେଞ୍ଜ୍ ମେରେଜ୍‌କୁ ଗୁରୁତ୍ୱ ଦେଉଥିଲି।

ଆଛା କହିଲୁ ତୁମେ ଯଦି ସେଦିନ ମୋତେ ବାଧ କରି ନଥାନ୍ତ। ଗ୍ରୁପ୍ ଡିସ୍କଷନରେ କିଛି କହିବା ପାଇଁ ମୁଁ କିଏ ଆଉ group compitition କିଏ ?

ରାଣୀ ଆଜି ଆଦିତ୍ୟର ସଫଳତାର ପଛରେ ରହିଛି ତୁମରି ହାତ।

ରାଣୀ-ଆଛା

ଆଦିତ୍ୟ-ହଁ ଏହା ସତ୍ୟ କେବଳ ତୁମରି ହାତ।

ରାଣୀ-ହେଉ ହେଉ ଆଉ ଟେକନି ପଡିଯିବି, ପଡିଗଲେ ନା ପିଲାଙ୍କୁ ଆଉ ପଡେଇ ପାରିବିନି।

ରାଣୀ-ହଁ ହଁ ଏହିଠି ରଖ ସେଇଟା ମୋ କଲେଜ। କ୍ଲାସ ଟାଇମ୍ ହୋଇଗଲାଣି ପ୍ଲିଜ ଆଉ କେବେ କଥାହେବା। ଆସୁଛି byy କହି ରାଣୀ କ୍ଲାସକୁ ଚାଲିଗଲେ।

ଆଦିତ୍ୟ ମଧ byy କହି ସେଠାରୁ ଚାଲି ଆସିଲେ।

ଏମିତି କିଛି ଦିନ ବିତିଗଲା ବିବେକଙ୍କ ଶରୀର ଧିରେ ବହୁତ ଖରାପ ହେବାକୁ ଲାଗିଲା।

ଡକ୍ଟର ମଧ କହିଦେଲେ ବିବେକଙ୍କ ଦୁଇଟି କିଡନୀ ଖରାପ ହୋଇସାରିଛି। ଯଦି ଶୀଘ୍ର ଚିକିତ୍ସା ନ କରାଯାଏ। ସେ ଆଉ ବଞ୍ଚିବେନି। ତୁମେ ଚିକିତ୍ସା ପାଇଁ ଚାରି ଲକ୍ଷ ଟଙ୍କା ଦରକାର। ଏହା ଶୁଣି ରାଣୀ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଲେ। ସେ କଣ କରିବେ ତାର ନିଜର ବୋଲି ତୋ କେହି ନାହିଁ । ଯାହା କିଛି ଟଙ୍କା ଥିଲା ବିବେକଙ୍କ ଚିକିତ୍ସାରେ ଖର୍ଚ୍ଚ ହୋଇଯାଇଛି। ଏହି ସମୟରେ ରାଣୀର ଆଦିତ୍ୟ କଥା ମନେ ପଡିଗଲା। ପୁଣି ମନରେ ଭାବନା ଆସୁଥାଏ। ଜଣେ ଅଜଣା ବ୍ୟକ୍ତି ଏତେ ଟଙ୍କା କ’ଣ ଦେଇ ପାରିବ। ଏମିତି କୋହଭରା ଭାବରେ ଆଦିତ୍ୟଙ୍କୁ କଲ୍ କଲେ।

ଆଦିତ୍ୟ- ହଁ ରାଣୀ କୁହ

ରାଣୀ କୋହଭରା ସ୍ୱରରେ ଆଦିତ୍ୟ ଗୋଟିଏ କଥା କହିବି।

ଆଦିତ୍ୟ- ସ୍ମିତହାସ୍ୟ ଦେଇ ଆରେ କୁହ ।

ରାଣୀ-ମୁଁ କଣ କହୁଥିଲି କି

ଆଦିତ୍ୟ- କହୁନ କିଛି ଅସୁବିଧା ହୋଇଛି।

ରାଣୀ ଆଖିର ଲୁହ ଧାର ପୋଛି ଦେଇ ମନରେ କୋହ ରଖି କହିଲେ । କିଛି ଟଙ୍କା ମୋତେ ଦେଇ ପାରିବ।

ଆଦିତ୍ୟ- ହଁ କେତେ ଦରକାର

ରାଣୀ- ଦରକାର ତୋ ବହୁତ ଅଛି ତୁମେ କେତେ ଦେଇ ପାରିବ।

ଆଦିତ୍ୟ -କହିବ ଯଦି ମୋ ଜୀବନଟା ତୁମକୁ ଦେଇ ଦେବି।

ରାଣୀ- ଆଦିତ୍ୟ, ଇଟସ୍ ନଟ୍ ଏ ଜୋକ୍ ।

ଆଦିତ୍ୟ- ଆଛା କଣ ହୋଇଛି କୁହ ?

ରାଣୀ- ତାଙ୍କର କିଡିନୀ ଦୁଇଟି ଯାଙ୍କ ନଷ୍ଟ ହୋଇଯାଇଛି। ଡକ୍ଟର କହିଛନ୍ତି ଯଦି ଗୋଟିଏ କିଡିନୀ ଯୋଗାଡ କରିଦେବ ହୁଏତୋ ସେ ବଞ୍ଚି ପାରନ୍ତି। ନ ହେଲେ ଏତିକି କହି କାନ୍ଦିବାକୁ ଲାଗିଲେ।

ଆଦିତ୍ୟ-ତୁମେ ବ୍ୟସ୍ତ ହୁଅନି ରାଣୀ ମୁଁ ଅଛି। ଆରେ ତୁମ ସାଙ୍ଗରେ ତୁମର ଏ ଶବ୍ଦଚାଷୀ ବନ୍ଧୁ ଅଛି। ଏମିତି କହି ଆଶ୍ୱସନା ଦେବାକୁ ଲାଗିଲା। ଡୋଣ୍ଟ ଓରି... ସବୁ ଠିକ ହୋଇଯିବ। ପ୍ଲିଜ... ରାଣୀ କାନ୍ଦନି।

ରାଣୀ-ଠିକ୍ ଅଛି ରହିଲି।

ବିବେକ୍ ସେମିତି ବିଛଣା ଉପରେ ଛଟପଟ ହେଉଥାଆନ୍ତି। ବେଳେ ବେଳେ ବିବେକ ଯନ୍ତ୍ରଣା ସହ୍ୟ ନ କରି ପାରି କୁହନ୍ତି ମୁଁ ଆଉ ବଞ୍ଚିବିନି ରାଣୀ।

ରାଣୀ - ହୋ ହୋ ତୁମର କିଛି ହେବନି ମୁଁ ଡକ୍ଟରଙ୍କ ସହ କଥା ହୋଇଛି। ସେ ଗୋଟେ କିଡିନୀ ଖୋଜୁଛନ୍ତି। ତୁମର ଯେମିତି ବି ଚିକିତ୍ସା ହେବ। ଏମିତି ଆଶ୍ୱସନା ଦେଇ ତାଙ୍କ ପାଖରେ ବସି ଭଗବାନଙ୍କୁ ପ୍ରାଥର୍ନା କରୁଥାଆନ୍ତି। ବେଳେ ବେଳେ ଆଖି ଲୁହ ଗୁଡିକ ଓଠ ପାଖରେ ଜମାଟ ବାନ୍ଧି ଦିଅନ୍ତି। ପାଖରେ ଗୋଟିଏ ଟଙ୍କା ମଧ ନାହିଁ। ଆଜି ପରି ଦୁନିଆଁରେ କିଏ ବା ନିଜ ଜୀବନକୁ ଜଳାଞ୍ଜଳୀ ଦେଇ କିଡିନୀ ଦେବ। ଏମିତି ଭାବୁ ଭାବୁ ହଠାତ୍ ଡୋର ବେଗ ବାଜିବାକୁ ଲାଗିଲା। ରାଣୀ ଡୋର ଖୋଲି ଦେଖେ ତୋ କେହି ନାହିଁ। ଡୋର ନିକଟରେ ଗୋଟିଏ ଲାଲ ରଙ୍ଗର ଗିଫ୍ଟ ତଳେ ଅଛି। ରାଣୀ ଚତୁଃର୍ଦ୍ଦିଗ ଦେଖିଲେ। ସେହିଠି କେହି ମଧ୍ୟ ନଥିଲେ। ରାଣୀ ଗିଫ୍ଟ ଉପରେ ଲେଖାଥାଏ.. ହାପି ଖ୍ରୀଷ୍ଟମାସ ଡେ ଡିଅର ରାନି...ମୁଁ ତୁମ ପ୍ରିୟର ଶବ୍ଦଚାଷୀ ଆଦିତ୍ୟ।

ରାଣୀ ଚିଠିଟି ଖୋଲି ପଢିବାକୁ ଲାଗିଲେ। ଚିଠିରେ ଯାହା ଲେଖା ଥିଲା ରାଣୀ ବିଶ୍ୱାସ କରି ପାରିଲା ନାହିଁ। ଖାଲି କାନ୍ଦିବାକୁ ଲାଗିଲା।

ବିବେକ- ଆରେ କାନ୍ଦୁଛ କାହିଁକି କିଏ, ଆସିଥିଲା, ସେ ଚିଠିରେ କଣ ଲେଖା ଅଛି ? ଏ ଟଙ୍କା ସବୁ କିଏ ଦେଇଛି, କୁହତ।

ରାଣୀ କାନ୍ଦି, କାନ୍ଦି କହିବାକୁ ଲାଗିରେ ଏ ଚାରି ଲକ୍ଷଟଙ୍କା ଆଦିତ୍ୟ ପଠେଇଛନ୍ତି । ତୁମ ଚିକିତ୍ସା ପାଇଁ ଆଉ ଚିଠି କଣ ଲେଖିଛନ୍ତି ନିଜେ ପଢ।

ବିବେକ-ଚିଠିଟି ପଢିବାକୁ ଲାଗିଲେ ଚିଠିରେ ଲେଖାଥିଲା।:

ରାଣୀ, ବଡଦିନରେ ମୋର ଆନ୍ତରିକ ଶୁଭେଛା । ଆଜି ମୁଁ ଯାହା କିଛି ହୋଇପାରିଛି ଏହା ପଛରେ ତୁମରି ହାତ। ତୁମେ ମୋ ପ୍ରେରଣାର ଉତ୍ସ।

ତୁମ ସୁନାର ସଂସାରରେ ହସ ଦେଖିଲେ । ମୋ ଶବ୍ଦଚାଷ ବହୁତ ଉଚ୍ଚ କୋଟିର ହୋଇପାରିବ। ମୋର ସଂଚିତ ଅର୍ଥ ଯାହା ଥିଲା ପଠେଇଲି। ହଁ ତୁମେ ଠିକ କହୁଥିଲ ଏ ଶବ୍ଦଚାଷ ମୋ ପେଟକୁ ଦାନା ଦେଇପାରିବନି କିନ୍ତୁ ଯାହା ଦେଇଛି ମୁଁ ଚିରଦିନ ଅମର ରହିବି।

ହଁ ଏହାକୁ ସାହାଯ୍ୟ ବୋଲି ଭାବିବନି । ଏହା ଥିଲା ବନ୍ଧୁ ପାଇଁ ବନ୍ଧୁର ଉପହାର।

ମୋର ଆଗକୁ କିଏ ନା ପଛକୁ କିଏ ଅଛି। ଏ ଦୁନିଆଁରେ ଆପଣାର କହିଲେ ତୁମେ। ତୁମ ପାଇଁ ଆଜି ମୁଁ ପରିଚିତ ହୋଇପାରିଛି। ମୁଁ ଏମ୍‌କେସିଜିରେ ଡାକ୍ତରଙ୍କ ସହ କଥା ହୋଇସାରିଛି।

ଦିନ ବି ନିର୍ଦ୍ଧାରିତ ହୋଇସାରିଛି। ଆସନ୍ତା ଅକ୍ଟୋବର ସାତ ତାରିଖ ଦିନ ସବୁଠାରୁ ଭଲ ଦିନ। ଏହି ଦିନ ବିବେକ ବାବୁଙ୍କ ଚିକିତ୍ସା ହେବ । ମୋର ଗୋଟିଏ କିଡିନୀ ଟ୍ରାନ୍ସଫର ହେବ । ଏମିତିରେ ବି ମୁଁ ମୋର ଦୁଇଟିଯାକ କିଡିନୀ ଦେବାକୁ ପ୍ରସ୍ତୁତ ଅଛି। ତମ ଖୁସିରେ ମୋର ଖୁସି।

ବନ୍ଧୁ ଯଦି ବନ୍ଧୁ କାମରେ ନ ଆସିଲା ସେ କି ବନ୍ଧୁ। ସାର୍‌ଙ୍କୁ ଜଣେଇବ କେହି ଜଣେ ଶବ୍ଦଚାଷୀ ଥିଲେ। ଏହା ପଢି କାନ୍ଦିବାକୁ ଲାଗିଲେ।

ଠିକ ସମୟ ଅନୁଯାୟୀ ଚିଠି ଲେଖା ହୋଇଥିବା ଦିନରେ ବିବେକଙ୍କ ଚିକିତ୍ସା ହେଲା।

ସତରେ କବି ଜୀବନରେ ଶବ୍ଦଚାଷ କଲେ ପେଟ ପୂରନି କିନ୍ତୁ ଯେଉଁ କୀର୍ତ୍ତି କଲମ ମୁନରେ ଗଢିଉଠେ ତାହା ଚିରଦିନ ପାଇଁ ସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହୋଇଯାଏ।

+ବାହାଲପୁର, ଗଞ୍ଜାମ
ମୋ: ୭୭୮୮୮୭୬୦୨

# ଖୁସିର ମୁହୂର୍ତ୍ତ

ସୁଦର୍ଶନ ମହାପାତ୍ର

ସେଦିନ ଥିଲା ମଇ ମାସ ଅଠର ତାରିଖ ଦୁଇ ହଜାର କୋଡିଏ। ଦିନ ଏଗାରଟା ବେଳକୁ ଦେଖିଲି ସୌମ୍ୟର ମିସ୍ କଲ୍ । କରୋନା ପାଇଁ ଚାରି ତାରିଖରୁ ଲାଗୁ ହୋଇଥିବା ଲକଡାଉନ୍ ସରକାରଙ୍କ ଘୋଷଣା ଅନୁଯାୟୀ ଅଠର ତାରିଖରୁ ପୁଣି ଏକତିରିଶ ତାରିଖ ପର୍ଯ୍ୟନ୍ତ ଘୁଞ୍ଚିଲା ବୋଲି ସେ ମୋତେ ଜଣାଇଥିଲା ପୂର୍ବଦିନ ରାତିରେ। ଖୁବ୍ ବ୍ୟସ୍ତ ହେଉଥିଲା ବୋଉ ପାଇଁ। ଘରେ ସେ ଏକା କେମିତି ଚଳିବ ! କଟକ ସଟ୍ ଡାଉନ୍ ହୋଇ ସାରିଥିଲା ସେତେବେଳକୁ ଏବଂ ମୋର ଘରକୁ ଯାଇ ପାରିବାର ଆଉ ସୁଯୋଗ ନଥିଲା। ସେ କାମ କରୁଥିବା ଅଫିସରୁ ଛୁଟି ମିଳିନଥିଲା। ଛୁଟି ମିଳିଲା ବେଳକୁ ବସ୍ ଚଳାଚଳ ଠପ୍। ବୋଉର କିଛି ଅସୁବିଧା ହେଲା କି ? ଦ୍ୱିଧାରେ ତା’ ପାଖକୁ ଫୋନ କଲି।

-‘ଭାଇ, ମୁଁ ଏବେ କେନ୍ଦ୍ରାପଡାରେ। ଗୋଟିଏ ଦୋକାନ ପିଣ୍ଡାରେ ବସିଛି।’ ତା କଥାରେ ମୁଁ ହତବାକ ହେଲି।

-‘କେମିତି ଆସିଲୁ ଏତେ ବାଟ , ଏ ପରିସ୍ଥିତିରେ ?’ ଦ୍ୱିଧା ବଶତଃ ପଚାରିଲି। ଜଣଙ୍କୁ ଅଭିଭୂତ କରି ଦେଲାଭଳି ଥିଲା ତା’ର ଉତ୍ତର।

ବୋଉର ବି.ପି. ମେଡିସିନ ସରି ଯାଇଥିବା ଏବଂ ମୁଣ୍ଡ ବୁଲାଉଥିବା କଥା ଶୁଣିବା ପରେ କାଲି ରାତିରେ ହଁ ସେ ଠିକ୍ କରିନେଇଥିଲା ଗାଆଁକୁ ଯିବା ପାଇଁ। ତା’ ରୁମ୍ ପାଖରୁ ଏନ୍.ଏଚ୍ ପ୍ରାୟ ଆଠ କିଲୋମିଟର। ଭୋର ତିନିଟାରୁ ବାହାରି ଆସିଲା ସେତକ ରାସ୍ତା ସାଇକେଲରେ। ତାପରେ ଚଣ୍ଡିଖୋଲ ପର୍ଯ୍ୟନ୍ତ ଟ୍ରକ୍‌ରେ ଯିବାକୁ ଅପେକ୍ଷା କଲା । ସେଇ ଭରସାରେ ସେ ରୁମରୁ ବାହାରିଥିଲା। ହେଲେ କିଛି ସମୟ ଅପେକ୍ଷା କଲା ପରେ ଆଉ ଧୈର୍ଯ୍ୟ ନଥିଲା ତା’ର।

ବାଲେଶ୍ୱରରୁ ସୋର ପର୍ଯ୍ୟନ୍ତ ପ୍ରାୟ ପାଇଁ ତିରିଶ କିଲୋମିଟର ସାଇକେଲ ଚଲେଇବା ପରେ ଅବଶିଷ୍ଟ ପଥ ଅତିକ୍ରମ କରିବାକୁ ତା’ର ଆଉ ସାମର୍ଥ୍ୟ ନଥିଲା। ଗୋଟିଏ ପେଟ୍ରୋଲ ପମ୍ପ ପାଖରେ ବସି ଟିକିଏ ଥକା ମାରିଲା। ଏଥର କିନ୍ତୁ ତା’ ଭରସା ତାକୁ ଧୋକା ଦେଇନଥିଲା। ଟ୍ରକଟିଏ ଆସିଲା ଡିଜେଲ ଭରିବାକୁ। ଡାଲା ବି ଖାଲି ଥିଲା। ଡ୍ରାଇଭରକୁ ନେହୁରା ହୋଇ ଚଣ୍ଡିଖୋଲ ପର୍ଯ୍ୟନ୍ତ ଆସିଗଲା ଅଳ୍ପ ସମୟ ମଧରେ। ପୁଣି ସେଇଠୁ ଦୁହୁରିଆ ପର୍ଯ୍ୟନ୍ତ ସାଇକେଲରେ ଯାତ୍ରା। ରାଜପଥରେ ଏକା ବସିଥିବାର ଦେଖି ପିକ୍‌ଅପ୍ ଭ୍ୟାନର ଜଣେ ଡ୍ରାଇଭର ନିଜ ତରଫରୁ ସାହାଯ୍ୟ ଯାଚି



ସୌମ୍ୟକୁ ପହଞ୍ଚାଇ ଦେଲା କେନ୍ଦ୍ରାପଡାର ତିନିମୁହାଣୀ ଛକରେ। ସାଇକେଲ ଚଲେଇବା ତା ପକ୍ଷରେ ଆଉ ସମ୍ଭବ ନଥିଲା। କ’ଣ କରିବ ଭାବି ମୋ ପାଖକୁ ସେଇଠୁ ଫୋନ କରିଥିଲା।

ସବୁ କଥା ଶୁଣି ସାରିବା ପରେ ତା’ର ଦୁଃସାଧ ଯାତ୍ରା ପାଇଁ ଯେତିକି ଖୁସି ଲାଗିଲା, ତା’ର ଦୁଃସାହସ ପାଇଁ ସେତିକି ବିରକ୍ତ ଲାଗିଲା। ପ୍ରାୟ ଦୁଇ ଶହ କିଲୋମିଟର ରାସ୍ତା ଅତିକ୍ରମ କରିବାକୁ କେମିତି ସାହାସ କଲା ! ମୁଁ ଜାଣେ ବୋଉର ଅସହାୟତା ତାକୁ ଏ ପ୍ରକାର ନିଷ୍ପତ୍ତି ନେବାକୁ ପ୍ରବର୍ତ୍ତାଇଛି। କୌଣସି ଔଷଧ ଦୋକାନରୁ ଗ୍ଲୁକୋଜ ବା ସେଇଭଳି କିଛି ଖାଇବାକୁ ଏବଂ ବିଶ୍ରାମ ନେବାକୁ ତାକୁ ପରାମର୍ଶ ଦେଲି। ପ୍ରାୟ କୋଡିଏ ମିନିଟ ପରେ ପୁଣି ତାକୁ ଫୋନ କଲି। ସେତେବେଳକୁ ତାକୁ ଟିକିଏ ଭଲ ଲାଗୁଥିବାର ଜାଣି ଆଶ୍ୱସ୍ତ ହେଲି। ସାଇକେଲ ଯାହା ଘରେ ହେଉ ଥୋଇଦେଇ ଲିଫ୍ଟ ମାଗି ଘର ପର୍ଯ୍ୟନ୍ତ ଯିବାକୁ ପରାମର୍ଶ ଦେଲି। ଲିଫ୍ଟ ମାଗି ମାଗି ଅପରାହ୍ନ ଚାରିଟାରେ ଘରେ ପହଞ୍ଚିଛି ବୋଲି ସୌମ୍ୟ ଫୋନ୍ କରି ଜଣାଇଲା ।

-‘କ’ଣ କରୁଚୁ ଏବେ ? ତା ଦେହର ଅବସ୍ଥା ଜାଣିବାକୁ ଫୋନ୍ କଲି ରାତିରେ।

-‘ମୁଁ ପୁରା ଠିକ୍ ଅଛି। ବୋଉର ଔଷଧ ଆଉ ଘର ପାଇଁ ଆବଶ୍ୟକୀୟ ଜିନିଷ ସବୁ ସଂଗ୍ରହ କରି ନେଇଛି।’

- ‘ଜାଣେ ତୁ ଘରେ ପହଞ୍ଚିଲା ପରେ ମା’ ଆଉ ପୁଅ ଦୁହେଁ ଠିକ୍ ଥିବ। ଗେହ୍ଲା ପୁଅ ନା ! ବୋଉ ଏବେ କ’ଣ କରୁଛି ? ବୋଉର ପାନ ସରଞ୍ଜାମ ଯୋଗାଡ କରିଛୁ ତ ?’ ମଜାରେ ଏକାଥରକେ ପଚାରିଗଲି ଏତେ ଗୁଡିଏ ପ୍ରଶ୍ନ !

-‘ବୋଉ ଏଇଠି ବସି କାନ୍ଦୁଛି ।’ ସୌମ୍ୟର ଉତ୍ତରରେ ମୁଁ କ୍ଷଣିକ ପାଇଁ ଚୁପ୍ ହୋଇଗଲି।

-‘ଜାଣିନି କି ? ରାମାୟଣ ଆଉଥରେ ପ୍ରସାରଣ ହେଉଛି। ଆଜି ରାମ ଚଉଦ ବର୍ଷ ପାଇଁ ବନବାସରେ ଯାଉଛନ୍ତି, ଦଶରଥ କୌଶଲ୍ୟାଙ୍କଠାରୁ ବେଶି କାନ୍ଦୁଛି ବୋଉ। କେତେବେଳୁ ନାକ ସୁଁ ସୁଁ କରୁଛି ଆଉ ଲୁଗା କାନିରେ ଲୁହ ପୋଛୁଛି...!’ ହସି ହସି କହିଲା ସୌମ୍ୟ। ମନେ ପଡିଲା କୌଣସି କାରଣରୁ କେତେ ଦିନ ହେଲା ଛାତ ଉପରେ ଲାଗିଥିବା ଡିସ୍ ଆଣ୍ଟିନା ଅଚଳ ହୋଇ ପଡିଥିବାରୁ ବୋଉ ଟିଭି ଦେଖି ପାରୁନଥିଲା। ଆଜି ବୋଧହୁଏ ସୌମ୍ୟ ସଜାଡି ଦେଇଛି। ତା’ର ପରିଶ୍ରମ ବ୍ୟର୍ଥ ଯାଇନି। ମୋ ଆଗରେ ଆଉ ଏକ ଶ୍ରବଣ କୁମାରର ଛବି ଫୁଟି ଉଠୁଥିଲା। ଖୁସିରେ ମୋ ଆଖିରେ ବି ଲୁହ ଆସି ଯାଇଥିଲା।

କୁଞ୍ଜବିହାରୀ ଲେନ
,କଟକ

# ଆଘାତ

ସୁଧାକର ନନ୍ଦ

ସରଦେଇପୁର ଗାଁ ସ୍କୁଲ୍‌ରେ ସୌମ୍ୟରଂଜନ ବୋଲି ପିଲାଟିଏ ପଢୁଥିଲା । ସେ ଭାରି ଦୁଷ୍ଟ । ସମସ୍ତଙ୍କୁ ମରମ କଥା କହି ଚିଢ଼ାଇବାକୁ ତାକୁ ଖରାପ ଲାଗେ ନାହିଁ । ତା’ରି କ୍ଲାସ୍‌ରେ ପଢୁଥିବା ଚନ୍ଦନର ପିଲାଟି ଦିନରୁ ପୋଲିଓ ରୋଗରେ ପଡ଼ି ଗୋଟିଏ ଗୋଡ଼ ସରୁ । ସେ ଭଲ ପଢେ । କିନ୍ତୁ ଛୋଟେଇ ଚାଲେ । ତାଳି ମାରି ହସେ । ବଡ଼ ଲୋକ ଘର ପିଲା ହୋଇଥିବାରୁ ବିଚରା ଚନ୍ଦନ ତାକୁ କିଛି କହିପାରେ ନାହିଁ ସିନା ତାକୁ କିନ୍ତୁ ଭାରି ବାଧେ । ସୌମ୍ୟର ସାଙ୍ଗ ପିଲାମାନେ ତାକୁ ଯେତେ ବୁଝାଇଲେ ବି ସେଥିକୁ ସୌମ୍ୟର ଖାତିର୍ ନଥାଏ ।

କାର୍ତ୍ତିକ ବୋଲି ଆଉ ଗୋଟିଏ ପିଲା ତା’ ସହିତ ପଢୁଥାଏ । ତା’ର ଗୋଟିଏ ଆଖି ପିଲାଯି ଦିନରୁ ଫୁଟିଯାଇଥାଏ । ଗୋଟିଏ ଆଖି ହେଲେ ବି ସେ ଭଲ ପାଠ ପଢ଼େ । ଏକୁଟିଆ ପାଇଲେ ତାକୁ ସେ କଣା ବୋଲି କହି ଚିଢ଼ାଏ । ନିଜର ଗୋଟିଏ ଆଖି ବନ୍ଦ କରି ପଢୁପଢୁ ତାକୁ କହେ- ଆରେ କଣା କାର୍ତ୍ତିକା, ଗୋଟିଏ ଆଖିରେ ତୁ କେମିତି ଏତେ ଭଲ ପଢୁଛୁ ?

କାର୍ତ୍ତିକକୁ ଭାରି ବାଧେ । କାର୍ତ୍ତିକର ମା’ ସୌମ୍ୟ ଘରେ ବାସନ ମାଜି ତାକୁ ପାଠ ପଢ଼ାଏ ବୋଲି ଡରରେ ସେ ସୌମ୍ୟକୁ କିଛି କହେନାହିଁ ।

ଥରେ ବାପା ଓ ମାଆଙ୍କ ସହିତ ସୌମ୍ୟରଂଜନ ତାଙ୍କ ଗାଡ଼ିରେ ବସି ଦୁର୍ଗାପୂଜା ଦେଖିବାକୁ କଟକ ଯାଉଥାଏ । ହଠାତ୍ ଗୋଟେ ଟ୍ରକ୍ ଆସି ତାଙ୍କ ଗାଡ଼ିକୁ କୁଟି ଦେବାରୁ ଗାଡ଼ିଟି ତ ଭାଙ୍ଗିଗଲା, ବାପାମା’ ଦୁହେଁ ମରିଗଲେ । ସେ କିନ୍ତୁ ବଞ୍ଚିଲା । ଅଚେତ୍ ଅବସ୍ଥାରେ ତାକୁ ଡାକ୍ତରଖାନା ନିଆଗଲା । ତା’ର ଡାହାଣ ଗୋଡ଼ଟି ପୂରା ଛେଚି ହୋଇ ଯାଇଥିବାରୁ ପାଖରୁ କଟାଗଲା । ଆଖିରେ ଆଘାତ ଲାଗିଥିବାରୁ ତା’ର ଗୋଟେ ଆଖିକୁ କିଛି ଦେଖାଗଲାନାହିଁ ।

ବାପା-ମା’ ମରିଗଲା ପରେ ତା’ ମାମୁଁ ଆସି ଘର ଦାୟିତ୍ୱ ନେଲେ । କିଛିଦିନ ପରେ ସୌମ୍ୟ ପୂରା ଭଲ ହୋଇଗଲା । ସ୍କୁଲ ପଢ଼ିବାକୁ ଗଲା । କାନ୍ଧରେ ଆଶାବାଡ଼ି ଦେଇ ବାଟ ଚାଲୁଥିଲା । ଛୋଟେଇ ଛୋଟେଇ ସ୍କୁଲକୁ ଗଲାବେଳେ ଅଭ୍ୟାସ ନଥିବାରୁ ବେଳେବେଳେ ତଳେ ପଡ଼ି ଯାଉଥାଏ । ପାଖକୁ ଆସି ତାକୁ କାର୍ତ୍ତିକ ଉଠାଏ । ହାତଧରି ସ୍କୁଲକୁ ନିଏ । ପୂର୍ବରୁ ଚନ୍ଦନ ଓ କାର୍ତ୍ତିକକୁ ଛୋଟା ଓ କଣା କହି ଥଟ୍ଟା କରୁଥିବାରୁ ତା’ର ଶେଷରେ ଏହି ଦଶା ହେଲାବୋଲି ଭାବି ସୌମ୍ୟ ବେଳେବେଳେ ବିକଳରେ କାନ୍ଦି ପକାଏ ।

ସେ ଭାବେ ସ୍କୁଲର ଅନ୍ୟ ପିଲାମାନେ ଯଦି ତାକୁ ଛୋଟା ଓ କଣା କହି ଚିଢ଼ାନ୍ତି ସେ ସହି ପାରିବ ତ ? ପୁଣି ଭାବେ କାହାରି ମନରେ ଆଘାତ ଦେବା ଉଚିତ୍ ନୁହେଁ । କାରଣ ଅନ୍ୟକୁ ଚିଢ଼ାଉଥିବା ଲୋକର ଯେ ଦିନେ ସେଇ ଅବସ୍ଥା ନ’ହେବ କିଏ କହିବ ?

+ ସାଇ ସରସ୍ୱତୀ ନିବାସ,
ଭଦ୍ରକ-୭୫୬୦୦୧



# ଓସିଏସ୍ ମେନ୍ ପରୀକ୍ଷା ସ୍ଥଗିତ ରଖିବାକୁ ଯୁବ କଂଗ୍ରେସ ସଭାପତିଙ୍କ ଦାବି

ଭୁବନେଶ୍ୱର,୧୬/୧ (ନି.ପ୍ର): ରାଜ୍ୟରେ କରୋନାର ସ୍ଥିତି ଏବେ ଉଦ୍‌ବେଗଜନକ ରହିଥିବା ବେଳେ ଓଡ଼ିଶା ଲୋକ ସେବା ଆୟୋଗଙ୍କ ପକ୍ଷରୁ ସିଭିଲ୍ ସର୍ଭିସ (ଓସିଏସ୍) ମେନ୍ ପରୀକ୍ଷା ଆୟୋଜନ ସ୍ଥଗିତ ରଖିବାକୁ ଦାବି କରିଛନ୍ତି ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରଞ୍ଜନ ଲେଙ୍କା। ଡ. ସ୍ମୃତି ରଞ୍ଜନ ଲେଙ୍କାଙ୍କ କହିବାନୁଯାୟୀ, ଜାନୁୟାରୀ ୨୦ ତାରିଖରୁ ଓଡ଼ିଶା ଲୋକସେବା ଆୟୋଗ ପକ୍ଷରୁ ସିଭିଲ୍ ସର୍ଭିସ୍ (ଓସିଏସ୍) ମେନ୍ ପରୀକ୍ଷା ଆରମ୍ଭ ହେବାକୁ ଯାଉଛି। ଏହା ଫେବୃୟାରୀ ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ଓପିଏସ୍‌ସି ପକ୍ଷରୁ ଆଡମିଟ୍ କାର୍ଡ଼ ମଧ୍ୟ ବଂଟାଯାଇସାରିଛି। କିନ୍ତୁ ଏଇ ଜାନୁୟାରୀରୁ କରୋନା ସଂକ୍ରମଣର ଗ୍ରାଫ୍ ଉପରମୁହାଁ ହେବାରେ ଲାଗିଛି। ଜାନୁୟାରୀ ଶେଷ ଏବଂ ଫେବୃୟାରୀ ବେଳକୁ ଏହା ପିକ୍‌ରେ ରହିବ। ଓସିଏସ୍ ପରୀକ୍ଷା ରାଜ୍ୟର ୫ଟି ସହରରେ ହେବାକୁ ଥିବାବେଳେ କୋଭିଡ୍ ପାଇଁ ସେଠାରେ ହଷ୍ଟେଲଗୁଡ଼ିକ ବନ୍ଦ ରହିଛି। ତେଣୁ ପିଲାମାନେ କେଉଁଠି ସୁରକ୍ଷିତ ଭାବେ ରହି ପରୀକ୍ଷା ଦେବେ ବୋଲି ପ୍ରଶ୍ନ କରିଛନ୍ତି ଡ. ସ୍ମୃତି ରଞ୍ଜନ ଲେଙ୍କା। ଦୂର ଦୂରାନ୍ତରୁ ପରୀକ୍ଷା ଦେବାକୁ ଆସୁଥିବା ପ୍ରାର୍ଥୀମାନେ ଏଥିରେ ନିଶ୍ଚୟ ଅସୁବିଧା ଭୋଗିବେ। ଅଫ୍‌ଲାଇନ୍ ପରୀକ୍ଷା ସମୟରେ ଯଦି କେହି ଛାତ୍ରଛାତ୍ରୀ କୋଭିଡ୍ ସଂକ୍ରମଣର ଶିକାର ହୁଅନ୍ତି, ତେବେ ସେମାନଙ୍କର ପରୀକ୍ଷାରେ ପ୍ରଦର୍ଶନ ମଧ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଛି। ପିଲାମାନଙ୍କୁ ସୁସ୍ଥ ମାନସିକତା ଓ ସମ୍ପୂର୍ଣ୍ଣ ସୁରକ୍ଷା ଭିତରେ ପରୀକ୍ଷା ଦେବାର ସୁଯୋଗ ନଦେଇ ରାଜ୍ୟ ସରକାର ସେମାନଙ୍କର ଭବିଷ୍ୟତ ସହ ଖେଳୁଛନ୍ତି ବୋଲି କହିଛନ୍ତି ଶ୍ରୀ ଲେଙ୍କା। ତେଣୁ ହଜାର ହଜାର ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ଓ ଭବିଷ୍ୟତର ନିରାପତା ପାଇଁ ଓଡ଼ିଶା ଲୋକସେବା ଆୟୋଗ ଓସିଏସ୍ ମେନ୍ ପରୀକ୍ଷା ସ୍ଥଗିତ ରଖିବା ପାଇଁ ସେ ଦାବି କରିଛନ୍ତି।

# ଢିଙ୍କିଆରେ ପୁଲିସର ଲାଠି ଚାଳନା ପାଇଁ ମୁଖ୍ୟମନ୍ତ୍ରୀ ଉତ୍ତରଦାୟୀ: ସି.ପି.ଆଇ.(ଏମ୍)

ଭୁବନେଶ୍ୱର,୧୬/୧ (ନି.ପ୍ର): ଜିନ୍ଦଲ କମ୍ପାନୀର ସ୍ୱାର୍ଥ ପାଇଁ ଢିଙ୍କିଆରେ ନିରୀହ ଲୋକଙ୍କ ଉପରେ ପୋଲିସର ଅମାନୁଷିକ ଲାଠି ପ୍ରହାର ଓ ସେ ଅଂଚଳରେ ଆତଙ୍କ ସୃଷ୍ଟି ଅତ୍ୟନ୍ତ ନିନ୍ଦନୀୟ। ଏହି ଅଭାବନୀୟ ଘଟଣା ପାଇଁ ରାଜ୍ୟ ମୁଖ୍ୟମନ୍ତ୍ରୀ ହିଁ ଉତର ଦାୟୀ ବୋଲି ସି.ପି.ଆଇ.(ଏମ୍) କହିଛି । ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ଦୁଷ୍ମନ୍ତ ଦାସ କହିଛନ୍ତି ଢିଙ୍କିଆରେ ପୁଲିସର ବର୍ବର ଲାଠି ଚାଳନାକୁ ସି.ପି.ଆଇ.(ଏମ୍) ଧିକ୍କାର କରୁଛି । ରାଜ୍ୟ ସରକାରଙ୍କର ଏହି ଜନବିରୋଧୀ, ମାନବତା ବିରୋଧୀ ଏବଂ କର୍ପୋରେଟ୍ ପ୍ରୀତି ମନୋଭାବ ବିରୋଧରେ ରାଜ୍ୟବାସୀ ପ୍ରତିବାଦ କରିବା ପାଇଁ ସି.ପି.ଆଇ.(ଏମ୍) ଆହ୍ୱାନ କରିଛି । ସ୍ଥାନୀୟ ଲୋକଙ୍କ ତୀବ୍ର ବିରୋଧ ସାଙ୍ଗକୁ ଲୋକଙ୍କ ଜୀବନ, ଜୀବିକା ଏବଂ ଭିଟାମାଟିକୁ ବିପନ୍ନ କରି ଜିନ୍ଦଲର କାରଖାନା ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କର ଏତେ ଜିଦ କାହିଁକି ବୋଲି ସି.ପି.ଆଇ.(ଏମ୍) ପ୍ରଶ୍ନ କରିଛି। ସରକାର ନିଜ ଜିଦ୍‌ରୁ ଓହରି ଜନସାଧାରଣଙ୍କ ସହ ଆଲୋଚନା କରି ପରିସ୍ଥିତିରେ ସୁଧାର ଆଣିବା ପାଇଁ ସି.ପି.ଆଇ.(ଏମ୍) ଦାବି ଉଠାଇଛି । ସିପିଆଇଏମ୍ ଦାବି କରିଛି ପୁଲିସ୍‌ର ନିର୍ମମ ଲାଠି ଚାଳନାର ତଦନ୍ତ ଉଚ୍ଚନ୍ୟାୟାଳୟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ (ଏସ୍.ଆଇ.ଟି) ଦ୍ୱାରା କରାଯାଉ । ଏଭଳି ଜନ ବିରୋଧୀ କାର୍ଯ୍ୟରେ ଅଭିଯୁକ୍ତ ପୁଲିସ ଏବଂ ପ୍ରଶାସନିକ ଅଧିକାରୀମାନଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ ଦଣ୍ଡ ବିଧାନ କରାଯାଉ । ସେଠାରୁ ପୋଲିସ୍ ବାହିନୀକୁ ହଟାଇ ନିଆଯାଉ। ବଳ ପ୍ରୟୋଗ କରି ପାନ ବରଜ ଭାଙ୍ଗିବା କାର୍ଯ୍ୟକ୍ରମ ତୁରନ୍ତ ବନ୍ଦ କରାଯାଇ ପୁଲିସ ଦ୍ୱାରା ଭଙ୍ଗା ଯାଇଥିବା ସମସ୍ତ ପାନବରଜର ଉପଯୁକ୍ତ କ୍ଷତିପୂରଣ ରାଶି ଦିଆଯାଉ । ଗିରଫ ହୋଇଥିବା ନେତା ଦେବେନ୍ଦ୍ର ସ୍ୱାଇଁ, ନରେନ୍ଦ୍ର ମହାନ୍ତି ଏବଂ ମୁରଲି ବେହେରାଙ୍କ ସମେତ ସମସ୍ତଙ୍କୁ ନିସର୍ତ ଖଲାସ କରାଯାଉ। ପୁଲିସ ଲାଠି ଚାଳନା ଦ୍ୱାରା ଆହୂତ ସମସ୍ତ ପୁରୁଷ, ମହିଳା ଏବଂ ଶିଶୁମାନଙ୍କର ଉନ୍ନତ ତଥା ଆଧୁନିକ ଚିକିତ୍ସା କରାଯାଉ । ଏବଂ ଜୀବନ-ଜୀବିକା ବିପନ୍ନକାରୀ, ଏବଂ ପରିବେଶ ଧ୍ୱଂସକାରୀ ଜିନ୍ଦଲ ପ୍ରକଳ୍ପକୁ ଢିଙ୍କିଆରେ କରିବା ପ୍ରସ୍ତାବ ପ୍ରତ୍ୟାହାର କରାଯାଉ । ସି.ପି.ଆଇ.(ଏମ୍) ରାଜ୍ୟ ଅଫିସ୍‌ରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ସି.ପି.ଆଇ.(ଏମ୍) ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ଜଗନ୍ନାଥ ମିଶ୍ର, ଦୁଷ୍ମନ୍ତ ଦାସ ଏବଂ ସୁରେଶ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜ୍ୟ ପୋଲିସ ଏକାଡେମୀ ଦେଶର ଶ୍ରେଷ୍ଠ ଟ୍ରେନିଂ ପ୍ରତିଷ୍ଠାନ

ଭୁବନେଶ୍ୱର,୧୬/୧ (ନି.ପ୍ର): ଭୁବନେଶ୍ୱର ସ୍ଥିତ ବିଜୁ ପଟ୍ଟନାୟକ ଷ୍ଟେଟ୍ ପୋଲିସ ଏକାଡେମୀ ଦେଶର ଶ୍ରେଷ୍ଠ ପୋଲିସ ଟ୍ରେନିଂ ପ୍ରତିଷ୍ଠାନ । କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ୨୦୨୦-୨୧ ବର୍ଷ ପାଇଁ ଶ୍ରେଷ୍ଠ ଟ୍ରେନିଂ ପ୍ରତିଷ୍ଠାନ ଭାବେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଷ୍ଟେଟ୍ ପୋଲିସ ଏକାଡେମୀ ପୁରସ୍କୃତ ହୋଇଛି। ପୁରସ୍କାର ବାବଦକୁ ରାଜ୍ୟ ପୋଲିସ୍ ଏକାଡେମୀକୁ ଟ୍ରଫି ସହ ୨୦ ଲକ୍ଷ ଟଙ୍କା ମିଳିଛି । ୨୦୧୫ରୁ ପୂର୍ବାଂଚଳରୁ ବିଭିନ୍ନ କାଟାଗୋରୀରେ କ୍ରମାଗତ ଜିତି ଆସୁଛି ବିଜୁ ପଟ୍ଟନାୟକ ଷ୍ଟେଟ୍ ପୋଲିସ ଏକାଡେମୀ । ୨୦୦୫ରେ ଏହି ଏକାଡେମୀର ପ୍ରତିଷ୍ଠା କରାଯାଇଥିଲା । ଏଠାରେ ଡେପୁଟି ସୁବେଦାରଠାରୁ ଡିଏସପି ରାଙ୍କ ଯାଏ ଦିଆଯାଉଛି ତାଲିମ । ଏପର୍ଯ୍ୟନ୍ତ ୬ଟି ବ୍ୟାଚରେ ୬୫ଜଣ ଡିଏସପିଙ୍କୁ ତାଲିମ ଦିଆଯାଇଛି। ୨୪ଟି ବ୍ୟାଚରେ ଡେପୁଟି ସୁବେଦାର, ଏସଆଇ ଓ ସର୍ଜେଂଟଙ୍କୁ ତାଲିମ ଦିଆଯାଇଛି । ଅବକାରୀ, ପରିବହନ ଓ ଜଙ୍ଗଲ ବିଭାଗ ଅଫିସରଙ୍କୁ ମଧ୍ୟ ତାଲିମ ଦିଆଯାଉଛି ।

# ତୃତୀୟ ଲହରରେ ରୋଗୀ ଗୁରୁତର ହେଉନାହାନ୍ତି

ଭୁବନେଶ୍ୱର,୧୬/୧ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧି ପାଇଥିବା ବେଳେ ଲୋକଙ୍କୁ ସଚେତନ କରିଛନ୍ତି ବରିଷ୍ଠ ଡାକ୍ତର ଅମରେନ୍ଦ୍ର ମହାନ୍ତି ଓ ଜୟନ୍ତ ପଣ୍ଡା। ସେମାନେ କହିଛନ୍ତି ରାଜ୍ୟରେ ତୃତୀୟ ପର୍ଯ୍ୟାୟ ଆରମ୍ଭ ହୋଇସାରିଛି । ଓମିକ୍ରନର ସଂକ୍ରମଣ କ୍ଷମତା ଅଧିକ ରହିଥିଲେ ମଧ୍ୟ ରୋଗୀ ଗୁରୁତର ହେଉନାହାନ୍ତି । ଭୂତାଣୁ ଗଳାରେ ରହୁଛି। ଛାତି ମଧ୍ୟକୁ ପ୍ରବେଶ କରି ଶରୀରର କ୍ଷତି କରିପାରୁନି। ବିଶେଷ କରି ଗଳାରେ କଷ୍ଟ ହେବା, ନାକ ବନ୍ଦ, ଦେହ ବିନ୍ଧା ହେବା ସହିତ ମୁଣ୍ଡ ବିନ୍ଧିବା ପତଳା ଝାଡା ହେବା ତୃତୀୟ ପ୍ରବାହ ଲକ୍ଷଣ । ତୃତୀୟ ଲହରରେ ଆକ୍ରାନ୍ତ ମାନଙ୍କର ବିଶେଷ ଲକ୍ଷଣ ଦେଖାଯାଉନି। ତେଣୁ ଅଧିକାଂଶ ସଂକ୍ରମିତ ଘରେ ରହି ଚିକିତ୍ସିତ ହେଉଛନ୍ତି । ତେବେ ବିନା ପରାମର୍ଶରେ ଔଷଧ ଖାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । ଏବେ କରୋନା ଚିକିତ୍ସା ପାଇଁ ବିଶେଷ କିଛି ଔଷଧର ଆବଶ୍ୟକତା ପଡୁନି । କିନ୍ତୁ ମନଇଚ୍ଛା ଔଷଧ ଖାଇବା ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ । ଟିକା ନେଇଥିଲେ ମଧ୍ୟ ନିୟମ ମାନିବାକୁ ପଡିବ। ସେହିପରି ଡାକ୍ତର କହିଛନ୍ତି ସତର୍କ ନରହିଲେ ଟିକା ନେଇଥିଲେ ମଧ କରୋନା ହେବ। ଏଥିପାଇଁ ମାସ୍କ, ସାମାଜିକ ଦୂରତାକୁ ସବୁବେଳେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ବର୍ତ୍ତମାନ ରାଜ୍ୟରେ ସ୍ୱାସ୍ଥ୍ୟ ଭିତିଭୂମି ସୁଦୃଢ଼ ଅଛି। ଆକ୍ରାନ୍ତ ଗୁରୁତର ହେଉନଥିବାରୁ ଅକ୍ସିଜେନ୍ ଓ ଭେଂଟିଲେଟରର ଆବଶ୍ୟକତା ପଡୁନାହିଁ। ତଥାପି ସ୍ୱାସ୍ଥ୍ୟ ବିଭାଗ ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି।

# ହୁଇଲ୍ ଚେୟାରରେ ୧୮୪କିମି ଅତିକ୍ରମ ଲକ୍ଷ୍ୟ: 'ଗିନିଜ୍' ଲକ୍ଷ୍ୟରେ କମଳାକାନ୍ତ

ଭୁବନେଶ୍ୱର,୧୬/୧ (ନି.ପ୍ର): ହ୍ୱିଲ-ଚେୟାରରେ ୨୪ଘଣ୍ଟାରେ ସର୍ବାଧିକ ଦୂରତା ଅତିକ୍ରମ କରି ଗିନିଜ୍ ବୁକ୍ ଅଫ୍ ୱାର୍ଲଡ୍ ରେକର୍ଡରେ ସ୍ଥାନ ପାଇଁ ନିଆରା ପ୍ରୟାସ ଆରମ୍ଭ କରିଛନ୍ତି ପୁରୀ ଜିଲ୍ଲାର ଦିବ୍ୟାଙ୍ଗ କମଳାକାନ୍ତ ନାୟକ (୨୮)। ପର୍ତ୍ତୁଗାଲର ମାରିଓ ତ୍ରିନିଦାଦ ୧୮୨.୪ କିମି ଦୂରତା ଅତିକ୍ରମ କରି ଗିନିଜ୍ ବୁକ୍‌ରେ ସ୍ଥାନ ଅଧିକାର କରିଥିବା ବେଳେ କମଳାକାନ୍ତ ତାଙ୍କ ରେକର୍ଡ ଭାଙ୍ଗିବାକୁ ଉଦ୍ୟମ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ଅପରାହ୍ଣ ୩ଟାରୁ ସେ ରାଜମହଲଠାରୁ ମାଷ୍ଟରକ୍ୟାଣ୍ଟିନ୍ ମଧ୍ୟରେ ଥିବା ସାଇକେଲ ଟ୍ରାକ୍‌ରେ ହ୍ୱିଲଚେୟାର ଚଳାଇଛନ୍ତି। ଆସନ୍ତାକାଲି ଦିନ ୩ଟା ସୁଦ୍ଧା ସେ ଏହି ଟ୍ରାକ୍‌ରେ ୧୮୪ କିମି ଅତିକ୍ରମ କରିବାକୁ ଲକ୍ଷ୍ୟ ରଖିଛନ୍ତି। ପ୍ରଶାସନ ଓ ବେଟର ଲାଇଫ୍ ଫାଉଣ୍ଡେସନ୍ ପକ୍ଷରୁ ଏନେଇ ସମସ୍ତ ପ୍ରକାର ଆୟୋଜନ କରାଯାଇଛି। କମଳାକାନ୍ତଙ୍କ ସୁରକ୍ଷା ପାଇଁ ୭ଜଣ ପୁଲିସ୍ ଓ ୨୦ରୁ ଅଧିକ ସ୍ୱେଚ୍ଛାସେବୀ ଘଟଣାସ୍ଥଳରେ ନିୟୋଜିତ ହୋଇଛନ୍ତି। ଏହାସହ ଏହାକୁ ରେକର୍ଡ କରିବା ପାଇଁ ୨୪ ଘଣ୍ଟିଆ ଭିଡିଓ ଫୁଟେଜ୍, ୧୨ଜଣ ଯୋଗ୍ୟତାପ୍ରାପ୍ତ ସ୍ୱାଧୀନ ସାକ୍ଷୀ ଓ ତିନୋଟି ଡିଭାଇସ୍ ଦ୍ୱାରା ସମ୍ପୂର୍ଣ୍ଣ ପ୍ରୟାସର ଜିପିଏସ୍ ଟ୍ରାକ୍ କରାଯାଉଛି। କମଳାକାନ୍ତଙ୍କୁ ଉତ୍ସାହିତ କରିବା ପାଇଁ ଭିନ୍ନକ୍ଷମ କମିସନର ସୁଲୋଚନା ଦାସ, ଅଭିନେତା ସବ୍ୟସାଚୀ ମିଶ୍ର, ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ସଞ୍ଜୟ ଦାସବର୍ମା, ବିଧାୟକ ଅନନ୍ତ ନାରାୟଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ଖେଳ ଓ ଯୁବ ବ୍ୟାପାର ବିଭାଗ ଓ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ କମଳଙ୍କୁ ଏହି ପ୍ରୟାସ ପାଇଁ ସହଯୋଗ କରିଛନ୍ତି।

# ଆଉଟସୋର୍ସିଂ କର୍ମଚାରୀଙ୍କୁ ନିୟମିତ କରାଯାଉ : କଂଗ୍ରେସ

ଭୁବନେଶ୍ୱର,୧୬/୧ (ନି.ପ୍ର): ରାଜ୍ୟ କ୍ୟାବିନେଟରେ ସରକାରୀ ଚାକିରୀର ସର୍ବନିମ୍ନ ବୟସସୀମା ବୃଦ୍ଧି ନିଷ୍ପତିକୁ କଂଗ୍ରେସ ସ୍ୱାଗତ କରିଛି। ମାତ୍ର ଉଚ୍ଚନ୍ୟାୟଳୟ ଆଉଟସୋର୍ସିଂ ମାଧ୍ୟମରେ କାମ କରୁଥିବା କର୍ମଚାରୀଙ୍କୁ ନିୟମିତ କରିବାପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେବାପରେ ସରକାରଙ୍କର ଅସଲ ଚେହେରାଟି ଏବେ ପଦାରେ ପଡ଼ିଛି ବୋଲି କଂଗ୍ରେସ କହିଛି। ଯେଉଁଦିନ ସରକାର ଚାକିରୀ ବୟସସୀମା ବଢ଼ାଇବା ପାଇଁ ରାଜ୍ୟ କ୍ୟାବିନେଟରେ ଅନୁମୋଦନ କରୁଛନ୍ତି ସେହିଦିନ ସରକାର ଉଚ୍ଚନ୍ୟାୟଳୟ ନିର୍ଦ୍ଦେଶକୁ ଅପିଲ କରିବାପାଇଁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ କ୍ରମେ ରାଜ୍ୟ ସରକାରଙ୍କ ତରଫରୁ ପ୍ରମୁଖ ଅର୍ଥ ସଚିବଙ୍କ ପକ୍ଷରୁ ସମସ୍ତ ବିଭାଗୀୟ ସଚିବ, ବିଭାଗୀୟ ମୁଖ୍ୟ ଏବଂ ଆର୍ଡଭୋକେଟ ଜେନେରାଲଙ୍କୁ ଚିଠି କରାଯାଇଛି। ଏଥିରୁ ସ୍ପଷ୍ଟ ଅନୁମେୟ ହେଉଛି ରାଜ୍ୟ ସରକାର ରାଜ୍ୟର ବେକାରୀ ଯୁବକ ମାନଙ୍କୁ ନିଯୁକ୍ତିର ମରିଚିକା ଦେଖାଇବା ସହିତ ପଂଚାୟତ ନିର୍ବାଚନ ପାଇଁ ଏକ ନିଯୁକ୍ତି ଥୋପ ପକାଇଛନ୍ତି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର ସରକାରଙ୍କୁ ସିଧାସଳଖ ଟାର୍ଗେଟ କରିଛନ୍ତି। ଯଦି ସରକାରଙ୍କର ନ୍ୟାୟପାଳିକା ପ୍ରତି ତିଳେମାତ୍ର ସମ୍ମାନ ଅଛି ଆଉଟସୋର୍ସି କମ୍ପାନୀ ପ୍ରତି ଅହେତୁକ ଅନୁକମ୍ପା ନଦେଖାଇ ଉଚ୍ଚନ୍ୟାୟଳୟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରି ରାଜ୍ୟରେ ଆଉଟସୋର୍ସିଂ ମାଧ୍ୟମରେ କାମକରୁଥିବା ସମସ୍ତ ଯୋଗ୍ୟ କର୍ମଚାରୀଙ୍କୁ ନିୟମିତ କରାନ୍ତୁ ବୋଲି ଶ୍ରୀ ମିଶ୍ର ଦାବି କରିଛନ୍ତି। କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମନୋରଞ୍ଜନ ଦାଶ, ଚିନ୍ମୟ ସୁନ୍ଦର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବରୀ ନିର୍ବାଚନ ମଣ୍ଡଳୀର ବହୁ ବିଶିଷ୍ଟ ବ୍ୟକ୍ତି ବିଜେପିରେ ସାମିଲ

ଭୁବନେଶ୍ୱର,୧୬/୧ (ନି.ପ୍ର): ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଯାଜପୁର ଜିଲ୍ଲା ବରୀ ନିର୍ବାଚନ ମଣ୍ଡଳୀର ପୂର୍ବତନ ନୌସେନା ଅଧିକାରୀ କବୀର ଦାସ ଓ କେଶରୀଆ ହିନ୍ଦୁ ବାହିନୀ ରାଜ୍ୟ ସଭାପତି ରବିନ୍ଦ୍ର ଶତପଥୀ ଆଜି ନିଜ ନିଜ ସମର୍ଥକଙ୍କ ଗହଣରେ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି । ରାଜ୍ୟ ସଭାପତି ସମୀର ମହାନ୍ତି ନୂତନ ଭାବେ ବିଜେପିରେ ସାମିଲ ହୋଇଥିବା ସମସ୍ତ ନୂତନ ସଦସ୍ୟଙ୍କୁ ଉତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ ଜଣାଇଥିଲେ ।

ଆଜି ଦେଶବ୍ୟାପୀ 'ନ୍ୟାସନାଲ ଆର୍ମି ଦିବସ' ପାଳନ କରାଯାଉଛି । ଆଜିର ଏହି ମହାନ ଦିବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଆଦର୍ଶ ଓ ବିକାଶ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଦେଶ ସୁରକ୍ଷା ପାଇଁ କାର୍ଯ୍ୟ କରିଥିବା ସେନା ଅଧିକାରୀମାନେ ବିଜେପିରେ ସାମିଲ ହେବା ନିର୍ଶ୍ଚିତ ଭାବେ ଆମ ପାଇଁ ଗୌରବର ବିଷୟ। ବର୍ତମାନ ଗରିବ ଲୋକଙ୍କୁ ସ୍ୱାର୍ଥ ପ୍ରଦାନର ଲଢେଇରେ ସାମିଲ ହେବା ନିଷ୍ପତି ଅତ୍ୟନ୍ତ ସ୍ୱାଗତଯୋଗ୍ୟ। ସେହିପରି ତାଙ୍କ ସହିତ ବରୀ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଂଚାୟତରୁ ମା, ଯୁବ ସାଥୀ ଏବଂ ଗୁରୁଜନବୃନ୍ଦ ବିଭିନ୍ନ ରାଜନୈତିକ ଦଳକୁ ପରିତ୍ୟାଗ କରି ଭାରତୀୟ ଜନତା ପାର୍ଟିରେ ଯୋଗଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କ ଯୁଗାନ୍ତକାରୀ ଯୋଜନାଗୁଡିକର ସୁଲାଭ ସମାଜର ସବୁ ବର୍ଗର ଲୋକଙ୍କ ପାଖରେ ପହଁଚାଇବା ପାଇଁ ରାଜ୍ୟ ବିଜେପି ତରଫରୁ ଦୀର୍ଘ ଦିନ ଧରି ଆନ୍ଦୋଳନ ଜାରୀ ରହିଛି । ନିଜ ଅଂଚଳର ଜନସାଧାରଣଙ୍କର ସୁରକ୍ଷା ସହିତ ସେମାନଙ୍କ ପାଖରେ ମୋଦିଜୀଙ୍କର ଯୋଜନାକୁ ପହଁଚାଇ ଗ୍ରାମାଂଚଳର ଜୀବନ ଧରଣରେ ଉନ୍ନତି କରିବାରେ ଜଣେ ଜଣେ ସଜାଗ ପ୍ରହାରୀ ଭାବରେ କାମ କରିବାକୁ ଶ୍ରୀ ମହାନ୍ତି ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ରତ୍ନଗିରି ପଂଚାୟତର ଶାନ୍ତିଲତା ଜେନା, କବିତା ଦାସ, ସଂଯୁକ୍ତା ପ୍ରଧାନ, ଜୟନ୍ତୀ ଶାନ୍ତି, ତାରାମଣି ଜେନା, ପ୍ରତିମା ମହାନ୍ତି, ସୁକାନ୍ତି ଜେନା, ମହେଶ୍ୱର ଦାସ, ତାରେଣୀସେନ୍ ଦାସ, ମଣିକାନ୍ତ ଦାସ, ଉମାକାନ୍ତ ମହାନ୍ତି, ଜିତେନ୍ଦ୍ର ଦାସ, ସମୀର ଦାସ, ରଞ୍ଜିତ୍ ଶାନ୍ତି, ଉଦୟ କୁମାର ଶାନ୍ତି, ମଧୁସୂଦନ ଶାନ୍ତି, ଦୀନବନ୍ଧୁ ଦାସ, ରମେଶ ସାମଲ; ଆମଥପୁର ପଂଚାୟତର, ସୌମ୍ୟ ରଞ୍ଜନ ସାହୁ, ମାନସ ମଲ୍ଲିକ୍, ରମେଶ ଦାସ, ପପୁ ମଲ୍ଲିକ୍; ମନ୍ଦାରୀ ପଂଚାୟତର ପ୍ରଦୀପ ବେହେରା, ରତିକାନ୍ତ ବେହେରା, ନରହରି ବେହେରା, ସୌମ୍ୟରଂଜନ ଶାନ୍ତି; ବରି ପଂଚାୟତର ଯୁବ ନେତା ଅକ୍ଷୟ ମହାଲିକ ଆଜି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି । ଏହି ମିଶ୍ରଣ ପର୍ବ ଅବସରରେ ଯାଜପୁର ଜିଲ୍ଲା ସଭାପତି ଗୌତମ ରାୟ, ଯାଜପୁର ଜିଲ୍ଲା ପୂର୍ବତନ ସଭାପତି ଆଶୁତୋଷ ପରିଡା, ରତ୍ନଗିରି ମଣ୍ଡଳ ସଭାପତି ଅଜୟ ନାଏକ ଓ ରାଜ୍ୟ ଗଣମାଧ୍ୟମ ସହ ପ୍ରମୁଖ ସୁଜିତ୍ କୁମାର ଦାସ୍ ଉପସ୍ଥିତ ଥିଲେ ।

# ବିଏମ୍‌ସିର ୩୦ ନମ୍ବର ୱାର୍ଡ଼ରେ ଏସ୍‌ଏଚ୍‌ଜି ଗୋଷ୍ଠୀର ୱାର୍ଡ଼ସ୍ତରୀୟ ତାଲିମ ଶିବିର ଅନୁଷ୍ଠିତ

ଭୁବନେଶ୍ୱର,୧୬/୧ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମର ୩୦ ନମ୍ବର ୱାର୍ଡ଼ରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ପାଇଁ ଏକ ତାଲିମ ଶିବିର ସହିଦନଗରସ୍ଥିତ ସାଇମନ୍ଦିର ପଡ଼ିଆ ନିକଟସ୍ଥ ସହିଦ କ୍ଲବ ପରିସରରେ ଅନୁଷ୍ଠିତ ହୋଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରତିଭା ସ୍ୱୟଂ ସହାୟକ ମହାସଂଘ, ସହିଦ ଭଗତସିଂ ସ୍ୱୟଂ ସହାୟକ ମହାସଂଘ ଓ ଅନନ୍ତ ବାସୁଦେବ ସ୍ୱୟଂ ସହାୟକ ମହାସଂଘର ଶତାଧିକ ମହିଳାମାନେ ଯୋଗ ଦେଇଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ମଧ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ କହିଥିଲେ ଯେ, ମହିଳାମାନଙ୍କ କାର୍ଯ୍ୟଧାରାରେ ଖୁସି ହୋଇ ସରକାର ୨୧ଟି ବିଭାଗର ବିଭିନ୍ନ ଦାୟିତ୍ୱ ଦେଇଛନ୍ତି ଏବଂ ଏସ୍‌ଏଚ୍‌ଜି ମା'ମାନେ ସଫଳତାର ସହ ନିଷ୍ଠାପର ଭାବେ ସ୍ୱଚ୍ଛତା ରଖି ସବୁ କାର୍ଯ୍ୟକ୍ରମକୁ ଆଗେଇ ନେଇଥିବାରୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ ସାକାର ହୋଇପାରିଛି ବୋଲି କହିଥିଲେ। ଏପରିକି ଆଗାମୀ ଦିନରେ ମହିଳାମାନଙ୍କୁ ମିଟର ରିଡ଼ିଙ୍ଗ ସହିତ ବିଦ୍ୟୁତ୍ ବିଲ୍ ଆଦାୟ, ରାସନକାର୍ଡ଼ରେ ଚାଉଳ ବଂଟନ, ଏସ୍.ସି, ଏସ୍.ଟି ପିଲାଙ୍କ ପାଇଁ ହଷ୍ଟେଲରେ ଖାଦ୍ୟ ବିତରଣର ଦାୟିତ୍ୱ, ଆହାର କେନ୍ଦ୍ରରେ ଖାଦ୍ୟ ବିତରଣ ଦାୟିତ୍ୱ, ଅଙ୍ଗନବାଡ଼ି କେନ୍ଦ୍ରରେ ଛତା, ଜୋତା, ପୋଷାକ ଯୋଗାଣ ଦାୟିତ୍ୱ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମୁଖ୍ୟମନ୍ତ୍ରୀ ଏସ୍‌ଏଚ୍‌ଜି ଗୋଷ୍ଠୀର ମା'ମାନଙ୍କ ହାତକୁ ଦେବା ପାଇଁ ସମ୍ପୂର୍ଣ୍ଣ ଭରସା ଓ ବିଶ୍ୱାସ ରଖିଛନ୍ତି ବୋଲି ଶ୍ରୀ ଜେନା ପ୍ରକାଶ କରିଥିଲେ। ଏହି ତାଲିମ ଶିବିରରେ ମିଶନ ଶକ୍ତିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଡ. ଶକୁନ୍ତଳା ଗୌଡ଼, ଖୋର୍ଦ୍ଧା ଜିଲ୍ଲା ସମ୍ପାଦକ ରାଜକିଶୋର ଦାସ, ଭୁବନେଶ୍ୱର ସମ୍ପାଦକ ସରୋଜ ପାତ୍ର ଏବଂ ଭୁବନେଶ୍ୱର ଯୁବ ସମ୍ପାଦକ ଦୀପକ ବେହେରା ଯୋଗ ଦେଇଥିବା ବେଳେ ପ୍ରତିଭା ସ୍ୱୟଂ ସହାୟକ ମହାସଂଘ, ସହିଦ ଭଗତସିଂ ସ୍ୱୟଂ ସହାୟକ ମହାସଂଘ, ଅନନ୍ତ ବାସୁଦେବ ସ୍ୱୟଂ ସହାୟକ ମହାସଂଘର ସଭାପତି ଓ ସମ୍ପାଦିକା ପ୍ରମୁଖ ଯୋଗ ଦେଇଥିଲେ।

# 'ମାଟିର ବନ୍ଧନ'ର ମୁକ୍ତିଲାଭ ପାଇଁ ସରକାର ବ୍ୟବସ୍ଥା କରନ୍ତୁ : ସିନେକ୍ରିଟିକ୍ ଆସୋସିଏସନ୍

ଭୁବନେଶ୍ୱର,୧୬/୧ (ନି.ପ୍ର): କଟକ ସହରର ପ୍ରାଚୀନ ଶିଳ୍ପକଳା ଓ ମୂର୍ତି କାରିଗରଙ୍କ ସଂଘର୍ଷମୟ ଜୀବନ କାହାଣୀ ଉପରେ ଆଧାରିତ କଳାତ୍ମକ ଚଳଚ୍ଚିତ୍ର 'ମାଟିର ବନ୍ଧନ'ର ମୁକ୍ତିଲାଭ ନିମନ୍ତେ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସାଂସ୍କୃତିକ ଅନୁଷ୍ଠାନ 'ସଂସ୍କୃତି ଓ ସଂସ୍କୃତି' ଏବଂ ଓଡ଼ିଶା ସିନେକ୍ରିଟିକ୍ ଆସୋସିଏସନ୍ ପକ୍ଷରୁ ଦୃଢ ଦାବି କରାଯାଇଛି। ରାଜ୍ୟର ଅନେକ ଯଶସ୍ୱୀ ପ୍ରତିଭାବାନ୍ ଶିଳ୍ପୀ ଓ କଳାକାରମାନଙ୍କ ଅମ୍ଳାନ ସ୍ମୃତି ସହ ଜଡ଼ିତ ଏହି ଚଳଚ୍ଚିତ୍ରର ମୁକ୍ତିଲାଭ ସେମାନଙ୍କ ଆତ୍ମା ପ୍ରତି ଯଥାର୍ଥ ଶ୍ରଦ୍ଧାଞ୍ଜଳି ହେବ ବୋଲି ଆସୋସିଏସନ୍ ମତବ୍ୟକ୍ତ କରିଛି । ନିକଟରେ ପରଲୋକଗତ ପ୍ରସିଦ୍ଧ ଅଭିନେତା ମିହିର ଦାସଙ୍କ ଅଭିନୀତ 'ମାଟିର ବନ୍ଧନ' ମୁକ୍ତିଲାଭ ନକରିପାରି ଶୀତଳ ଭଣ୍ଡାରରେ ପଡିରହିବା ତାଙ୍କ ଜୀବନର ବଡ଼ ଅବସୋସ ହୋଇ ରହିଯାଇଛି। ଏହି ଚଳଚ୍ଚିତ୍ରଟି ତାଙ୍କ ଦ୍ୱାରା ଅଭିନୀତ ଶ୍ରେଷ୍ଠ ଚଳଚ୍ଚିତ୍ର ଓ ସଫଳତମ କୃତୀ ବୋଲି ସେ ପ୍ରକାଶ କରିଥିଲେ। ଏହାବ୍ୟତୀତ ପ୍ରଖ୍ୟାତ ସାହିତ୍ୟିକ ଓ କବି ଜୟନ୍ତ ମହାପାତ୍ରଙ୍କ କାହାଣୀ ଉପରେ ଆଧାରିତ ଏହି ଚଳଚ୍ଚିତ୍ରକୁ ହିମାଂଶୁ ଖଟୁଆ ନିର୍ଦ୍ଦେଶନା ଦେଇଥିବା ବେଳେ ସାଗିର୍ ଅହମ୍ମଦ ଏହାର ଚିତ୍ରନାଟ୍ୟ ପ୍ରସ୍ତୁତ କରିଥିଲେ । ମିହିର ଦାସଙ୍କ ସମେତ ସୁନାମଧନ୍ୟା କଳାକାର ଅପରାଜିତା, ଅନୁଚୌଧୁରୀ, ହର ରଥ, ହାଡୁ, ଗାର୍ଗି ମହାନ୍ତି, ବିକାଶ ଦାସ, ଜୟ ପ୍ରକାଶ, ସମରେଶ, ପୁଷ୍ପା ପଣ୍ଡା ପ୍ରମୁଖଙ୍କ ନିଖୁଣ ଅଭିନୟ ଏହି କଳାତ୍ମକ ଚଳଚ୍ଚିତ୍ରକୁ ବେଶ୍ ଜୀବନ୍ତ କରି ଗଢି ତୋଳିଥିଲା । ଏଭଳି ଏକ ଉଚ୍ଚକୋଟୀର ଚଳଚ୍ଚିତ୍ର ମୁକ୍ତିର ଆଲୋକ ଦେଖି ନପାରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଏହାର ପ୍ରଯୋଜକ ବା ପ୍ରଯୋଜନା ସଂସ୍ଥା ବିବାଦରେ ଛନ୍ଦି ହୋଇଥିଲେ ମଧ୍ୟ ଏହି ନିଖୁଣ ଉନ୍ନତମାନର ଚଳଚ୍ଚିତ୍ରଟିକୁ ଜନସାଧାରଣଙ୍କ ନିକଟରେ ପହଂଚାଇବା ସରକାର ତଥା ରାଜ୍ୟ ଚଳଚ୍ଚିତ୍ର ଉନ୍ନୟନ ନିଗମର ଏକ ଗୁରୁ ଦାୟିତ୍ୱ। ତେଣୁ ମୁଖ୍ୟମନ୍ତ୍ରୀ ତୁରନ୍ତ ହସ୍ତକ୍ଷେପ କରି ପ୍ରସାଦ ଲ୍ୟାବରେ ପଡ଼ି ରହିଥିବା 'ମାଟିର ବନ୍ଧନ'ର ରିଲ୍‌ଟିକୁ ଉଦ୍ଧାର କରି ଡିଜିଟାଲ୍ ପଦ୍ଧତିରେ ମୁକ୍ତିଲାଭର ବ୍ୟବସ୍ଥା କରିବାକୁ ଆସୋସିଏସନ୍ ବୈଠକରେ ଦାବି କରାଯାଇଛି। ଏହି ବୈଠକରେ ଅନୁଷ୍ଠାନର ସଭାପତି ପ୍ରଦୋଷ ପଟ୍ଟନାୟକ, ସାଂସଦ ଦିଲ୍ଲୀପ ହାଲି, ପ୍ରଯୋଜକ ଲୁଟୁ ମହାନ୍ତି ଓ ଅତିଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

# କରୋନା ସଂକ୍ରମଣ ଉପରମୁହାଁ ଥିବା ସତ୍ତ୍ୱେ ପର୍ଯ୍ୟାୟକ୍ରମରେ ଜମାକାରୀଙ୍କ ଗଣସତ୍ୟାଗ୍ରହ ଚାଲିବ : ଜମାକାରୀ ମିଳିତମଂଚ

ଭୁବନେଶ୍ୱର,୧୬/୧ (ନି.ପ୍ର): ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ଜମାକାରୀଙ୍କୁ ସରକାର ଟଙ୍କା ଫେରସ୍ତ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଜମାକାରୀଙ୍କୁ ଟଙ୍କା ଫେରସ୍ତ ନ ଦେଇ ସରକାର ଜମାକାରୀଙ୍କ ଟଙ୍କା ଖାଇଯାଇଛନ୍ତି। ତହସିଲ୍ ଜରିଆରେ ଯା ସରିଥିବା ଜମାକାରୀଙ୍କୁ ଅବିଳମ୍ବେ ଟଙ୍କା ଫେରସ୍ତ, ବାକି ସମସ୍ତ ଜମାକାରୀଙ୍କୁ ତହସିଲ୍ ଜରିଆରେ ଚିହ୍ନଟ ଓ ଯାଂଚ ସହ ଟଙ୍କା ଫେରସ୍ତ, ସାହାରା ଭଳି ଅନ୍ୟାନ୍ୟ ସଂସ୍ଥା ଯେଉଁମାନେ ଜମା ଟଙ୍କା ନେଉଛନ୍ତି, ମାତ୍ର ପରିପକ୍ୱ ରାଶି ଫେରାଉନାହାଁନ୍ତି, ସେହି ସମସ୍ତ ଜମାକାରୀଙ୍କୁ ପରିପକ୍ୱ ରାଶି ଫେରସ୍ତ ପର୍ଯ୍ୟନ୍ତ ଆଉ ଜମାରାଶି ଆଦାୟ ବନ୍ଦ ରଖିବା ଦାବିରେ ୧୭ ଜାନୁଆରୀରୁ ଜିଲ୍ଲା ସ୍ତରରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜମାକାରୀ ସତ୍ୟାଗ୍ରହ ସତ୍ୟାଗ୍ରହ ଚାଲିବ । ଇତିମଧ୍ୟରେ ମହାମାରୀ କରୋନା ଓ ଏହାର ତୃତୀୟ ରୂପ ଓମିକ୍ରନ ସଂକ୍ରମଣ ଉପରମୁହାଁ ହୋଇଥିବା ସତ୍ତ୍ୱେ ଜାନୁଆରୀ ୧୭ ତାରିଖ ଦିନ ୧୧ଟା ୩୦ମିନିଟ୍‌ରୁ ପ୍ରତ୍ୟେକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମ ର ବ୍ୟାନର, ପ୍ଲାକାର୍ଡ ଓ ସ୍ଲୋଗାନ୍ ସହ ଭର୍ଚୁଆଲ୍ ମୋଡ୍‌ରେ କୋଭିଡ୍ ସତର୍କତା ସହ ସତ୍ୟାଗ୍ରହ ଚାଲୁ ରହିବ ବୋଲି ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତଙ୍କ ମିଳିତମ ପକ୍ଷରୁ ପ୍ରେସ୍ ଇସ୍ତାହାରରେ ପ୍ରକାଶ କରାଯାଇଅଛି। ସଂକ୍ରମଣ ତଳମୁହାଁ ହେଲେ ସମୂହ ଜମାକାରୀ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜମାକାରୀ ସତ୍ୟାଗ୍ରହରେ ଟଙ୍କା ଫେରସ୍ତ ପର୍ଯ୍ୟନ୍ତ ବସି ରହିବେ । ସୂଚନାଯୋଗ୍ୟ ଯେ, ସରକାରୀ ପ୍ରୋତ୍ସାହନ ଅସାଧୁ ସଂସ୍ଥାମାନେ ବିଭିନ୍ନ ଲୋଭନୀୟ ସ୍କିମ୍ ଦେଖାଇ ଅଧିକ ଲାଭ ଓ ଲୋଭର ପ୍ରଲୋଭନ ଦେଖାଇ ଜମା ଟଙ୍କା ନେଇ ଉଭାନ୍ ହୋଇଗଲେ। ଜମାକାରୀ ମିଳିତମ ନେତୃତ୍ୱରେ ବିଭିନ୍ନ ପର୍ଯ୍ୟାୟରେ ଜମାକାରୀ ଆନ୍ଦୋଳନ ହେବାରୁ ସରକାର ବିଭିନ୍ନ ପ୍ରକାର ତଦନ୍ତ ଘୋଷଣା କଲେ, ତିନି ଶହ କୋଟି ଟଙ୍କାର କର୍ପସ୍ ଫଣ୍ଡ ଘୋଷଣା କରି ଟଙ୍କା ଫେରସ୍ତର ପ୍ରତିଶ୍ରୁତି ଦେଲେ। ଜମାକାରୀମାନେ ନିଜ ଜମାରାଶି ପ୍ରମାଣ ସହ ଟଙ୍କା ଦାବି କରିବା ପାଇଁ ତଦନ୍ତ କମିଶନ ସତ୍ୟପାଠ ଆହ୍ୱାନ କଲେ । କ୍ଷତିଗ୍ରସ୍ତ ଜମାକାରୀ ଖର୍ଚ୍ଚାନ୍ତ ହୋଇ କୋର୍ଟ୍ ଫିସ୍ ଦେଇ ସତ୍ୟପାଠ ପଠାଇଲେ। ତଦନ୍ତ କମିଶନ ୭ଟି ପର୍ଯ୍ୟାୟରେ ଆପାତତଃ ୪ଲକ୍ଷ ୯୭ ହଜାର କ୍ଷୁଦ୍ର ଜମାକାରୀଙ୍କୁ ଟଙ୍କା ଫେରସ୍ତ ପାଇଁ ସୁପାରିଶ କରିଥିଲେ ଓ ସେଥିମଧ୍ୟରୁ ସ୍ୱଳ୍ପ କେତେକଙ୍କୁ ସରକାର ୨୦୧୯ ନିର୍ବାଚନ ପୂର୍ବରୁ ଟଙ୍କା ଫେରସ୍ତ କରି ବାକି ଜମାକାରୀଙ୍କୁ ଟଙ୍କା ଫେରାଉ ନାହାନ୍ତି । ୨୦୧୩ ମସିହାରେ ଦାଖଲ ହୋଇଥିବା ବାକି ସତ୍ୟପାଠ ଓ ୨୦୧୮-୧୯ରେ ନେଇଥିବା ଲକ୍ଷଲକ୍ଷ ଜମାକାରୀଙ୍କ ସତ୍ୟପାଠର ଲଫାପା ଖୋଲିବା ପୂର୍ବରୁ ସରକାର ତଦନ୍ତ କମିଶନ ବନ୍ଦ କରିଦେଲେ । ସରକାର ତାଙ୍କ ତହବିଲ୍‌ରୁ ଟଙ୍କା ଦେଉନାହାଁନ୍ତି, ଜମାକାରୀଙ୍କ ଟଙ୍କାରୁ କମ୍ପାନୀମାନେ କରିଥିବା ବ୍ୟାଙ୍କ ଆକାଉ ଜବଦ୍‌ରୁ ଶହଶହ କୋଟି ଟଙ୍କା ସରକାର ରଖିଛନ୍ତି ।

# ଓସେପାର ଅତିରିକ୍ତ ନିର୍ଦ୍ଦେଶକଙ୍କ ପରଲୋକ

ଭୁବନେଶ୍ୱର,୧୬/୧ (ନି.ପ୍ର): ଓସେପାର ଅତିରିକ୍ତ ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ମିଶ୍ରଙ୍କର ହୃଦଘାତ ସମସ୍ୟା ଜନିତ ଚିକତ୍ସା ଅବସ୍ଥାରେ ଏକ ଘରୋଇ ହସ୍ପିଟାଲରେ ଗତ ୧୩ ତାରିଖରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ମାତ୍ର ୫୯ ବର୍ଷ ହୋଇଥିଲା। ସ୍ୱର୍ଗତଃ ମିଶ୍ର ୧୯୯୦ ମସିହା ଠାରୁ ଓଡିଶା ଶିକ୍ଷା ସେବା (୨) ଅଧିକାରୀ ଭାବରେ କାର୍ଯ୍ୟକରି ଜିଲ୍ଲା ସ୍ତରରେ ପ୍ରଧାନ ଶିକ୍ଷକ, ଜିଲ୍ଲା ଶିକ୍ଷା ଅଧିକାରୀ , ଉପନିର୍ଦ୍ଦେଶକ ଭାବେ କାର୍ଯ୍ୟ କରି ସମସ୍ତଙ୍କର ଶ୍ରଦ୍ଧାଭାଜନ ହୋଇଥିଲେ। ସମ୍ପ୍ରତି ସେ ଓସେପାର ଅତିରିକ୍ତ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଥିଲେ । ତାଙ୍କର ଅକାଳ ବିୟୋଗ ସମସ୍ତଙ୍କୁ ମର୍ମାହତ କରିଛି । ତାଙ୍କର ପରଲୋକ ଶିକ୍ଷା ବିଭାଗରେ ଏକ ଅପୂରଣୀୟ କ୍ଷତି ହୋଇରହିବ। ଓସେପା ପରିବାରର ସମସ୍ତ ସଦସ୍ୟ ମାନଙ୍କ ତରଫରୁ ଏକ ସ୍ମୃତି ସଭା ଆୟୋଜିତ ହୋଇ ସ୍ୱର୍ଗତଃ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରଯାଇଥିଲା ଓ ତାଙ୍କର ପରିବାରକୁ ସମବେଦନା ଜଣାଇଯାଇଛି।

## ଫ୍ୟାଟଲକ୍ସ ପ୍ରିମିୟର ଲିଗମ୍ୟାଚ : ୬ଷ୍ଠ ଦିବରେ ୟୁନାଇଟେଡ ମହାବୀର ବିଜୟୀ

ନୀଳଗିରି, ୧୬/୦୧ (ନି.ପ୍ର): ନୀଳଗିରିର ଅଗ୍ରଣୀ ବହୁ ପୁରାତନ ଫ୍ୟାଟଲକ୍ସ କ୍ଲବ ପକ୍ଷରୁ ଫ୍ୟାଟ ଲକ୍ସ କ୍ରିକେଟ ପ୍ରିମିୟମ ଲିଗ୍ ୨ୟ ବର୍ଷ ମ୍ୟାଚର ଆଜି ୬ଷ୍ଠ ଦିନରେ ୨ୟ ବାର୍ଷିକ କ୍ରିକେଟ ମ୍ୟାଚରେ ୬ଷ୍ଠ ଦିବସରେ ୟୁନାଇଟେଡ ମହାବୀର ଦଳ ସହଜ ବିଜୟ ଲାଭ କରିଛି। ଟସ ଜିଣି ତାରିଣୀ କେ.ଆର.ଫାଇଟରସ ପ୍ରଥମେ ବ୍ୟାଟିଂ ନିଷ୍ପତି ନେଇ ନିର୍ଦ୍ଧାରିତ ୧୨ ଓଭରରେ ସାତଗୋଟି ୱିକେଟ ହରାଇ ୧୧୪ ରନ ସଂଗ୍ରହ କରିଥିଲା। ୨ୟ ରାଉଣ୍ଡ ଖେଳରେ ୟୁନାଇଟେଡ ମହାବୀର ଆକ୍ରମଣାତ୍ମକ ଖେଳି ମାତ୍ର ୮.୩ ଓଭରରେ ୨ୱିକେଟରେ ସହଜରେ ବିଜୟ ହାସଲ କରିଥିଲା। ଦଳର ସୁମନ ଦାସଙ୍କ ବିସ୍ଫୋରକ ୩୦ବଲରେ ୬୭ରନ ସଂଗ୍ରହ ଯୋଗୁଁ ତାଙ୍କୁ ମ୍ୟାନ ଅଫ ଦା ମ୍ୟାଚ ଘୋଷଣା କରାଯାଇଛି । ସ୍କୋର ବୋର୍ଡ ରେ ପ୍ରଦୀପ ଜେନା ଓ ମଂଟୁ ବେହେରା ସହଯୋଗ କରିଥିବା ବେଳେ ଖେଳକୁ କୁମାର ରାୟ ଓ ଜଗନ୍ନାଥ ଦାସ ପରିଚାଳନା କରିଥିଲେ । ଟୁର୍ଣ୍ଣାମେଂଟ ର କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିବା ବେଳେ ବିଜୟୀ ଦଳକୁ କ୍ଲବର ସଭାପତି ଉଦୟଜ୍ୟୋତି ମହାନ୍ତି, ସଂପାଦକ ସବ୍ୟସାଚୀ ମହାପାତ୍ର ପୁରସ୍କୃତ କରିଥିଲେ ।

## କରୋନାରୁ ସୁସ୍ଥ ହେଲେ ୪୪୫୨ ଜଣ

ଭୁବନେଶ୍ୱର, ୧୬/୦୧ (ନି.ପ୍ର): ରାଜ୍ୟରେ ଆଜି ୪୪୫୨ ଜଣ ଆକ୍ରାନ୍ତ କରୋନା ସଂକ୍ରମଣରୁ ସୁସ୍ଥ ହୋଇଛନ୍ତି। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୬୦ ହଜାର ୦୫୭ ରେ ପହଂଚିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୦୦୩ ଜଣ ଓ ସୁନ୍ଦରଗଡ଼ ଜିଲ୍ଲାରୁ ୮୬୮ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି। ସମ୍ବଲପୁରରୁ ୬୪୪, କଟକରୁ ୩୮୬, ଝାରସୁଗୁଡ଼ାରୁ ୩୨୬, ମୟୂରଭଂଜରୁ ୧୬୨, ବାଲେଶ୍ୱର ଜିଲ୍ଲାରୁ ୧୦୦, କେନ୍ଦୁଝର ଜିଲ୍ଲାରୁ ୯୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ପୁରୀ ଜିଲ୍ଲାରୁ ୯୯, ଯାଜପୁର ଜିଲ୍ଲାରୁ ୭୮ ଓ ନବରଙ୍ଗପୁର ଜିଲ୍ଲାରୁ ୭୩ ଜଣ ସଂକ୍ରମିତ ସୁସ୍ଥ ହୋଇଛନ୍ତି ।

# ୫ ମୋବାଇଲ ଲୁଟେରା ଗିରଫ : ୨୪ଟି ମୋବାଇଲ ଜବତ

ପୁରୀ,୧୬/୦୧ (ନି.ପ୍ର): ପୁରୀ ସହରର ବିଭିନ୍ନ ସ୍ଥାନରୁ ମୋବାଇଲ ଲୁଟ କରି ଅତି ଚତୁରତାର ସହ ଖସି ଯାଉଥିବା ମୋବାଇଲ ଲୁଟେରା ଗ୍ୟାଙ୍ଗକୁ ଆଜି ପୋଲିସ ଟିମ୍ ବିଭିନ୍ନ ସ୍ଥାନରୁ ୫ଜଣ ଲୁଟେରାଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ୨୪ଟି ମୋବାଇଲ ପୋଲିସ ଜବତ କରିଛି। ଏ ସଂପର୍କରେ କୁମ୍ଭାରପଡ଼ା ଥାନାରେ ଚଳିତମାସ ୨ଟି ମାମଲା ରୁଜୁ ହୋଇଥିଲା । କୁମ୍ଭାରପଡ଼ା ଥାନା ପୋଲିସ ଓ ସ୍ୱତନ୍ତ୍ର ପୋଲିସ ଟିମ୍ ବହୁ ଖୋଜାଖୋଜି ପରେ ଏହି କୁଖ୍ୟାତ ଲୁଟେରା ଗ୍ୟାଙ୍ଗକୁ ଧରିବାକୁ ସକ୍ଷମ ହୋଇଛନ୍ତି । ଦତତୋଟା ଗୋପବନ୍ଧୁ ଲେନର ସଚ୍ଚିକାନ୍ତ ମିଶ୍ରଙ୍କ ପୁଅର ମୋବାଇଲ ଲୁଟ ସଂପର୍କରେ କୁମ୍ଭାରପଡ଼ା ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୁକ୍ତ ଗୁଡ୍ଡୁ ଓରଫ ରୋଶନ ଦଳାଇ (୨୨), ମିଳନ ଓରଫ ଆରିୟାନ ପଲେଇ (୨୦), ମହାବୀର ବେହେରା (୨୦)କୁ ପୋଲିସ ଗିରଫ କରିଛି । ସେମାନଙ୍କ ଠାରୁ ୧୮ଟି ମୋବାଇଲ , ଗୋଟିଏ ସ୍କୁଟି ଜବତ କରାଯାଇଛି । ସଚ୍ଚିକାନ୍ତଙ୍କ ପୁଅ ଅଙ୍କିତ ମିଶ୍ର ଝାଡ଼େଶ୍ୱରୀ କ୍ଲବ ନିକଟରେ ୧୧ ତାରିଖ ଦିନ ଠିଆ ହୋଇଥିବା ବେଳେ ତାଙ୍କ ଠାରୁ ମୋବାଇଲଟି ଛିନତାଇ ହୋଇଥିଲା । ପୋଲିସ ତଦନ୍ତ କରିବା ସମୟରେ ମହାବୀର ବେହେରା ଠାରୁ ଗୋଟିଏ ମୋବାଇଲ ଜବତ କରି ୧୮ଟି ମୋବାଇଲର ସନ୍ଧନ ପାଇଥିଲେ । ସେହିପରି ମାର୍କେଟ ଛକ ପୋଖରିଆର ଅଜୟ ରଣସିଂହଙ୍କ ମୋବାଇଲ ଏସସିଏସ କଲେଜ ଛକରୁ ଲୁଟେରା ଛଡ଼ାଇ ନେଇଥିଲେ । ଏ ସଂପର୍କରେ କୁମ୍ଭାରପଡ଼ା ପୋଲିସ ତଦନ୍ତ କରି ଦାମୋଦର ତ୍ରିପାଠୀ , ଶୁଭମ ସାହୁଙ୍କୁ ଗରିଫ କରି ସେମାନଙ୍କ ଠାରୁ ୭ଟି ମୋବାଇଲ ପୋଲିସ ଜବତ କରିଛି । ଉଭୟ ମାମଲାରେ ମୋଟ ୫ ଜଣଙ୍କୁ ପୋଲିସ ଗରିଫ କରି କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ ସମୁଦ୍ରକୂଳ ଅଞ୍ଚଳରେ ପର୍ଯ୍ୟଟକମାନଙ୍କ ଠାରୁ ଅନେକ ସମୟରେ ମୋବାଇଲ ଲୁଟ ହେଉଥିଲେ ମଧ୍ୟ ପ୍ରାୟ ପର୍ଯ୍ୟଟକ ଥାନାରେ ଅଭିଯୋଗ କରୁନଥିବାରୁ ପୋଲିସ ପକ୍ଷରୁ ଅଧିକ ଅନୁସନ୍ଧାନ କରାଯାଇପାରୁନାହିଁ । ସହରରେ ମାତିଥିବା ମୋବାଇଲ ଲୁଟେରାଙ୍କୁ ସାବାଡ଼ କରିବା ପାଇଁ ଏସପି କେ, ବିଶାଳ ସିଂହଙ୍କ ନିର୍ଦ୍ଦେଶ କ୍ରମେ ସହରର ବିଭିନ୍ନ ଥାନାର ଆଇଆଇସିମାନେ ସଜାଗ ରହିଛନ୍ତି । ଆଜି ଏ ସଂପର୍କରେ କୁମ୍ଭାରପଡ଼ା ଥାନାରେ ପ୍ରେସମିଟ୍ କରାଯାଇଥିଲା ।

# ଆଦିବାସୀ ସଂପ୍ରଦାୟର ମକର ଉପଲକ୍ଷେ ଟୁସୁ ପର୍ବ ପାଳିତ

ନୀଳଗିରି, ୧୬/୦୧ (ନି.ପ୍ର): ନୀଳଗିରି ବ୍ଲକ ସିଆଡ଼ିମାଳ ଗ୍ରାମପଂଚାୟତର ବାବନ୍ଧ ଗ୍ରାମରେ ମାଦିଆ ସଂପ୍ରଦାୟର ଲୋକମାନେ ପରମ୍ପରା ଅନୁଯାଇ ଟୁସୁପର୍ବକୁ ମହାଆଡ଼ମ୍ବରରେ ପାଳିନ କରିଛନ୍ତି । ଏହି ପର୍ବରେ ଅବିବାହିତ ଝିଅମାନେ ଟୁସୁ ଠାକୁରାଣୀକୁ ବିଭିନ୍ନ ବେଶରେ ସଜ୍ଜିତ କରି ପୂଜାଅର୍ଚ୍ଚନା କରିଥାଆନ୍ତି । ଦୈନନ୍ଦିନ ଜୀବନର ଆଚାର ବ୍ୟବହାରକୁ ଗୀତ ମାଧ୍ୟମରେ ଗାଇଗାଇ ପ୍ରତ୍ୟେକ ଘରକୁ ଘର ବୁଲାଇ ଟୁସୁ ଠାକୁରାଣିକୁ ପୂଜାଅର୍ଚ୍ଚନା କରିଥାଆନ୍ତି । ଟୁସୁ ଦେବୀଙ୍କୁ ଘରକୁ ଘର ବୁଲାଇବାର ବିଧିଥିଲେ ମଧ୍ୟ ୪/୫ ଦିନ ଆଗରୁ କୁଆଁରୀ ଝିଅମାନେ ଏକତ୍ରିତ ହୋଇ ପୂଜାଅର୍ଚ୍ଚନା କରିବାର ବିଧି ଓ ଗୀତ ଗାଇବାର ଅଭ୍ୟାସ କରିଥାଆନ୍ତି । ଉକ୍ତ ପର୍ବ ମକରଦିନପାଳନ କରିଥାଆନ୍ତି । ପ୍ରତ୍ୟେକ ଘରେ ଦେବୀଙ୍କୁ ବନ୍ଧାପନା କରିବା ସହ ଦାନ କରିଥାଆନ୍ତି । ଶେଷରେ କୁଆଁରୀ ଝିଅମାନେ ଟୁସୁ ଦେବୀଙ୍କ ବାପା ମା ହୋଇ ବିଦାୟ ଜଣାଇଥାଆନ୍ତି ।

# ଜାନୁୟାରୀ ୧୭ରୁ ଖୋଲିବ ବାଙ୍କିଶୋଳ କୋଭିଡ ହସପିଟାଲ

## ସରକାରୀ କୋଭିଡ ହସପିଟାଲ ପ୍ରସ୍ତୁତିରେ ବିଳମ୍ବ




ବାରିପଦା, ୧୬/୦୧ (ନି.ପ୍ର): ମୟୁରଭଞ୍ଜ ଜିଲା ପିଆରଏମ ମେଡିକାଲ କଲେଜ ଓ ହସପିଟାଲ ପରିସରରେ କୋଭିଡ ଚିକିତ୍ସା ପାଇଁ ପ୍ରସ୍ତୁତ ହୋଇଥିବା ନୂତନ କୋଠା କାର୍ଯ୍ୟକ୍ଷମ ହେବାରେ ବିଳମ୍ବ ହୋଇଛି । ଆବଶ୍ୟକୀୟ ଭିତିଭୂମି ଓ କର୍ମଚାରୀ ଅଭାବରୁ ଅଭାବରୁ ୧୮୦ ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର କୋଭିଡ୍ ୱାର୍ଡ, ୨୦ଶଯ୍ୟା ବିଶିଷ୍ଟ ଆଇସିୟୁ ଓ ୧୦ଶଯ୍ୟା ବିଶିଷ୍ଟ ଏଡିୟୁ ଜିଲ୍ଲା ପ୍ରସାଶନ ପକ୍ଷରୁ ସମୟ ମୁତାବକ ପ୍ରସ୍ତୁତ କରାଯାଇ ପାରି ନଥିବାରୁ ଶେଷରେ ପୂର୍ବଥର ଭଳି ଏକ ଘରୋଇ ହସ୍ପିଟାଲ ହାତକୁ ଟେକି ଦିଆଯାଇଛି କରୋନା ସଂକ୍ରମିତଙ୍କ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା । ବାରିପଦା ଉପକଣ୍ଠ ବାଙ୍କିଶୋଳସ୍ଥିତ ଉକ୍ତ ଘରୋଇ ହସ୍ପିଟାଲକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ଜିଲ୍ଲାପ୍ରଶାସନ ପକ୍ଷରୁ ଏମ୍ଓୟୁ ସ୍ୱାକ୍ଷର କରାଯାଇଛି । ଆସନ୍ତା ୧୭ରୁ ସେହି କୋଭିଡହସ୍ପିଟାଲ ଖୋଲିବ ବୋଲି ସୂଚନା ମିଳିଛି । ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦୃତ ଗତିରେ ବୃଦ୍ଧି ପାଉଛି । ସଂକ୍ରମିତଙ୍କ ଚିକିତ୍ସା ନିମନ୍ତେ ମେଡିକାଲ ପରିସରରେ ନିର୍ମାଣ ହୋଇଥିବା କୋଠାକୁ ୭ ଦିନ ମଧ୍ୟରେ କାର୍ଯ୍ୟକ୍ଷମ କରିବା ପାଇଁ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ଆବଶ୍ୟକ କର୍ମଚାରୀ ଓ ଯନ୍ତ୍ରପାତି ଅଭାବରୁ ଉକ୍ତ ଡାକ୍ତରଖାନା ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇପାରିନାହିଁ ।

# ଯାତ୍ରା କମିଟିକୁ ଅନୁକମ୍ପାଦେଇ କରୋନା ସଂକ୍ରମଣକୁ ଫୁ

ଜଳେଶ୍ୱର ୧୬/୧(ନିପ୍ର): ସମଗ୍ର ବିଶ୍ୱ କରୋନା ସଂକ୍ରମଣାରୁ ରକ୍ଷାପାଇବା ଲାଗି ଲଢେଇ ଯାରି ରଖିଥିବା ବେଳେ ଏହାର ନିରାକରଣ ଲାଗି ଏ ପର୍ଯ୍ୟନ୍ତ ଔଷଧ ବାହାରିପାରିନାହିଁ । ଅଦ୍ୟାବଧି ଏଥିରେ ସମଗ୍ର ବିଶ୍ୱରେ ୫୫ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିବା ବେଳେ ଏହାର ନିରାକରଣଲାଗି ସାମାଜିକ ଦୂରତା ଏକମାତ୍ର ବିକଳ୍ପ ହୋଇଛି । ଏଥିଲାଗି ରାଜ୍ୟ ସରକାର ସ୍କୁଲ କଲେଜ, ଧାର୍ମିକ ଅନୁଷ୍ଠାନ ବନ୍ଦ ରଖିଛନ୍ତି । କରୋନାର ୩ୟ ଲହର ଅମିକ୍ରନ ରାଜ୍ୟରେ ଉପରମୁହାଁ ହୋଇଥିବାରୁ ବିଭିନ୍ନ ସଭା, ସମିତି, ପର୍ବପର୍ବାଣୀ, ବିଭାଘର, ମୃତାହକର୍ମ, ପିକ୍‌ନିକ୍ ଇତ୍ୟାଦିକୁ ସୀମିତ କରାଯାଇଛି । ହେଲେ ଯାତ୍ରାକମିଟିକୁ ୧୦୦୦ଲୋକଙ୍କ ଏକତ୍ରିତ ଗୋଟିଏ ତମ୍ବୁତଳେ ବସିବା ଦେଖିବାଲାଗି ଆଦେଶ ଦେବା କରୋନା ସଂକ୍ରମଣକୁ ଫୁ କରିଛି । ଏପରିକି ବାଲେଶ୍ୱର ଜିଲାର ଜଳେଶ୍ୱର ସ୍ଥିତ ଖୁଲୁଡା ପଂଚାୟତର ଖଲୁଡାଠାରେ କାଳିମାତା ଯାତ୍ରା କମିଟି ସହାୟତାରେ ଆଜିଠାରୁ ୩ ଦିନ ଲାଗି ରାଜ୍ୟର ଏକ ନାମିଦାମି ଯାତ୍ରାପାର୍ଟି ପରିବେଷଣକୁ ଅନୁମତି ଦିଆଯାଇଛି । ଗ୍ରାମାଂଚଳରେ ଏପରି ଯାତ୍ରା ଅନୁଷ୍ଠାନ ୨ବର୍ଷ ଧରି ବନ୍ଦ ରହିଥିବାରୁ ସେଠାରେ ପ୍ରବଳ ଭିଡ ହେଖିବାକୁ ମିଳୁଛି । ଏକ ହଜାର ଦର୍ଶକ ପରିବର୍ତ୍ତେ ଏହାର ୨ଗୁଣ ଦର୍ଶକ ଏକତ୍ରିତଭାବେ ବସି କୌଣସି କୋଭିଡ ଆଇନ୍‌କୁ ନ ମାନି ଯାତ୍ରା ଦେଖୁଥିବାରୁ ଏଥିରେ ଗୋଷ୍ଠି ସଂକ୍ରମଣକୁ ଏଡାଇ ଦିଆ ଯାଇ ପାରିବ ନାହିଁ । ଅନ୍ୟପକ୍ଷରେ ଏହି ଅଂଚଳରେ ଚଳିତବର୍ଷ ଚାଷର ବ୍ୟାପକ କ୍ଷତି ଘଟିଥିଲେ ମଧ୍ୟ ଯାତ୍ରପାର୍ଟି ପରିବେଷଣ ଲାଗି ପ୍ରଶାସନ କିପରି ଅନୁମତି ଦେଉଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ପିଚୁ ରାସ୍ତାରେ ପଙ୍କ : ସମସ୍ୟାରେ ଯାତାୟତ କରୁଛନ୍ତି ଲୋକେ



ବାରିପଦା, ୧୬/୦୧ (ନି.ପ୍ର): ଦୀର୍ଘ ବର୍ଷର ଦାବୀ ପରେ ବାରିପଦା ସହରରେ ଚାଲିଛି ପୋଖରୀ ପୁନରୁଦ୍ଧାର କାର୍ଯ୍ୟ । ହେଲେ ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ସମ୍ପାଦନ ପାଇଁ ବାରିପଦା ମୁଖ୍ୟ ରାସ୍ତାର ଅବସ୍ଥା ଏପରି ଯେ ଏହା ପିଚୁ ରାସ୍ତା ନା ମାଟି ରାସ୍ତା ତାହା ଜଣା ପଡୁନାହିଁ । ବାରିପଦା ସହରର ଏକ ମୁଖ୍ୟ ରାସ୍ତା ବେଲଗଡିଆ ଅମ୍ବିକା ମନ୍ଦିର ରାସ୍ତାର ଅବସ୍ଥା ଏପରି ଶୋଚନୀୟ ହୋଇଥିବାର ଜଣା ଯାଇଛି । ସୂଚନା ଅନୁଯାୟୀ ବାରିପଦା ସହରର ବଡ଼ ପୋଖରୀ, ଚାପଲ ପୋଖରୀ ଏବଂ ଘୋଡାଶାଳ ବନ୍ଧର ପୌରପାଳିକା ଦ୍ୱାରା ପୁନରୁଦ୍ଧାର କାର୍ଯ୍ୟ ଚାଲିଛି । ଯେଉଁଥିରେ ପୋଖରୀ ମାନଙ୍କରୁ ପାଣି ଶୁଖା ଯାଇ ପଙ୍କୋଦ୍ଧାର ସହ ଆଧୁନିକରଣ କରି ସୌନ୍ଦର୍ଯ୍ୟ ଭରା ପାର୍କ ନିର୍ମାଣ କରାଯିବା କାର୍ଯ୍ୟ ଜାରି ରହିଛି । କିନ୍ତୁ ପୋଖରୀରୁ ପଙ୍କ ଏବଂ କାଦୁଅ ଟ୍ରାକ୍ଟର ଏବଂ ଟ୍ରକରେ ଉଠାଇ ନିଆଯାଇ ଅନ୍ୟ ଏକ ଜାଗାରେ ପକା ଯାଉଛି । ହେଲେ ଗାଡ଼ିରେ ନିଆଯାଉଥିବା ପଙ୍କ କାଦୁଅ ରାସ୍ତାଯାକ ବିଛାଡି ହୋଇ ପଡୁଥିବାରୁ ରାସ୍ତା ଉପରେ କାଦୁଅ ପଚ ପଚ ହୋଇ ରହୁଛି । ଯାହା ଫଳରେ ଏ ରାସ୍ତାଦେଇ ଯାଉଥିବା ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କେବଳ ସେତିକି ନୁହେଁ ବିଭିନ୍ନ ସମୟରେ ଦୁର୍ଘଟଣା ମଧ୍ୟ ଦେଖିବାକୁ ମିଳୁଛି । ସ୍ଥାନୀୟ ଲୋକଙ୍କ ଦ୍ୱାରା ଜିଲ୍ଲା ପ୍ରଶାସନ ପାଖରେ ଯେତେ ଅଭିଯୋଗ କଲେ ମଧ୍ୟ କାଦୁଅ ସଫେଇ ନିମନ୍ତେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କାରାଯାଉନାହିଁ । ତେବେ ଏ ଘଟଣା ଗଣମାଧ୍ୟମ ସାମ୍ନାକୁ ଆସିବା ପରେ ପ୍ରତିକ୍ରିୟା ପାଇଁ ବାରିପଦା ପୌରପାଳିକା ନିର୍ବାହୀ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଯୋଗାଯୋଗ ନହେବାରୁ ପ୍ରତିକ୍ରିୟା ମିଳି ପାରିନଥିବା ବେଳେ, ପୂର୍ତ୍ତ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ରାସ୍ତା କାଦୁଅ ବା ଅପରିଷ୍କାର ଦେଖିବା ପୂର୍ତ୍ତ ବିଭାଗ ର କାମନୁହେଁ ବୋଲି କହି ଛନ୍ତି । ତେବେ ବାରିପଦା ପୌରପାଳିକା ପକ୍ଷରୁ ଏହି ସମସ୍ୟାର ସମାଧାନ ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାନିମନ୍ତେ ସ୍ଥାନୀୟ ଜନସାଧାରଣ ଦାବୀ କରିଛନ୍ତି ।

## ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟ ରେ ୧୫୨ ଜଣ ବୁଷ୍ଟର ଡୋଜ ନେଇଛନ୍ତି

ଖୋର୍ଦ୍ଧା, ୧୬/୦୧ (ନି.ପ୍ର): ୧୦ ତାରିଖ ସୋମବାର ଦିନ ୧୫୨ ଜଣ କୋଭିଡ ଯୋଦ୍ଧା ଓ ୬୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ମିଶି ବୁଷ୍ଟରଡୋଜ ଟିକା ନେଇଛନ୍ତି। ବିଶେଷତଃ ଆମର ପ୍ରିୟ ଦକ୍ଷ ଡ଼ା. ରଘୁନାଥ ନାୟକ ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀଙ୍କ ତତ୍ତ୍ୱାବଧାନରେ ଏବେ ଖୋର୍ଦ୍ଧା ଜିଲ୍ଲାରେ ୧୦ ଟି ବ୍ଲକରେ ସୁରୁଖୁରରେ ଟିକା କାମ ଚାଲିଛି ଓ ଚାଲିବ। ସେ ଜଣେ ସ୍ୱାସ୍ଥ୍ୟ ଅଧିକାରୀ । ଆଶା ଖୋର୍ଦ୍ଧା ବାସୀ ଓମିକ୍ରମ ପାଇଁ ବହୁ ସତର୍କତା ଅଛନ୍ତି ଓ ଖୋର୍ଦ୍ଧା ପୋଲିସ କର୍ତ୍ତବ୍ୟ ପାଳନ ଠିକ ରୂପେ କରୁଛନ୍ତି।

## ଦକ୍ଷ କଳାକାର ଓ ପରୋପକାରୀ ବ୍ୟକ୍ତିଙ୍କ ପରଲୋକ

ଜଳେଶ୍ୱର, ୧୬/୧(ନିପ୍ର): ନାଚିନ୍ଦା ଗାଁର ଶ୍ରୀଧର ପାତ୍ର ଜଣେ କର୍ତ୍ତବ୍ୟ ପରାୟଣ, ପରୋପକାରୀ ଓ ଯାତ୍ରା କଳାକାର ଭାବେ ପରିଚିତ । ଗତ ୫ ଦିନ ତଳେ ୭୩ ବର୍ଷ ବୟସରେ ସେ ନିଜ ଘରେ ଥିବା ବେଳେ ମୃତ୍ୟୁବରଣ କରିଛନ୍ତି । ମୃତ୍ୟୁବେଳେ ତାଙ୍କ ପୁଅ, ଦୁଇ ଝିଅ, ସ୍ତ୍ରୀ ଉପସ୍ଥିତ ଥିଲେ । ଗତ କିଛିଦିନ ଧରି ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ଯୋଗୁଁ ଜଳେଶ୍ୱରର ଜଣେ ଘରୋଇ ଡାକ୍ତରଙ୍କ ଠାରେ ଚିକିତ୍ସିତ ହେଉଥିଲେ । ଗାଁ ଶ୍ମଶାନରେ ଏକମାତ୍ର ପୁତ୍ର ଚନ୍ଦନ ପାତ୍ର ମୁଖାଗ୍ନି ଦେଇଥିବା ବେଳେ ଶେଷ ଦର୍ଶନ ପାଇଁ ଗାଁର ବହୁ ଲୋକ ଆସିଥିଲେ ।

## ମହିଳା ପ୍ରାର୍ଥିନୀଙ୍କ କାର୍ଯ୍ୟକଳାପ ଦେଖି ଲଜ୍ୟା ଲାଗୁଛି : ଦିପ୍ତିମୟୀ ମିଶ୍ର



ଉଦଳା, ୧୬/୦୧ (ନି.ପ୍ର): ଆଗକୁ ଆସୁଛି ପଞ୍ଚାୟତ ନିର୍ବାଚନ ଉକ୍ତ ନିର୍ବାଚନରେ ମହିଳା ମାନଙ୍କ ପ୍ରତି ଅନେକ ଗୁଡ଼ିଏ ଆସନ ସଂରକ୍ଷିତ ଥିବାରୁ ଖୁସି ଲାଗୁଛି । କିନ୍ତୁ ବିଗତ ଦିନରେ ମହିଳା ମାନଙ୍କର କାର୍ଯ୍ୟକଳାପ ଦେଖି ଲଜ୍ୟା ଲାଗୁଛି ବୋଲି ସାମ୍ବାଦିକା ଦିପ୍ତିମୟୀ ମିଶ୍ର କହିଛନ୍ତି । ସେ କହିଛନ୍ତି ମୁଁ ଓଡ଼ିଶାର ଅନ୍ୟ ଅଞ୍ଚଳ କଥା କହୁନାହିଁ, ମୋର ବାସସ୍ଥାନ ଆମଜିଲ୍ଲା ମୟୂରଭଞ୍ଜର କଥା କହୁଛି । ମୟୂରୟଭଞ୍ଜରେ ନିର୍ବାଚିତ ହେଉଥିବା ଶତକଡ଼ା ୯୫ ଭାଗ ମହିଳା ସରପଂଚଙ୍କ ଆସନରେ ତାଙ୍କର ସ୍ୱାମୀ ମାନେ ବସନ୍ତି । ସବୁ କଥା ତାଙ୍କର ସ୍ୱାମୀ ମାନେ ବୁଝାବୁଝୀ କରନ୍ତି । ନିର୍ବାଚିତ ହୋଇଥିବା ମହିଳା ସରପଂଚଙ୍କର ଆଉ ଦେଖା ଦର୍ଶନ ମିଳେ ନାହିଁ। ଏହା ଆମ ମହିଳା ଜାତିପ୍ରତି ଏକ ଅପମାନ ବୋଲି କହିବା ସହିତ ଆଗାମୀ ନିର୍ବାଚନରେ ଯେଉଁ ମହିଳା ମାନଙ୍କର ଦାୟିତ୍ୱ ସମ୍ଭାଳିବାର ଦକ୍ଷତା ନାହିଁ ସେମାନେ ନିଜେ ତାଙ୍କ ଆଡ଼ୁ ନିର୍ବାଚନରେ ପ୍ରତିଦ୍ୱନ୍ଦିତା ନକରନ୍ତୁ ବୋଲି ଶ୍ରୀମତୀ ମିଶ୍ର ଅନୁରୋଧ କରିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ପୁଣି ଫେରୁଛି ହାଡଭଙ୍ଗା ଶୀତ....

ଅଞ୍ଚଳଗୁଡ଼ିକ ମଧ୍ୟରେ ଦାରିଙ୍ଗବାଡ଼ିରେ ୧୧.୫ ଡିଗ୍ରି ରେକର୍ଡ ହୋଇଥିବା ଜଣାପଡ଼ିଛି। ଏଥିସହ ରାଜଧାନୀ ଭୁବନେଶ୍ୱରରେ ରାତି ତାପମାତ୍ରା ୧୬.୪ଡିଗ୍ରି ରେକର୍ଡ ହୋଇଛି। ସାରା ରାଜ୍ୟରେ ଏବେ ରାତିର ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିଛି। ଆସନ୍ତା ୪ ଦିନରେ ଏଥିରେ ଉଲ୍ଲେଖନୀୟ ପରିବର୍ତ୍ତନ ଦେଖାଯିବ। କେନ୍ଦ୍ରର ପୂର୍ବାନୁମାନ ଅନୁସାରେ ଆସନ୍ତାକାଲି ସକାଳେ ବିଶେଷକରି ଆଭ୍ୟନ୍ତରୀଣ ଓଡ଼ିଶାରେ କୁହୁଡ଼ି ପଡ଼ିବାର ଅଧିକ ସମ୍ଭାବନା ରହିଛି। ୧୭ ତାରିଖ ଦିନ କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର, ବୌଦ୍ଧ, ସୋନପୁର ଓ ଅନୁଗୁଳର କେତେକ ସ୍ଥାନରେ ଘନ କୁହୁଡ଼ି ପଡ଼ିବାର ସମ୍ଭାବନା ରହିଛି। ଏସବୁ ଜିଲ୍ଲା ପାଇଁ ୟେଲୋୱାର୍ଣ୍ଣିଂ ଜାରି କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ସେହିଭଳି ମାଲକାନଗିରି, କୋରାପୁଟ, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, ବେ?ଦ୍ଧ, ନୟାଗଡ଼, କଟକ, ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାରେ ୧୭ତାରିଖ ଦିନ ଏବଂ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, କନ୍ଧମାଳ, ନୟାଗଡ଼, କଟକ, ଢେଙ୍କାନାଳ, ଯାଜପୁର, ଭଦ୍ରକ ଓ କେନ୍ଦୁଝରରେ ୧୮ତାରିଖ ଦିନ ଘନକୁହୁଡ଼ି ପଡ଼ିବ। ଏଣୁ ପାଣିପାଗ ବିଭାଗ ଏହି ଦୁଇଦିନ ପାଇଁ ଏହି ସବୁ ଜିଲ୍ଲାରେ ୟେଲୋୱାର୍ଣ୍ଣିଂ ଜାରି କରିଛି।

## କୋହଲିଙ୍କୁ ନେଇ ବିସିସିଆଇ....

ୱେଷ୍ଟଇଣ୍ଡିଜକୁ ହରାଇ, ଟେଷ୍ଟରେ ୧ ନମ୍ବର ସ୍ଥାନ ହାସଲ କରିଥିଲା ଟିମ ଇଣ୍ଡିଆ । ଚାମ୍ପିୟନସିପର ଫାଇନାଲରେ ମଧ୍ୟ ନିଜ ଜାଗା ପକ୍କା କରିଥିଲା ଟିମ ଇଣ୍ଡିଆ । ବିରାଟ ଭାରତରେ ୩୧ଟି ମ୍ୟାଚରେ ଅଧିନାୟକ ରହିଛନ୍ତି । ଯେଉଁଥିରେ ସେ ୨୪ଟିରେ ବିଜୟୀ ହୋଇଥିଲା ବେଳେ ମାତ୍ର ୨ଟି ମ୍ୟାଚରେ ପରାଜୟ ହୋଇଛନ୍ତି ।

# ପଂଚାୟତ ନିର୍ବାଚନ ଉପଲକ୍ଷେ ସର୍ବଦଳୀୟ ବୈଠକ

କେନ୍ଦ୍ରାପଡ଼ା,୧୬/୧(ନିପ୍ର): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ କେନ୍ଦ୍ରାପଡା ଜିଲ୍ଲାରେ ଆସନ୍ତା ମାସରେ ହେବାକୁ ଥିବାବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହାର ପୂର୍ବ ପ୍ରସ୍ତୁତି କରାଯାଉ ଥିବା ଜଣାପଡିଛି । ଏନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସର୍ବଦଳୀୟ ବୈଠକ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ପଂଚାୟତ ନିର୍ବାଚନରେ କମିଶନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇ ଥିବା ଗାଇଡଲାଇନ, ଆଦର୍ଶ ଆଚରଣ ବିଧି ପାଳନ ପୂର୍ବକ ଅବାଧ ଓ ନିରପେକ୍ଷ ପଂଚାୟତ ନିର୍ବାଚନ ପାଇଁ ସମସ୍ତ ରାଜନୈତିକ ଦଳର ସହଯୋଗ କାମନା କରାଯାଇଛି । ବୈଠକରେ ପ୍ରାର୍ଥୀଙ୍କ ସମେତ ୫ଜଣ ଘର ଘର ବୁଲି ନିର୍ବାଚନ ପ୍ରଚାର କରିପାରିବେ । ପ୍ରାର୍ଥୀପତ୍ର ଦାଖଲ ସମୟରେ ପ୍ରାର୍ଥୀ କିମ୍ବା ସମର୍ଥକ କିମ୍ବା ପ୍ରସ୍ତାବକ ଉପସ୍ଥିତ ରହିପାରିବେ । ସେହିଭଳି ପଂଚାୟତ କାର୍ଯ୍ୟାଳୟରେ ସରପଂଚ ଓ ୱାର୍ଡମେମ୍ବର ପ୍ରାର୍ଥୀ, ପଂଚାୟତ ସମିତି କାର୍ଯ୍ୟାଳୟରେ ସମିତିସଭ୍ୟ ପ୍ରାର୍ଥୀପତ୍ର ଦାଖଲ କରିବେ । ସେହିଭଳି ଜିଲ୍ଲା ପରିଷଦର ୩୨ଟି ଜୋନର ପ୍ରାର୍ଥୀମାନେ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରିବେ । ଚଳିତ ଥର ପ୍ରଥମଥର ପାଇଁ ଡିଜିଟାଲ ପ୍ଲାଟଫର୍ମରେ ନିର୍ବାଚନ ପ୍ରଚାର କରାଯିବାକୁ ଥିବାରୁ କେବଳ ଜିଲ୍ଲା ପରିଷଦ ପ୍ରାର୍ଥୀମାନେ ଦଳୀୟ ନେତାଙ୍କ ଫଟୋ ବ୍ୟବହାର କରିପାରିବେ । ସରପଂଚ, ସମିତିସଭ୍ୟ ଓ ୱାର୍ଡମେମ୍ବର ପ୍ରାର୍ଥୀ କୌଣସି ରାଜନୈତିକ ଦଳ କିମ୍ବା ନେତାଙ୍କ ଫଟୋ ବ୍ୟବହାର କରିପାରିବେ ନାହିଁ। ମତଦାନ ପରେ ବିଭିନ୍ନ ବ୍ଲକ କାର୍ଯ୍ୟାଳୟରେ ଭୋଟବାକ୍ସ କୁ ରଖାଯାଇ ଏକାଥରକେ ଗଣନା କରାଯିବାକୁ ନିୟମ ଥିବାବେଳେ ଭୋଟବାକ୍ସ ଗୁଡିକୁ ସିସିଟିଭି ସର୍ଭେଲାନ୍ସରେ ରଖାଯିବାକୁ ବିଭିନ୍ନ ରାଜନୈତିକ ଦଳ ନେତୃବୃନ୍ଦ ଦାବି ଉପସ୍ଥାପନା କରିଥିଲେ । ଏହି ସର୍ବ ଦଳୀୟ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାମଲଙ୍କ ସମେତ ଦୁର୍ଗା ପ୍ରସାଦ ମହାରଣା, ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା, ଆଇନଜୀବି ଦେବଦାସ ମହାନ୍ତି, ବିଜେଡିର ରାଜେଶ ଦାସ, ସିପିଆଇର ରମଣୀ ରଞ୍ଜନ ରାଉତରାୟ, ବିଜେପି ଜିଲ୍ଲା ସାଧାରଣ ସଂପାଦକ ଅଭିମନ୍ୟୁ ଗୋଛାୟତ ଙ୍କ ସମେତ ଅନ୍ୟଦଳର ନେତାମାନେ ଉପସ୍ଥିତ ଥିଲେ ।

# ତେଜେଶ୍ୱରଙ୍କ ଉଦ୍ୟମରେ ଆନ୍ଧ୍ରରୁ ଆସିଲା ଯୁବକଙ୍କ ମୃତ ଦେହ

କେନ୍ଦ୍ରାପଡ଼ା,୧୬/୧(ନିପ୍ର): ଆନ୍ଧ୍ରପ୍ରଦେଶର ପ୍ରକାଶମ୍ ଜିଲ୍ଲା ଓ୍ୱଙ୍ଗୋଲ ସହରର ଜାତୀୟ ରାଜପଥ ଉପରେ ବାଇକରେ ଯାଉଥିବା ବେଳେ କାର୍ ଧକ୍କାରେ ଗୁରୁତର ଭାବେ ଆହତ ହୋଇ ମୃତ୍ୟୁ ବରଣ କରିଥିବା କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ବାହାକଣ୍ଡିଆ ଗ୍ରାମର ଅଚ୍ୟୁତାନନ୍ଦ ପରିଡାଙ୍କ ପୁଅ ପ୍ରଶାନ୍ତ ପରିଡା (୨୯)ଙ୍କ ମୃତ ଦେହ କେନ୍ଦ୍ରାପଡା ତାଙ୍କ ଗ୍ରାମକୁ ଫେରିଛି । ବାହାକଣ୍ଡିଆର ପୁଅ ରାଜ୍ୟ ଖଦି ଓ ଗ୍ରାମ ଉଦ୍ୟୋଗ ବୋର୍ଡର ପୂର୍ବତନ ସଭାପତି ତେଜେଶ୍ୱର ପରିଡାଙ୍କ ଉଦ୍ୟମରେ ଯୁବକଙ୍କର ମୃତ ଦେହ ତାଙ୍କ ଗାଁରେ ପହଁଚିଥିବା ଜଣାପଡିଛି । ଘଟଣା ମୁତାବକ ବାହାକଣ୍ଡିଆ ଗ୍ରାମର ମୃତ ପ୍ରଶାନ୍ତ ସେଠାରେ ଗ୍ରୀନ ଭ୍ୟାଲି ଶିଳ୍ପାଂଚଳରେ ସତ୍ୟ ନାରାୟଣ ପଲ୍ଲୀ ପ୍ୟାକ ନାମକ ଏକ ଶିଳ୍ପ କମ୍ପାନୀରେ ଚାକିରୀ କରୁଥିବା ବେଳେ ୧୪ ତାରିଖ ଯାଉଥିବା ସମୟରେ ସଡକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ । ସେ ଗୁରୁତର ଅବସ୍ଥାରେ ତାଙ୍କୁ ବିଜୟୱାଡା ସରକାରୀ ଚିକିତ୍ସାଳୟରେ ଚିକିତ୍ସା କରାଯାଉ ଥିବାବେଳେ ତାଙ୍କର ୧୫ ତାରିଖରେ ମୃତ୍ୟୁ ଘଟିଥିଲା । ତାଙ୍କ ପରିବାର ପକ୍ଷରୁ ମୃତ ଦେହ ଆଣିବା ପାଇଁ ତେଜେଶ୍ୱର ପରିଡାଙ୍କ ସହ ଯୋଗାଯୋଗ କରାଯିବା ପରେ ଶ୍ରୀ ପରିଡା ଓଡିଶାର ପୂର୍ବତନ ମନ୍ତ୍ରୀ ତଥା ବର୍ତମାନ ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ବିଶ୍ୱ ଭୂଷଣ ହରିଚନ୍ଦନଙ୍କ ସହ ଯୋଗାଯୋଗ କରିଥିଲେ । ଆନ୍ଧ୍ର ରାଜଭବନ ପକ୍ଷରୁ ଏ ଘଟଣାରେ ତୁରନ୍ତ ହସ୍ତକ୍ଷେପ କରାଯାଇ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ପ୍ରଶାନ୍ତଙ୍କ ମୃତ ଦେହ ସଂପୂର୍ଣ୍ଣ ମାଗଣାରେ ଗାଁକୁ ଆସିଥିବାରୁ ଗ୍ରାମବାସୀ ଓ ଶ୍ରୀ ତେଜେଶ୍ୱର ଆନ୍ଧ୍ରର ରାଜ୍ୟପାଳଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ବିଦ୍ୟାର୍ଥୀପ୍ରିୟ ପ୍ରଧାନ ଶିକ୍ଷକଙ୍କ ପରଲୋକ

ପୁରୀ,୧୬/୧(ନିପ୍ର): ପୁରୀ ଜିଲ୍ଲାର ବିଦ୍ୟାର୍ଥୀପ୍ରିୟ ପୂର୍ବତନ ପ୍ରଧାନଶିକ୍ଷକ ନୀଳକଣ୍ଠ ଦାଶଙ୍କ ୭୬ ବର୍ଷ ବୟସରେ ପରଲୋକ ଘଟିଛି । ତାଙ୍କ ମୃତ୍ୟୁ ଖବର ଶୁଣି ତାଙ୍କର ଅନେକ ଛାତ୍ରଛାତ୍ରୀ ଦୁଃଖରେ ଭାଙ୍ଗିପଡ଼ିଛନ୍ତି । ତାଙ୍କ ଜନ୍ମମାଟି ପୁରୀ ସହର ନିକଟ ବୀରବଳଭଦ୍ରପୁର ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ୧୯୪୫ ମସିହା ମାର୍ଚ୍ଚ ୩ରେ ସେ ଜନ୍ମଗ୍ରହଣ କରିଥିଲେ । ଗଦାଧର ହାଇସ୍କୁଲରୁ ଶିକ୍ଷକତା ଆରମ୍ଭ କରି ରୂପଦେଇପୁର ହାଇସ୍କୁଲ, ସାତଶଙ୍ଖ ହାଇସ୍କୁଲ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟକରି ଅବରସ ଗ୍ରହଣ କରିଥିଲେ । ଅବସରପରେ ଭୁବନେଶ୍ୱର ସ୍ଥିତ ବାସଭବନରେ ରହୁଥିଲେ । କିଛିଦିନ ଧରି ବାର୍ଦ୍ଧକ୍ୟ ଜନିତ ଅସୁସ୍ଥା ଅନୁଭବ କରି ରୋଗ ଶର୍ଯ୍ୟାରେ ପଡ଼ିଥିଲେ । ଯେଉଁ ମାଟିରେ ଜନ୍ମ ସେହି ମାଟିରେ ଲୀନ ହେବା ପାଇଁ ସେ ଇଚ୍ଛା ପ୍ରକାଶ କରିଥିଲେ । ତାଙ୍କ ଏକମାତ୍ର ପୁତ୍ର ନିରଞ୍ଜନ ଦାଶ ମୁଖାଗ୍ନି ଦେଇଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ୨ଝିଅ,୨ ଜ୍ୱାଇଁ ,ପୁଅବୋହୂ, ନାତିନାତୁଣୀ ,ଭଣଜା ଭାଣେଜୀ, ପୁତୁରା ଝିଆରୀମାନେ ଉପସ୍ଥିତ ଥିଲେ । ତାଙ୍କ ମୃତ୍ୟୁ ଖବର ଶୁଣି ଗ୍ରାମବାସୀ,ଚନ୍ଦନପୁର ଅଂଚଳବାସୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି ।

# ମକର ସଂକ୍ରାନ୍ତି ଉପଲକ୍ଷେ ଛାଞ୍ଚ ପ୍ରିମିୟମ ଲିଗ୍ ଷଷ୍ଠ ସଂସ୍କରଣର ଉଦ୍‌ଘାଟିତ



ବାରିପଦା, ୧୬/୦୧ (ନି.ପ୍ର): ମୟୁରଭଞ୍ଜର ଗଣପର୍ବ ମକର ସଂକ୍ରାନ୍ତି ଉପଲକ୍ଷେ ଛାଞ୍ଚ ୟୁଥ କ୍ଲବ ଆନୁକୂଲ୍ୟରେ ଆଜି ବାରିପଦା ୱାର୍ଡ ନଂ ୨୫, ଛାଞ୍ଚ ପଡିଆ ଠାରେ ଛାଞ୍ଚ ପ୍ରିମିୟମ ଲିଗ୍ ଷଷ୍ଠ ସଂସ୍କରଣର ଉଦଘାଟିତ ହୋଇଯାଇଛି । ଆଜିର ପ୍ରଥମ ଦିନରେ ବରିଷ୍ଠ କ୍ରିକେଟ ଖେଳାଳି ରାମେଶ୍ୱରୀ ମାଝୀ, ସ୍ୱେଚ୍ଛାସେବୀ ତଥା ବିଜେପି ଜିଲ୍ଲା ଯୁବ ସଧାରଣ ସମ୍ପାଦକ ଦେବବ୍ରତ ସାମଲ, ବରିଷ୍ଠ ସ୍ୱେଚ୍ଛାସେବୀ ରାମ ଚନ୍ଦ୍ର ଦେ ଯୋଗ ଦେଇ ଟୁର୍ଣ୍ଣାମେଂଟର ଶୁଭ ଉଦ୍ଘାଟନ କରିଥିଲେ । ଏହି ୧୦ ଓଭର ବିଶିଷ୍ଟ ଟୁର୍ଣ୍ଣାମେଣ୍ଟ ରେ ୮ ଟି ଦଳ ଅଂଶଗ୍ରହଣ କରିଛନ୍ତି । ଆଜିର ପ୍ରଥମ ମ୍?ଯାଚ ଦୀପକ ୱାରିୟର୍ସ ଓ ମୁଣ୍ଡାରୀ ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟସ ଜିତି ମୁଣ୍ଡାରୀ ଫାଇଟର ନିର୍ଦ୍ଧାରିତ ୧୦ ଓଭର୍ ରେ ୫ ୱିକେଟ ହରାଇ ୧୨୦ ରନ୍ ସଂଗ୍ରହ କରିଥିଲେ ଜବାବରେ ଦୀପକ ୱାରିୟର୍ସ ନିର୍ଦ୍ଧାରିତ ୧୦ ଓଭର୍ ରେ ୧୦୦ ରନ୍ କରିବାରେ ସମର୍ଥ ହୋଇଥିଲା ଏବଂ ମୁଣ୍ଡାରୀ ଫାଇଟର ୨୦ ରନ୍ ରେ ବିଜୟୀ ହୋଇଛି । ଅନ୍ୟ ମାନଙ୍କ ମଧ୍ୟରେ ଆୟୋଜକ ପିଣ୍ଟୁ ପାତ୍ର, ବିଜୁ ମହାନ୍ତ, ଠାକୁର ସିଂ, ଦୀପକ ସାହୁ, ଏମ ଡି ସମୀର, ଚିରଞ୍ଜୀବ ଜେନା, ଲାଲୁ ସିଂ, ସ୍ମୃତିରଞ୍ଜନ ନାୟକ, ରଜନୀକାନ୍ତ ଜେନା ଜିତେନ୍ଦ୍ର ନାୟକ, ସବ୍ୟସାଚୀ ପଣ୍ଡା, ଶ୍ରୀକାନ୍ତ ଦିଗାର, ଅନିଲ ସି ପ୍ରମୁଖ ଉପସ୍ଥିତ ଥିଲେ ।

# ଗୋଟିଏ ଦିନରେ ୧୧୧୭୭ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୬/୦୧(ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୧୧୭୭ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୧୨୨୭୩୫ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୧୦୧୬ ଓ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୫୫ ହଜାର ୬୧୫ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୬୯୭୬୩ ରହିଛି । ଆଜି ଚିହ୍ନଟ ହୋଇଥିବା ୧୧୧୭୭ ଜଣଙ୍କ ମଧ୍ୟରୁ ୬୪୭୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୬୯୮ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୩୪୨୪ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୧୩୨, ବାଲେଶ୍ୱର ଜିଲ୍ଲାରୁ ୩୪୨ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୧୨୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୯୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୩୧୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୭୧ , କଟକରୁ ୮୨୯ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୨୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୬୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୭୩, ଗଂଜାମ ଜିଲ୍ଲାରେ ୧୦୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୬୪, ଯାଜପୁରରୁ ୧୭୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୧୯୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୧୭୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କନ୍ଧମାଳ ଜିଲ୍ଲାରୁ ୪୭, କେନ୍ଦ୍ରାପଡ଼ା ଜିଲ୍ଲାରୁ ୭୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ୬୯ , ଖୋର୍ଦ୍ଧାରୁ ୩୪୨୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ଖଡଗପୁର-ଆଗୁଆଁ ରେଳ ଷ୍ଟେସନରୁ ଲିଭିଲା ଓଡିଆ : ହାଓଡା ପରିବର୍ତ୍ତେ ସାଲିମାରରୁ ଧଉଳି

ଜଳେଶ୍ୱର, ୧୬/୧(ନିପ୍ର): ଦକ୍ଷିଣପୂର୍ବ ରେଳପଥର ମୁଖ୍ୟ ଦପ୍ତର କୋଲକତାର ଗାଡେନ୍‌ରିଚ୍‌ରେ ଥିବାରୁ ରେଳ କର୍ତ୍ତୃପକ୍ଷଙ୍କ ଓଡିଶାପ୍ରତି ବୈମାତୃକଭାବ ବଢିବଢି ଚାଲିଛି । ନିକଟରେ ଧଉଳି ସୁପରଫାଷ୍ଟ ହାଓଡାରୁ ପୁରୀ ଯାତାୟାତ କରୁଥିବା ବେଳେ ଏଣିକି ହାଓଡା ପରିବର୍ତ୍ତେ ସାଲିମାରରୁ ଚାଲିବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି । ସେହିପରି ଉପାନ୍ତ ପଶ୍ଚିମବଂଗର ରେଳ ଷ୍ଟେସନ ଗୁଡିକରେ ପୂର୍ବରୁ ଓଡିଆ ଭାଷାରେ ଷ୍ଟେସନର ନାମ ଲେଖା ଯାଉଥିବା ବେଳେ ଏବେ ତାହାକୁ ଲିଭାଇ ଦେବାକୁ ଓଡିଆ ଯାତ୍ରୀଙ୍କର ବହୁ ଅସୁବିଧା ହେଉଛି । ଏ ସବୁର ସମାଧାନ ଲାଗି ସାଧାରଣରେ ଦାବି ହେଉଛି । ଦକ୍ଷିଣପୂର୍ବ ରେଳପଥର ଖଡଗପୁର ରୁ ରାଣୀତାଲ ମଧ୍ୟରେ ଥିବା ପଶ୍ଚିମବଂଗର ଷ୍ଟେସନ ଗୁଡିକରେ ଓଡିଆ ଭାଷାରେ ଷ୍ଟେସନର ନାମ ଲେଖାଯାଉଥିଲା । ଓଡିଆ ବ୍ୟତିତ ବଂଗଳା, ଇଂରାଜୀ ଓ ହିନ୍ଦିରେ ଲେଖା ରହୁଥିବାରୁ ଯାତ୍ରୀମାନଙ୍କର ଷ୍ଟେସନ ଜାଣିବାରେ ସୁବିଧା ହେଉଥିଲା । ପ୍ରକାଶଯୋଗ୍ୟ ଓଡିଶାର ବହୁ ବ୍ୟକ୍ତି ପଶ୍ଚିମବଂଗର ବିଭିନ୍ନ ଅଂଚଳରେ ଦୋକାନ ବଜାର ତଥା ଚାକିରୀ କରି ଆସୁଛନ୍ତି । ପୁଣି ଅତୀତରେ ମେଦିନୀପୁର ଜିଲାଟି ଅବିଭକ୍ତ ଓଡିଶାରେ ଥିବାରୁ ସେ ଅଂଚଳର ବହୁ ଲୋକେ ଓଡିଆ ଭାଷାଭାଷୀ ଏବଂ ଓଡିଶାରୁ ରକ୍ତସମ୍ପର୍କୀୟ ବଂଧୁବାନ୍ଧବ ରହିଛନ୍ତି । ସେହି ରେଳ ଡିଭିଜନ୍‌ର ଚକ୍ରଧରପୁର ଠାରୁ ହିଜିଲି ପର୍ଯ୍ୟନ୍ତ ପଶ୍ଚିମବଂଗ ଅଂଚଳର ହୋଇଥିଲେ ମଧ୍ୟ ସେଠାରେ ଓଡିଆ ଭାଷାଭାଷୀ ବହୁ ଲୋକେ ଚଳପ୍ରଚଳ ହୋଇଥାନ୍ତି । ସେମାନେ ମଧ୍ୟ ବହୁ ଅସୁବିଧାର ସମ୍ମୁଖୀନ ହେଉଛଇନ୍ତି । ତେଣୁ ଉପାନ୍ତ ପଶ୍ଚିମବଂଗ ରେଳ ଷ୍ଟେସନରର ନାମ ଗୁଡିକ ଓଡିଆରେ ଲେଖାଯିବାକୁ ଦାବି ହେଉଛି । ଏ ସମ୍ପର୍କରେ ଜଳେଶ୍ୱରର କେତେକ ଯୁବକ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦୃଷ୍ଟି ଆକର୍ଷଣ କରି ଏକ ସ୍ମାରକପତ୍ର ପଠାଇଛନ୍ତି । ହାଓଡାରୁ ଭୁବନେଶ୍ୱର ଧଉଳି ସୁପରଫାଷ୍ଟ ଯାତାୟାତ କରିଆସୁଥିଲା । କିନ୍ତୁ ପଶ୍ଚିମବଂଗର ଯାତ୍ରୀଙ୍କର ପୁରୀ ଯାତାୟାତ ଲାଗି ଏହି ରେଳକୁ ପୁରୀ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଗଲା । ଫଳରେ ଓଡିଶାର ଲୋକେ ଏହି ଟ୍ରେନ୍‌ରେ ପୁରୀ ଯାତାୟାତରୁ ବଂଚିତ ହୋଇ ଆସୁଛନ୍ତି । ଅନ୍ୟପକ୍ଷରେ ରେଳ କର୍ତ୍ତୃପକ୍ଷ ବିଭିନ୍ନ ଆଳ ଦେଖାଇ ଧଉଳି ଟ୍ରେନ୍‌କୁ ହାଓଡା ପରିବର୍ତ୍ତେ ୩୦ କି.ମି ଦୂର ସାଲିମାର ଷ୍ଟେସନରୁ ଯାତାୟାତର ବ୍ୟବସ୍ଥା କରିଛନ୍ତି । ହାଓଡା ପହଞ୍ଚିବା ପୂର୍ବରୁ ଟିକରପଡା ଓ ତା ପୂର୍ବରୁ ସାନ୍ତରାଗାଛିରୁ ୩୦ କି.ମି. ଦୂର ସାଲିମାର ଯାତାୟାତ କରିବାରୁ ସେ ଅଂଚଳର ଲୋକେ ପୁରୀ ଯାତାୟାତଲାଗି ସୁବିଧାସୁଯୋଗ ପାଇଥିବା ଲୋକେ ହାଓଡା ଯିବାରୁ ବଂଚିତ ହେଲେ । ତେଣୁ ପଶ୍ଚିମବଂଗରେ ବହୁ ପାସେଞ୍ଜର ଟ୍ରେନ୍ ଥିବାରୁ ସାନ୍ତରାଗାଛିଠାରେ ଧଉଳି ସମୟକୁ ସାଲିମାରରୁ ପାସେଞ୍ଜର ଆସି ପହଞ୍ଚୁଥିବା ବେଳେ ଏହି ଟ୍ରେନ୍‌କୁ ସାଲିମାର ନ ନେବାକୁ ଏ ଅଂଚଳର ବହୁ ଯାତ୍ରୀ ଦାବି କରିଛନ୍ତି । ରେଳ କର୍ତ୍ତୃପକ୍ଷ ପୁର୍ନବିଚାର କରିବାକୁ ସାଧାରଣରେ ଦାବି ହେଉଛି ।

# ରାଧାନାଥ ସାହିତ୍ୟ ପରିଷଦ ପକ୍ଷରୁ ଇଂ. ପ୍ରଶାନ୍ତ ଦତ୍ତଙ୍କ ବିୟୋଗରେ ଶୋକସଭା




ବାଲେଶ୍ୱର, ୧୬/୦୧ (ନି.ପ୍ର): 'ରାଧାନାଥ ସାହିତ୍ୟ ପରିଷଦ' ପକ୍ଷରୁ ଇଂ. ପ୍ରଶାନ୍ତ ଦତ୍ତଙ୍କ ବିୟୋଗରେ ଶୋକସଭା ସୁବାସିନୀ ଜେନାଙ୍କ ସଭାପତିତ୍ୱରେ ଶ୍ରୀରାମଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଭା ଆରମ୍ଭରେ ଦିବଂଗତ ଆତ୍ମଙ୍କର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା । ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ କାଳୀପଦ ପଣ୍ଡା ଅତିଥି ଭାବେ ଯୋଗଦେଇ ଇଂ ପ୍ରଶାନ୍ତ ଦତ୍ତଙ୍କ ସୃଷ୍ଟି ସମ୍ଭାର ସମ୍ବନ୍ଧରେ ସ୍ମୃତିଚାରଣ କରି ତାଙ୍କୁ ଜଣେ ସଚ୍ଚା ଅନୁଷ୍ଠାନପ୍ରେମୀ ଭାବେ ବର୍ଣ୍ଣନା କରିଥିଲେ । ମୁଖ୍ୟବକ୍ତା ଭାବେ 'ଧ୍ୱନି ପ୍ରତିଧ୍ୱନି'ର ପ୍ରତିଷ୍ଠାତା ସୃଷ୍ଟିଧର ପରିଡ଼ା ସ୍ୱର୍ଗତ ଦତ୍ତଙ୍କର ଧ୍ୱନିପ୍ରତିଧ୍ୱନି ସହ ନିବିଡ଼ ସମ୍ପର୍କ ଉଲ୍ଲେଖ କରି ତାଙ୍କୁ ଚିରକୁମାର ମଣିଷ ଓ ମୁରବୀ ଭାବେ ଆମ ସମସ୍ତଙ୍କ ପରାମର୍ଶଦାତା ଥିଲେ ବୋଲି ଅଭିହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ମନସ୍ୱିନୀ ଦେବୀ, ସଂପାଦକ କମଳାକାନ୍ତ ଦାଶ, ସହସଂପାଦକ ସଂଜୟ କୁମାର ପଣ୍ଡା, ନୃସିହ ନାୟକ, ଭାରପ୍ରାପ୍ତ ପ୍ରଧାନ ପଣ୍ଡିତ ଉମେଶ ଚନ୍ଦ୍ର ପ୍ରଧାନ, ପରାମାନନ୍ଦ ପଣ୍ଡା ଓ ସଂଜୟ ବାରିକ ସ୍ମୃତିଚାରଣ କରିଥିଲେ ।

## ଟ୍ରକ ଓ ବାଇକ ମୁହାଁମୁହିଁ ଧକ୍କାରେ ଯୁବକ ମୃତ

ନୀଳଗିରି, ୧୬/୦୧ (ନି.ପ୍ର): ରବିବାର ଦିନ ପ୍ରାୟ ୨ଟା ସମୟରେ ନୀଳଗିରି ସହରର ଅନତିଦୂରରେ ସଡ଼କ ଦୁର୍ଘଟଣାରେ ଜନୈକ ଯୁବକ ର ମୃତ୍ୟୁ ଘଟିଛି । ପ୍ରାପ୍ତ ସୂଚନାଅନୁସାରେ ନୀଳଗିରି ଥାନା ଅଧିନସ୍ଥ ବାଉଁଶବଣିଆ ପଂଚାୟତର ଛୋଟକାନପୁର ଗ୍ରାମର ବାବାଜି ରାଉତର ପୁଅ କରୁଣାକର ରାଉତ (୩୫) ବାଇକରେ ନୀଳଗିରି ତଳସଡ଼କରେ ଦ୍ରୁତ ଗତିରେ ନୀଳଗିରି ବଜାରକୁ ଆସୁଥିବା ବେଳେ ଶେରଗଡ଼ରୁ ସଜନାଗଡ଼ ଅଭିମୁଖେ ଆସୁଥିବା ଏକ ଟ୍ରକ (ଓଆର୦୧ଏସ-୯୩୮୧) କୁ ସାମ୍ନାପଟୁ କରୁଣାକର ଧକ୍କା ମାରିଥିଲା । ଯାହା ଫଳରେ କରୁଣାକର ଟ୍ରକର ସାମ୍ନା ଚକରେ ପଡ଼ିଯାଇଥିଲା । ବାଇକଟି ଓଡି୦୧ଜେଡ-୦୭୯୯ ଟି ରାସ୍ତାକଡ଼କୁ ଛିଟିକି ପଡ଼ିଥିଲା । ଗୁରୁତର ଅବସ୍ଥାରେ କରୁଣାକରକୁ ନୀଳଗିରି ମେଡିକାଲ ଅଣାଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଛନ୍ତି । ମୃତକର ୮ବର୍ଷ ଓ ୫ବର୍ଷ ର ୨ଟି ଝିଅ ଅଛନ୍ତି । ଖବର ପାଇ ନୀଳଗିରି ପୋଲିସ ଘଟଣାସ୍ଥଳରେ ପହଂଚି ଟ୍ରକଟିକୁ ଜବତ କରିଥିବା ବେଳେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି । ମୃତୁ ଖବର ଶୁଣି ମେଡିକାଲର ପରିବେଶ ଶୋକାକୁଳ ହୋଇ ପଡ଼ିଥିଲା ।

## ନିଆଁ ଓ ପରିବେଶକୁ ଆୟତ କରିବା ପାଇଁ ବନବିଭାଗର ମକଡ୍ରିଲ



ନୀଳଗିରି, ୧୬/୦୧ (ନି.ପ୍ର): ନୀଳଗିରି ବନବିଭାଗ ଓ କୁଲଡିହା ବନବିଭାଗ ଅଧିନସ୍ଥ ଜଙ୍ଗଲ ଗୁଡ଼ିକରେ ପ୍ରତିବର୍ଷ ଦୁର୍ବୃତମାନେ ନିଆଁ ଲଗାଉଥିବାରୁ ଏକର ଏକର ଜଙ୍ଗଲରେ ଗଛଲତା, ଜୀବଜନ୍ତୁ, ସରିସୃପ ପୋଡ଼ି ହୋଇଥାଆନ୍ତି । ଏଥିପାଇଁ ଉଭୟ ବନବିଭାଗ ନିଆଁ ଲିଭାଇବା ପାଇଁ ନାକେଦମ୍ ହୋଇପଡ଼ନ୍ତି । ଆଗକୁ ଗ୍ରୀଷ୍ମଋତୁ ଆସୁଥିବା ବେଳେ ନିଆଁକୁ କିଭଳି ଭାବେ ବନକର୍ମଚାରୀମାନେ କରାୟତ କରିପାରିବେ ସେଥିପାଇଁ ରବିବାର ଦିନ ସଜନାଗଡ଼ ଫରେଷ୍ଟ ନର୍ସରୀ ପରିସରରେ ବନକର୍ମଚାରୀମାନଙ୍କୁ ନେଇ ଏକ ମକଡ୍ରିଲ କାର୍ଯ୍ୟକ୍ରମକୁ ନୀଳଗିରି ଫାୟର ଅଫିସର ବିଷ୍ଣୁପ୍ରସାଦ ଦାସଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ ଉକ୍ତ ମକଡ୍ରିଲ କାର୍ଯ୍ୟକ୍ରମରେ ନୀଳଗିରି ଅଗ୍ନିଶମ ବିଭାଗ ଅଫିସର ବନକର୍ମଚାରୀମାନଙ୍କୁ କିପରି ନିଆଁକୁ କରାୟତ କରିବା ସହ ପରିବେଶ ସୁରକ୍ଷା କରାଯାଇ ପାରିବ ସେ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବାଲେଶ୍ୱର ଏସ.ସି.ଏଫ. ଓ ସୁଶାନ୍ତ କୁମାର ଜେନା, ନୀଳଗିରି ରେଞ୍ଜ ଅଫିସର ଗଣେଶ ପ୍ରସାଦ ଲେଙ୍କା, କୁଲଡିହା ରେଞ୍ଜ ଅଫିସର ଅନନ୍ତ କୁମାର ଜେନା ଙ୍କ ସହ ବହୁ ବନକର୍ମଚାରୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

## ଅଦିନିଆ ବର୍ଷାରେ ବ୍ୟାପକ ଧାନ ଫସଲ ନଷ୍ଟ : ଚିନ୍ତାରେ ଚାଷୀ

ଗଞ୍ଜାମ, ୧୬/୦୧ (ନି.ପ୍ର): ଅଦିନିଆ ବର୍ଷା ଫଳରେ ଗଞ୍ଜାମ ଜିଲ୍ଲାରେ ବ୍ୟାପକ ଫସଲ ହାନି ଘଟିଛି । ଗତ ୧୦ ରୁ ୧୫ ତାରିଖ ୫ ଦିନ ଧରି ଜିଲ୍ଲାର ବିଭିନ୍ନ ଅଂଚଳରେ ବର୍ଷା ଫଳରେ କଟାଯାଇ କ୍ଷେତରେ ରହିଥିବା ଧାନ ଫସଲ ଏବେ ଗଜା ହେବାକୁ ବସିଲାଣି । ଏହି ଅମଳ ଧାନକୁ ଚାଷୀ ବସ୍ତା ବାନ୍ଧି ବାହାରେ ରଖିଛି । ମଣ୍ଡି ତଥା ମିଲର୍ ମାନେ କାଳକ୍ଷେପଣ ନୀତି ଅବଲମ୍ବନ କରି ଚାଷୀଙ୍କ ଧାନ କିଣୁନଥିବାରୁ ଚାଷୀ ମାନେ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି । ପ୍ରଶାସନ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଇ ସହାୟତା ପ୍ରଦାନ ପାଇଁ ଦାବି ହେଉଛି ।

## ସ୍ୱାଧୀନତା ସଂଗ୍ରାମୀ ପୂଣ୍ୟଆତ୍ମା ଶ୍ରୀକାନ୍ତ କୁମାର ନାୟକଙ୍କ ଏକାଦଶାହ କ୍ରିୟାରେ ଶ୍ରଦ୍ଧାଞ୍ଜଳି ସଭା



ବାଲିଆପାଳ, ୧୬/୦୧ (ନି.ପ୍ର): ବାଲିଆପାଳ ବ୍ଲକ ଶେଷ ସ୍ୱାଧୀନତା ସଂଗ୍ରାମୀ ଶ୍ରୀକାନ୍ତ କୁମାର ନାୟକଙ୍କର ଏକାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଡଗରାସ୍ଥିତ ବାସଭବନରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ବାଲିଆପାଳ ବରିଷ୍ଠ ନାଗରିକ ସଭାପତି ନାରାୟଣ ପ୍ରସାଦ ସାହୁ ସଭାପତିତ୍ୱ କରିଥିଲେ । ବାଲିଆପାଳ ଅଂଚଳର ବହୁମାନ୍ୟଗଣ୍ୟ ବ୍ୟକ୍ତି ଚିତରଞ୍ଜନ ଦାସ, କୁଞ୍ଜକାନ୍ତ ପାତ୍ର, ସନ୍ୟାସୀ ବେହେରା, ବଙ୍କିମ ଚନ୍ଦ୍ର ଜେନା, ଗୁଣାକର ପାଳ, ସୁବାଷ ଚୌଧୁରୀ, ବଂଶୀଧର ପାତ୍ର ତଥା ମୁନି ସମାଜର ଅମୂଲ୍ୟ କୁମାର ବାଗ, ବିକାଶ ଚନ୍ଦ୍ର ସାହୁ, ସୁଧାକର ସାହୁ, ସୁଦର୍ଶନ କୁଅଁର ପ୍ରମୁଖ ସ୍ମୃତିଚାରଣ କରିଥିଲେ । ୯୯ ବର୍ଷରେ ଦୀର୍ଘ ଜୀବନ ମଧ୍ୟରେ ଶ୍ରୀକାନ୍ତ ନାୟକ ସମାଜସେବା କ୍ଷେତ୍ରରେ ଆଧାତ୍ମିକ କ୍ଷେତ୍ରରେ ଓ ସଙ୍ଗୀତ ଚର୍ଚ୍ଚାରେ ନିଜର ଜୀବନକୁ ଏ ମାଟିକୁ ଏକ ଦିଗ ଦର୍ଶନ ଦେଇଯାଇଛନ୍ତି । ବୈଠକ ପ୍ରାରମ୍ଭରେ ତାଙ୍କର ଦିବଂଗତ ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ପ୍ରାର୍ଥନା କରାଯାଇଥିଲା । ତାଙ୍କର ଶୂନ୍ୟସ୍ଥାନ ସାଂପ୍ରତିକ ସମାଜରେ ପୂରଣ ହେବକି ନାହିଁ ବଡ ବଡ ବକ୍ତାମାନେ ସ୍ମୃତିଚାରଣ କରିଥିଲେ । ଏଥିରେ ତାଙ୍କର ପୁତ୍ର ସୁଧାଂଶୁ କୁମାର ନାୟକ, ପ୍ରଭାଂଶୁ କୁମାର ନାୟକ, ହିମାଂଶୁ କୁମାର ନାୟକ, ଝିଅ ଲକ୍ଷ୍ମୀପ୍ରିୟା ନାୟକ,ଅଞ୍ଜଳି ନାୟକ, ନାତିନାତୁଣୀମାନେ ସହଯୋଗ କରିଥିଲେ ।

# ହିମସାରମନା ସାହିତ୍ୟ ପରିଷଦର ୯ମ ବାର୍ଷିକୋତ୍ସବ

ଭଦ୍ରକ, ୧୬/୦୧ (ନି.ପ୍ର): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ଷୋଳମପୁର ହିମସାରମନା ସାହିତ୍ୟ ପରିଦେର ନବମ ବାର୍ଷିକୋତ୍ସବ ଆଜି ଅନୁଷ୍ଠିତ ହୋଇ ମୁଖପତ୍ର ଉନ୍ମୋଚିତ ହୋଇଛି । ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ପାଲାମଣ୍ଡପରେ ଅନୁଷ୍ଠିତ ଉତ୍ସବକୁ ସାହିତ୍ୟିକ ସନ୍ଧ୍ୟାରାଣୀ ପୃଷ୍ଟି ଉଦଘାଟନ କରିଥିଲେ । ଏଥିରେ ସାହିତ୍ୟି ଇଂ ଅଭୟ କୁମାର ସୂତାର ମୁଖ୍ୟଅତିଥି, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟବକ୍ତା, ସ୍ମୃତିଲିପି ସମ୍ପାଦକ ଭୂବନ ମୋହନ ମହାନ୍ତି ସମ୍ମାନିତ ବକ୍ତା, ପ୍ରଧାନଶିକ୍ଷକ ରବିନ୍ଦ୍ର ମହାରଣା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପିତାମ୍ବର ରାଉତ, କବି ନଟବର ରାଉଳ, କବି ରବି ମିଶ୍ର, ସମାଜସେବୀ ଉତ୍କଳ କେଶରୀ ମହାନ୍ତି, ସାହିତ୍ୟିକ ନବକିଶୋର ଦାସ, ଶିକ୍ଷକ ଭାଗବତ ସୂତାର, ପଣ୍ଡିତ ହରେକୃଷ୍ଣ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପଲ୍ଲୀରୁ ସାହିତ୍ୟର ମହକ ସୃଷ୍ଟି ହୋଇ ସାରା ଜଗତକୁ ବିସ୍ତାରିତ ହୋଇଛି ବୋଲି ମତ ଦେଇଥିଲେ । ଏହି ଅବସରରେ ପରିଷଦର ମୁଖପତ୍ର 'ପବନସୁତ', ଦାମୋଦର ନାୟକଙ୍କ 'ମାତୃବାଣୀ' କବି ମନୋଜ ପ୍ରଧାନଙ୍କ 'କ୍ଲାନ୍ତପକ୍ଷୀ' ଉନ୍ମୋଚିତ ହୋଇଥିଲା । ଏହାସହ କବି ନଟବର ରାଉଳ, କବି ରମାକାନ୍ତ ପଣ୍ଡା, ଅଗ୍ରଣୀ ସାମାଜିକ ସଙ୍ଗଠନ ଉମିତ ଫାଉଣ୍ଡେସନକୁ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ସ୍ୱରଚିତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ନୃତ୍ୟଶିଳ୍ପୀ କୁନୁମୁନ ରାଉତ ନୃତ୍ୟ ପରିବେଷଣ କରିଥିଲେ । ଗାୟିକା ସସ୍ମିତା ରାଉତ ଓ ସାଥୀ ପାଲା ପରିବେଷଣ କରିଥିଲେ । ସହ ସମ୍ପାଦକ ବିଶ୍ୱମ୍ଭର ରାଉତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସମ୍ପାଦକ ଦାମୋଦର ନାୟକ ସମ୍ପାଦକୀୟ ବିବରଣୀ ଓ ନବକିଶୋର ପରିଡା ଧନ୍ୟବାଦ ଦେଇଥିଲେ । ଉତ୍ସବକୁ ପରିଷଦର ସଦସ୍ୟ/ସଦସ୍ୟାମାନେ ପରିଚାଳନା କରିଥିଲେ ।

## କୃଷି ଉତ୍ପାଦନ ପରିଚାଳନା ନିର୍ଦ୍ଦେଶକ ମାନଙ୍କ ପ୍ରଶିକ୍ଷଣ ଶିବିର

କେନ୍ଦ୍ରାପଡ଼ା,୧୬/୦୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ୪ଟି ବ୍ଲକ କୃଷି ଉତ୍ପାଦକ ସଂଘ ପରିଚାଳନା ନିର୍ଦ୍ଦେଶକ ମାନଙ୍କ ଏକ ପ୍ରଶିକ୍ଷଣ ଶିବିର ଗୋପ ଠାରେ ଅନୁଷ୍ଠିତ ହୋଇ ଯାଇଛି । ଏହି ପ୍ରଶିକ୍ଷଣ ଶିବିରରେ ପଟ୍ଟମୁଣ୍ଡାଇ ସିଦ୍ଧବଟ ଫାର୍ମମର୍ସ ର ପ୍ରଡ୍ୟୁସର କମ୍ପାନୀରୁ ୯ଜଣ ବିଓଡି ମେମ୍ବରର୍ସ, ଗରଦପୁର ବ୍ଲକର ଆଗ୍ରୋଫେସ ୫ଜଣ, କେନ୍ଦ୍ରାପଡା ବ୍ଲକ ତୁଳସୀକ୍ଷେତ୍ର ଫାର୍ମମର୍ସର ୯ଜଣ, ରାଜନଗର ବ୍ଲକର କେରଡା କଳଦୀପ ଫାର୍ମମର୍ସର ୯ଜଣ ନିର୍ଦ୍ଦେଶକ ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକର ହଳଦୀଗଣ୍ଡ ଫାର୍ମମର୍ସର ୮ ଜଣ ଏହି ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିଲେ । ଏହି ସଭାରେ ସିବିବିଓ ଲାଲ ର ସଂପାଦକ କ୍ଷେତ୍ରମୋହନ ବେହେରା ପ୍ରଶିକ୍ଷଣ ଶିବିରର ଆୟୋଜନ ଓ ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ । କୃଷି ବିଭାଗର ପୂର୍ବତନ ଅତିରିକ୍ତ ନିର୍ଦ୍ଦେଶକ ସତ୍ୟ ନାରାୟଣ ମିଶ୍ର ଉପସ୍ଥିତ ଥିବା ନିର୍ଦ୍ଦେଶକ ମାନଙ୍କୁ ସେମାନଙ୍କର ଦାୟୀତ୍ୱ ଓ କର୍ତବ୍ୟ ବିଷୟରେ ବୁଝାଇଥିଲେ । ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ପ୍ରକାଶ ଚନ୍ଦ୍ର ମିଶ୍ର ଚାଷୀ ମାନଙ୍କୁ କିପରି ବିହନ ସାର ସହିତ ଉତ୍ପାଦିତ ସାମଗ୍ରୀକୁ ସଂଗଠନିକ ଭାବେରେ ସଂଗ୍ରହ କରି ଉପଯୁକ୍ତ ବଜାର ମୂଲ୍ୟ ଚାଷୀ ମାନଙ୍କୁ ଦେଇ ହେବ ସେ ବିଷୟରେ ଆଲୋକପାତ କରିଥିଲେ ।

## ପୁରୀ ଜିଲ୍ଲାରେ ନୂଆ ୧୪୧ କରୋନା ପୋଜିଟିଭ୍ ଚିହ୍ନଟ

ପୁରୀ, ୧୬/୦୧ (ନି.ପ୍ର): ପୁରୀ ଜିଲ୍ଲାରେ କରୋନାର ତୃତୀୟ ଲହରର ପ୍ରଭାବ ଆରମ୍ଭ ହୋଇଯାଇଥିବା ଏବଂ ଆକ୍ରାନ୍ତଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଉଥିବା ପରିଲକ୍ଷିତ ହୋଇଛି । ଏହି କ୍ରମରେ ଆଜି ଜିଲ୍ଲାରେ ନୂଆ ୧୪୧ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ନୂଆ ଚିହ୍ନଟ ଏହି ଆକ୍ରାନ୍ତ ମାନଙ୍କ ମଧ୍ୟରେ ଅସ୍ତରଙ୍ଗ ବ୍ଲକରୁ ୨ ଜଣ, ବ୍ରହ୍ମଗିରି ବ୍ଲକରୁ ୯ ଜଣ, ଡ଼େଲାଙ୍ଗ ବ୍ଲକରୁ ୬ ଜଣ, ଗୋପ ବ୍ଲକରୁ ୧୭ ଜଣ, କଣାସ ବ୍ଲକରୁ ୬ ଜଣ, କୃଷ୍ଣପ୍ରସାଦ ବ୍ଲକରୁ ଜଣେ, ନିମାପଡ଼ା ବ୍ଲକରୁ ୪ ଜଣ, ନିମାପଡ଼ା ବିଜ୍ଞାପିତ ଅଂଚଳରୁ ୩ ଜଣ ଆକ୍ରାନ୍ତ ରହିଛନ୍ତି । ସେହିପରି ପିପିଲି ବ୍ଲକରୁ ୧୧ ଜଣ, ପିପିଲି ବିଜ୍ଞାପିତ ଅଂଚଳରୁ ୫ ଜଣ, ପୁରୀ ସଦର ବ୍ଲକରୁ ୧୬ ଜଣ, ସତ୍ୟବାଦୀ ବ୍ଲକରୁ ୧୨ ଜଣ, ପୁରୀ ପୌରାଚଂଳରୁ ୪୭ ଜଣ ରହିଛନ୍ତି । ଏହା ବ୍ୟତୀତ ପୁରୀରେ ରହୁଥିବା ଜିଲ୍ଲା ବାହାର ୨ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ତନ୍ମଧ୍ୟରୁ ଗଞ୍ଜାମ ଜିଲ୍ଲାରୁ ଜଣେ ଏବଂ ଖୋର୍ଦ୍ଧା ଜିଲ୍ଲାରୁ ଜଣେ ଆକ୍ରାନ୍ତ ରହିଛନ୍ତି । ତେବେ ପୁରୀ ପୌରାଚଂଳରୁ ସର୍ବାଧିକ ୪୭ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।

# ଫକୀରମୋହନ ଜୟନ୍ତୀ କାର୍ଯ୍ୟକ୍ରମର ଚତୁର୍ଥ ଦିବସ

## 'ସାଂପ୍ରତିକ କବିତାରେ ପାଠକ ସଂପୃକ୍ତି' ଶୀର୍ଷକ ଆଲୋଚନାଚକ୍ର ଓ କବିତାପାଠ



ବାଲେଶ୍ୱର, ୧୬/୦୧ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ ପାଞ୍ଚଦିନବ୍ୟାପୀ ଅନୁଷ୍ଠିତ ହେଉଥିବା କଥାସମ୍ରାଟ ଫକୀରମୋହନଙ୍କ ୧୮୦ତମ ଜୟନ୍ତୀ ଓ ପରିଷଦର ୭୫ତମ ରତ୍ନୋତ୍ସବର ଆଜି ଚତୁର୍ଥ ଦିବସରେ ଉପସଭାପତି ଦୀନବନ୍ଧୁ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଆୟୋଜିତ 'ସାଂପ୍ରତିକ କବିତାରେ ପାଠକ ସଂପୃକ୍ତି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟର ପ୍ରଫେସର ରୁଦ୍ରାଣୀ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ଯେ କବିତା ହେଉଛି କବିର ସ୍ୱତଃସ୍ଫୁର୍ତ୍ତ ଉଚ୍ଛ୍ୱାସ, ଯାହା କବି ହୃଦୟରୁ ପାଠକ ହୃଦୟକୁ ଆପେ ସଂଚରି ଯାଏ । ନିଜକୁ ବିଜ୍ଞାପିତ କରିବା ପାଇଁ ଉଦ୍ଦେଶ୍ୟ ପ୍ରେରିତ ଯେଉଁ କବିତା ଲେଖାଯାଏ ତାହା ଆଦୌ ପାଠକୀୟ ଶ୍ରଦ୍ଧା ଲାଭ କରିପାରେ ନାହିଁ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଧାପିକା ଡ. ମମତା ସାହୁ ଓ ଅଧାପକ ଡ. ରତ୍ନାକର ସିଂହ କବିତା ହେଉଛି ଆତ୍ମିକ ପ୍ରବୃତ୍ତିର ନୈସର୍ଗିକ ଉପାଦାନ ବୋଲି ମତବ୍ୟକ୍ତ କରିଥିଲେ । ଦ୍ୱିତୀୟ ଅଧିବେଶନରେ ଆୟୋଜିତ କବିତାପାଠ ଉତ୍ସବରେ 'ଚନ୍ଦ୍ରଭାଗା'ର ନିର୍ଦ୍ଦେଶକ କବି ଶ୍ରୀଦେବ ପୌରୋହିତ୍ୟ କରି କହିଲେ ଯେ ଓଡ଼ିଆ କବିତା ଏବେ ଅନ୍ୟ ଭାଷାଭାଷୀ କବିତା ସହ ତାଳ ଦେଇ ଗତି କରୁଛି । ବରେଣ୍ୟ କବି ମନୋଜ ଦାସ, ଜୟନ୍ତ ମହାପାତ୍ର, ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର ପ୍ରମୁଖ ବିଶ୍ୱସ୍ତରରେ ପ୍ରତିଷ୍ଠା ଅର୍ଜନ କରିସାରିଥିବାବେଳେ ଅନେକ ଓଡ଼ିଆ ଯୁବକବିଙ୍କ ମଧ୍ୟରେ ଯଥେଷ୍ଟ ସମ୍ଭାବନା ଦେଖାଦେଇଛି । ଏଥିରେ 'ପ୍ରତିଭାଶ୍ରୀ' ମୁଖ୍ୟ କବି ପ୍ରଶାନ୍ତ ଦାସ ମୁଖ୍ୟବକ୍ତା ଭାବରେ ଯୋଗ କହିଲେ ଯେ କବିପ୍ରାଣର ଆବେଗ ହିଁ କବିତା ହୋଇ ଜନ୍ମ ନିଏ । ସାଧନା ବଳରେ ଆମେ କବିତାକୁ ପରିମାର୍ଜିତ କରିପାରିବା । ଭଲ କବିତା ଲେଖିବା ପାଇଁ କଠୋର ସାଧନାର ଆବଶ୍ୟକତା ରହିଛି । କବିତା ଆସରରେ ଡ. ମମତା ସାହୁ, ସୁଶ୍ରୀ ସତ୍ୟଭାମା ମୁଦୁଲି ଓ ଅଧାପିକା ଜ୍ୟୋସ୍ନା ରାୟଙ୍କ ସଂଯୋଜନାରେ ପଚାଶରୁ ଊର୍ଦ୍ଧ୍ୱ କବି ଓ କବୟିତ୍ରୀମାନେ ସ୍ୱରଚିତ କବିତାପାଠ କରିଥିଲେ । ରାଜେଶ ଗିରି ପ୍ରଥମ ଅଧିବେଶନାରେ ଧନ୍ୟବାଦ ଅର୍ପଣ କରିଥିବାବେଳେ କବିତା ଆସର ଶେଷରେ କଲ୍ୟାଣୀ ନନ୍ଦ ଶେଷକଥା ରଖିଥିଲେ ।

## ଦିବ୍ୟାଙ୍ଗ କମଳାକାନ୍ତ ପାଇଲେ ଗିନିଜ ବୁକ୍ ଅଫ୍ ୱାର୍ଲଡ ରେକର୍ଡ ସ୍ଥାନ

ଭୁବନେଶ୍ୱର, ୧୬/୦୧ (ନି.ପ୍ର): ଓଡ଼ିଶା ପାଇଁ ଖୁସି ଖବର ଆଣିଲେ ଦିବ୍ୟାଙ୍ଗ କମଳାକାନ୍ତ ନାୟକ । ହ୍ୱିଲ୍-ଚେୟାରରେ ସର୍ବାଧିକ ଦୂରତା ଅତିକ୍ରମ କରି ଗିନିଜ୍ ବୁକ୍ ଅଫ୍ ୱାର୍ଲଡ୍ ରେକର୍ଡରେ ସେ ସ୍ଥାନ ପାଇଛନ୍ତି । ପର୍ତ୍ତୁଗାଲର ମାରିଓ ତ୍ରିନିଦାଦ ୧୮୨.୪ କିମି ଦୂରତା ଅତିକ୍ରମ କରି ଗିନିଜ୍ ବୁକ୍‌ରେ ସ୍ଥାନ ଅଧିକାର କରିଥିଲେ । ପୁରୀ ଜିଲ୍ଲାର ଦିବ୍ୟାଙ୍ଗ କମଳାକାନ୍ତ ନାୟକ (୨୮) ତାଙ୍କ ରେକର୍ଡ ଭାଙ୍ଗିବାରେ ସଫଳ ହୋଇଛନ୍ତି । କମଳାକାନ୍ତ ହ୍ୱିଲ୍-ଚେୟାରରେ ୧୮୩.୫୪ କିଲୋମିଟର ଅତିକ୍ରମ କରିସାରିଛନ୍ତି ।

## ଶ୍ରୀ ଜଗନ୍ନାଥ ସେବା ସଂସ୍ଥା ଦ୍ୱାରା କମ୍ବଳ ବଂଟନ



ବାରିପଦା, ୧୬/୦୧ (ନି.ପ୍ର): ଆଜି ବାରିପଦା ସ୍ଥିତ ୨୮ ନଂ ୱାର୍ଡର ବାଗଡିହା ଅଚଂଳର କିଛି ନିରାଶ୍ରୟ ଓ ଅସହାୟ ବୃଦ୍ଧ ଓ ବୃଦ୍ଧା ମାନଙ୍କୁ ଶୀତ ପ୍ରକୋପରୁ ରକ୍ଷା ପାଇବା ପାଇଁ ଶ୍ରୀ ଜଗନ୍ନାଥ ସେବା ସଂସ୍ଥାର ସଭାପତି ପରିତୋଷ ଦାଶଙ୍କ ନେତୃତ୍ୱରେ ଅନେକ ସଦସ୍ୟ ଓ ସଦସ୍ୟାଙ୍କ ସହାୟତାରେ କମ୍ବଳ ବଣ୍ଟନର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସେବା କାର୍ଯ୍ୟରେ ଶ୍ରୀ ଜଗନ୍ନାଥ ସେବା ସଂସ୍ଥାର ରାଜ୍ୟ ସଭାପତି ଶ୍ରୀ ଦାଶଙ୍କ ସହିତ ମୁଖପାତ୍ର ବାପୁ ପାତ୍ର, ନଗର ସମ୍ପାଦକ(ମହିଳା) ରେହେନା ସୁଲତାନା , କାର୍ଯ୍ୟକ୍ରମ ସଂଯୋଜକ ଦିପକ ଦାସ, ସଦସ୍ୟ ସନୁ ଓ ସଦସ୍ୟା ସ୍ନିଗ୍ଧା ଦାଶ , ତପସ୍ୱିନି ସାହୁ ଓ ସରସ୍ୱତୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo